ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, November 17/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 351 | ମୂଲ୍ୟ ₹୭/-



**ହାର୍ମର ପ୍ଲେୟର ଅଫ୍ ଦି ମ୍ୟାଚ**
ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର। ୧୪

୦୨ **କରିସ୍ମାଙ୍କ ଫିଟ୍‌ନେସ୍ ରାଜ୍**
ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ୫୧ ବର୍ଷୀୟ ଅଭିନେତ୍ରୀ କରିସ୍ମା କପୁର ନିୟମିତ ବ୍ୟାୟମ ଓ ସନ୍ତୁଳିତ ଖାଦ୍ୟ ଯୋଗୁ ଫିଟ୍‌ନେସ୍ ବଜାୟ ରଖିଛନ୍ତି।





ସ୍ପେନର ଚେଷ୍ଟସ୍ଥିତ ରିକାର୍ଡୋ ଟୋର୍ମୋ ସର୍କିଟରେ ଅନୁଷ୍ଠିତ ଭାଲେନ୍ସିଆ ମୋଟୋ୩ ଗ୍ରାଁ ପ୍ରି ୨୦୨୫ରେ ଅଂଶଗ୍ରହଣ ଅବସରରେ ଲିଓପାର୍ଡ ରେସିଂର ଆଡ୍ରିଆନ ଫର୍ନାଣ୍ଡେଜ ଆଗରେ।

# ରୋଗୀ ସେବା ବେଳେ ଟଳିପଡ଼ିଲେ ଡାକ୍ତର

**ନୀଳଗିରି, ୧୬।୧୧ (ପ୍ରଶାନ୍ତ ବିଶ୍ୱାଳ)**

ରୋଗୀଙ୍କ ସେବା କରି ଜୀବନ ବଞ୍ଚାଉଥିଲେ। ହେଲେ ରୋଗୀ ଦେଖୁ ଦେଖୁ ହୃଦ୍‌ଘାତରେ ଟଳିପଡ଼ିଲେ କାର୍ଯ୍ୟରତ ଡାକ୍ତର। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ। ମୃତ ଡାକ୍ତର ଜଣକ ହେଲେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ତ୍ରିନାଥ ପାଲ୍(୫୩)। ତାଙ୍କ ଘର ଭଦ୍ରକ ଜିଲା କାଦବରାଙ୍ଗ ଭରସିଙ୍ଗପୁର ଗ୍ରାମରେ। ସୂଚନା ଅନୁଯାୟୀ, ସବୁଦିନ ଭଳି ଡା. ପାଲ୍ ସକାଳେ ବାଲେଶ୍ୱରରୁ ଆସି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓପିଡିରେ ରୋଗୀ ଦେଖୁଥିଲେ। ଏହି ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ନିକଟରେ ଥିବା ବାଥ୍‌ରୁମ୍‌କୁ ଯାଇଥିଲେ। ବାଥ୍‌ରୁମ୍‌ରୁ ସେ ନ ଆସିବାରୁ ଅନ୍ୟ ଡାକ୍ତର ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ



ଡା. ତ୍ରିନାଥ ପାଲ

ଥିଲେ। ବହୁ କଷ୍ଟରେ ସେ ବାଥ୍‌ରୁମ୍ କବାଟ ଖୋଲି ଆସିବା ପରେ ହଠାତ୍ ଖଟରେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା ବେଳେ ୧୯ନଂ. ରାଜ୍ୟ ରାଜପଥ ଆମ୍ବୁଡ଼ିହା ଛକ ନିକଟରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ତାଙ୍କ ମରଶରୀରକୁ କର୍ମକ୍ଷେତ୍ର ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହସ୍ପିଟାଲ କର୍ତ୍ତୃପକ୍ଷ, କର୍ମଚାରୀ ଓ ସହକର୍ମୀ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତ୍ରିନାଥଙ୍କ ସ୍ତ୍ରୀ ପ୍ରତିମା ପାଲ୍, ବଡ଼ପୁଅ ଜ୍ୟୋତିରଞ୍ଜନ ଓ ସାନପୁଅ ପୀୟୁଷ କୁମାର ଅଛନ୍ତି। ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲା କାଦବରାଙ୍ଗ ଭରସିଙ୍ଗପୁର ଗ୍ରାମକୁ ନିଆଯାଇଥିଲା। ସେଠାରେ ବଡ଼ପୁଅ ଜ୍ୟୋତିରଞ୍ଜନ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଡା. ପାଲ୍ କଟକ ଏସ୍‌ସିବି ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ସାରି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଚାକିରି କରିଆସୁଥିଲେ। ସେ ଜଣେ ପରୋପକାରୀ, ଅମାୟିକ, ସରଳ ଓ ନିଷ୍କପଟ ଡାକ୍ତର ଭାବେ ପରିଚିତ ଥିଲେ।

# ଦିଲ୍ଲୀ ବିସ୍ଫୋରଣ: ରହସ୍ୟରେ ୯ ଏମ୍ଏମ୍ ଗୁଳି

**୧୩ ଜଣଙ୍କ ଜୀବନ ଯାଇଥିବା ୧୦/୧୧ ଦିଲ୍ଲୀ ବିସ୍ଫୋରଣକୁ ନେଇ ତଦନ୍ତ ଯେତିକି ଆଗଉଛି, ଦିନକୁ ଦିନ ସେତିକି ଅଧିକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। କିନ୍ତୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏବଂ ଅନ୍ୟ ଏଜେନ୍ସିଗୁଡ଼ିକର ତଦନ୍ତ ଗୋଟିଏ ବିନ୍ଦୁରେ ଅଟକିଯାଇଛି। ତାହା ହେଲା ଲାଲ୍‌କିଲ୍ଲା ବିସ୍ଫୋରଣସ୍ଥଳରୁ ଜବତ ୩ଟି ୯ ମିଲିମିଟର କ୍ୟାଲିବର କ୍ୟାଟ୍ରିଜ୍ ଠାବ ହେବା। ଏହି ଧରଣର ଗୁଳି ସାଧାରଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ। କେବଳ ସୁରକ୍ଷା ବଳ କିମ୍ବା ସ୍ୱତନ୍ତ୍ର ଭାବେ ଅନୁମତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଏହାର ବ୍ୟବହାର ଅନୁମତି ଦିଆଯାଇଥାଏ। ତେଣୁ ଆତ୍ମଘାତୀ ବିସ୍ଫୋରଣ ପଛରେ ଏହି ଗୁଳିର ଭୂମିକା ରହିଥିଲା କି? ଆଇ୨୦ କାର୍ ଚଳାଇ ଲାଲ୍‌କିଲ୍ଲାକୁ ଯାଇଥିବା ଡାକ୍ତର ଉମର ଉନ୍ ନବୀ କିମ୍ବା ଆଉ କିଏ ଏହି ଗୁଳି ବ୍ୟବହାର କରିଥିଲେ, ତାକୁ ନେଇ ନାନା ପ୍ରଶ୍ନ ଉଠିଲାଣି। ୯ ଏମ୍ଏମ୍ ଗୁଳିର ରହସ୍ୟ ଉନ୍ମୋଚିତ ହେଲେ ତଦନ୍ତକୁ ନୂଆ ଦିଗ ମିଳିପାରେ ବୋଲି ମନେକରାଯାଉଛି।**



୯ ଏମ୍ଏମ୍ ଗୁଳି

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି)**

ନଭେମ୍ବର ୧୦ ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଲାଲ୍‌କିଲ୍ଲା ନିକଟରେ ଏକ ବଡ଼ଧରଣର ବିସ୍ଫୋରଣରେ ଥରି ଉଠିଥିଲା ଜାତୀୟ ରାଜଧାନୀ। ଚାହିଁ ଚାହିଁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଆନେକେ ଆହତ ହେବା ପରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା। ୨୦୦୮ ସେପ୍ଟେମ୍ବର ୧୩ ସିରିଏଲ୍ ବ୍ଲାଷ୍ଟ ଏବଂ ୨୦୧୧ ସେପ୍ଟେମ୍ବର ୭ ହାଇକୋର୍ଟ ଗେଟ୍ ନମ୍ବର ୩ର ବିସ୍ଫୋରଣ ପରେ କଡ଼ା ସୁରକ୍ଷା ବଳୟରେ ଥିବା ଦିଲ୍ଲୀରେ ଏହା ଥିଲା ଆତଙ୍କବାଦୀଙ୍କ ସବୁଠି ଆକ୍ରମଣ। ତେଣୁ ଏହି ଆତ୍ମଘାତୀ ବିସ୍ଫୋରଣର ତଦନ୍ତ ଏନ୍ଆଇଏକୁ ଦିଆଯାଇଛି। ଦିଲ୍ଲୀ ପୋଲିସ ସମେତ ଅନ୍ୟ କେତେକ ସୁରକ୍ଷା ଏଜେନ୍ସି ମଧ୍ୟ ବିସ୍ଫୋରଣକୁ ନେଇ ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ ଓ ଜମ୍ମୁ-କଶ୍ମୀରରେ ଏନେଇ ତନାଘନା ଚଳାଇଛନ୍ତି। ଇତିମଧ୍ୟରେ ଲାଲ୍‌କିଲ୍ଲା ବିସ୍ଫୋରଣସ୍ଥଳରୁ ମିଳିଥିବା କିଛି ସୁରାକ୍ ସମସ୍ତଙ୍କୁ ଚକିତ କରିଦେଇଛି। ଜମ୍ମୁ-କଶ୍ମୀର ପୁଲ୍‌ୱାମା ନିବାସୀ ୩୫ ବର୍ଷୀୟ ଡାକ୍ତର ଉମର ଉନ୍ ନବୀ ଆତ୍ମଘାତୀ କାଣ୍ଡ ଭିଆଇବା ପୂର୍ବରୁ ନିଜ ହୁଣ୍ଡାଇ ଆଇ୨୦ କାର୍‌ରେ ବିପୁଳ ବିସ୍ଫୋରକ ନେଇ ଜନଗହଳିପୂର୍ଣ୍ଣ ଲାଲ୍ କିଲ୍ଲା ପରିସରକୁ ଯାଇଥିଲେ। ବିସ୍ଫୋରଣ ପରେ କାର୍ ସହ ସେ ଜଳିଯାଇଥିବାବେଳେ ଅନ୍ୟ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି କାର୍ ଭଗ୍ନାବଶେଷ ନିକଟରୁ ଏବେ ୩ଟି ୯ ଏମ୍ଏମ୍ ଗୁଳି ମିଳିଛି। ସେଥିରୁ ୨ଟି ଜୀବନ୍ତ ଓ ଗୋଟିଏ ବ୍ଲାଙ୍କ୍ କ୍ୟାଟ୍ରିଜ୍। ଏହି ଧରଣର ଗୁଳି କେବଳ ସାମରିକ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ବିସ୍ଫୋରଣସ୍ଥଳକୁ ତାହା କିପରି ଆସିଲା ସେନେଇ ତମାମ୍ ସୁରକ୍ଷା ଏଜେନ୍ସି ତଦନ୍ତ ଚଳାଇଛନ୍ତି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଘଟଣାସ୍ଥଳରେ ସେଦିନ ଉପସ୍ଥିତ ଥିବା ଦିଲ୍ଲୀ ପୋଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ କ୍ୟାଟ୍ରିଜ୍ ଯାଞ୍ଚ କରାଯାଇଛି। ସେମାନଙ୍କ ମଧ୍ୟରୁ କାହାର କ୍ୟାଟ୍ରିଜ୍ ଊଣା ହୋଇନାହିଁ। ଯାହାଙ୍କୁ ଯେତିକି ଗୁଳି ଆଲଟ୍ କରାଯାଇଥିଲା ସେମାନଙ୍କ ନିକଟରେ ସେତିକି କ୍ୟାଟ୍ରିଜ୍ ରହିଛି। ଅଲ୍-ଫଲାହ ୟୁନିଭର୍ସିଟିରେ ପଢ଼ାଉଥିବା ଡାକ୍ତର ଉମରଙ୍କ ଗାଡ଼ିରେ ସେହି ଗୁଳି ଥିଲା କି ତାହା ଉପରେ ବର୍ତ୍ତମାନ ତନାଘନା ଚାଲିଥିବା ସୂତ୍ରରୁ ଜଣାପଡ଼ିଛି। ଯଦି ଉମର ନିଜେ କାର୍‌ରେ ଉକ୍ତ ଗୁଳିକୁ ନେଇ ଯାଇ ନ ଥିଲେ, ତେବେ ଏହି ବିସ୍ଫୋରଣ ପଛରେ ଆଉ କିଏ ଅଛନ୍ତି ତାହା ଅଧିକ ଖୋଳତାଡ଼ କଲେ ପଦାକୁ ଆସିପାରେ। ସୂତ୍ରରୁ ଆହୁରି ସାମ୍ନାକୁ ଆସିଛି ଯେ, ଲାଲ୍‌କିଲ୍ଲା ବିସ୍ଫୋରଣରେ ଟ୍ରାଇଆସେଟୋନ୍ ଟ୍ରାଇପେରୋକ୍ସାଇଡ୍ (ଟିଏଟିପି) ବ୍ୟବହାର କରାଯାଇଥିଲା। 'ମଦର ଅଫ୍ ସଟନ୍' ନାମରେ ପରିଚିତ ଟିଏଟିପି ହେଉଛି ଏକ ଅତ୍ୟନ୍ତ ଭୋଲାଟାଇଲ୍ ବିସ୍ଫୋରକ। ବିନା ଡିଟୋନେଟରରେ ଏହାର ବିସ୍ଫୋରଣ ହୋଇଥାଏ। ☞ପୃଷ୍ଠା-୪

# ଦାରିଙ୍ଗବାଡିରେ ୮ ଡିଗ୍ରୀ, ଭୁବନେଶ୍ୱରରେ ୧୩

**ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)**

**ଶୀତ ଲହରି: ତଳମୁହାଁ ପାରଦ**

- **୬ ଜିଲାକୁ ୟେଲୋ ୱାର୍ନିଂ, ଶ୍ରୀଲଙ୍କା ଉପକୂଳରେ ଲଘୁଚାପ**

ଆଭ୍ୟନ୍ତରରୁ ଉପକୂଳ ଓ ପଶ୍ଚିମରୁ ଦକ୍ଷିଣ ଓଡ଼ିଶା ସବୁଠି ଏବେ ଶୀତର ଲହରି ଜାରି ରହିଛି। ପାରଦ ତଳମୁହାଁ ରହିଥିବାବେଳେ ରବିବାର ରାଜ୍ୟର ୨୦ ଜିଲାର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିବାବେଳେ ଫୁଲବାଣୀ ୯, ରାଉରକେଲା ୧୦.୨, ଭଦ୍ରକ ୧୦.୫, ଅନୁଗୋଳ ଓ ଝାରସୁଗୁଡାରେ ୧୦.୬ ଡିଗ୍ରୀ, କେନ୍ଦୁଝରେ ୧୦.୮, ଭବାନୀପାଟଣା ୧୧.୪, କୋରାପୁଟ ୧୧.୫, ନବରଙ୍ଗପୁର ୧୧.୬, ଢେଙ୍କାନାଳ ୧୨.୩, ସୁନ୍ଦରଗଡ଼ ୧୨.୪, ସୋନପୁର ଓ ଭୁବନେଶ୍ୱରରେ ୧୩, ବଲାଙ୍ଗୀର ୧୩.୨, କଟକ ୧୩.୬, ବାରିପଦା ୧୩.୮, ଟିଟିଲାଗଡ ଓ ସମ୍ବଲପୁରରେ ୧୪.୨ ଏବଂ ରାୟଗଡ଼ାରେ ୧୪.୪ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆଗାମୀ ୨୪ଘଣ୍ଟା ଯାଏ ଖୋର୍ଦ୍ଧା, କଟକ, ଅନୁଗୋଳ, ଝାରସୁଗୁଡା, ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆଗାମୀ ୨ ଦିନ ଯାଏ ଏଭଳି ସ୍ଥିତି ଜାରି ରହିବ। ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବ। ☞ପୃଷ୍ଠା-୪




# ପୋଲିସ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର/ ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲାର ଭେଜିଠାରେ ଥିବା ଜଙ୍ଗଲରେ ରବିବାର ସକାଳୁ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ମୃତ ମାଓବାଦୀ ମଧ୍ୟରୁ ୨ ଜଣ ମହିଳା ରହିଛନ୍ତି। ଘଟଣାସ୍ଥଳରୁ ବନ୍ଧୁକ ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ ରବିବାର ସକାଳୁ ଡିଆରଜି ବାହିନୀ ସୁକୁମା ଜିଲା ଭେଜି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ପାତ୍ର ଥିଲେ ସିନା

# ପରାଜୟ ପରେ ପାରିବାରିକ ବିଭ୍ରାଟ | ଲାଲୁଙ୍କ ଘର ଛାଡ଼ିଲେ ଆଉ ୩ ଝିଅ

**ପାଟନା, ୧୬।୧୧**

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ପରାଜୟ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପାରିବାରିକ ବିଭ୍ରାଟର କାରଣ ହୋଇଛି। ଲାଲୁଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ି ପରିବାର ସହ ସମ୍ପର୍କ ତୁଟାଇ ଦେଇଥିବାବେଳେ ରବିବାର ଆଉ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା ପାଟନାସ୍ଥିତ ବାସଭବନ ତ୍ୟାଗ କରିଛନ୍ତି। ଏହି ଘଟଣା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପରିବାରରେ ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇବା ସହ ଦଳକୁ ମଧ୍ୟ ଆହୁରି ଦୁର୍ବଳ କରିବ ବୋଲି କୁହାଯାଉଛି। ଡାକ୍ତର ରୋହିଣୀ ଆଚାର୍ଯ୍ୟ ଶନିବାର ସୋସିଆଲ ମିଡିଆରେ ବିସ୍ଫୋରକ ମନ୍ତବ୍ୟ ଦେଇଥିଲେ। ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ବିଷୟ ସେ 'X'ରେ ଏକ ପୋଷ୍ଟ କରି ଲେଖିଥିଲେ। ଏହାର ଦିନକ ପରେ ରୋହିଣୀ ଆହୁରି କହିଛନ୍ତି, ୨୦୨୨ରେ ବାପାଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ସେ ଗୋଟିଏ କିଡ୍‌ନୀ ଦାନ କରିଥିଲେ, ଯାହାକି ଲାଲୁଙ୍କ ଦେହରେ ପ୍ରତିରୋପଣ କରାଯାଇଥିଲା। କିନ୍ତୁ ପରିବାର ଲୋକେ ଅଭିଯୋଗ ଆଣୁଛନ୍ତି, ଲାଲୁଙ୍କୁ ସେ ଖରାପ କିଡ୍‌ନୀ ଦେଇ ଏହା ବିନିମୟରେ ଅନେକ କୋଟି ଟଙ୍କା ନେଇ ଆର୍‌ଜେଡି ଟିକେଟ କିଣିଥିଲେ। ଏପରି କି ଘର ଲୋକେ ତାଙ୍କ ଉପରକୁ ଜୋତା ଫିଙ୍ଗିଥିବା ମଧ୍ୟ ସେ ଏକ ଭାବପୂର୍ଣ୍ଣ ପୋଷ୍ଟରେ ଅଭିଯୋଗ ଆଣିଛନ୍ତି। ଶନିବାର ରାତିରେ ସିଙ୍ଗାପୁର ଚାଲିଯାଇଥିବା ରୋହିଣୀ ୨୦୨୪ ଲୋକ ସଭା ନିର୍ବାଚନ ବେଳେ ସରନ ଆସନରୁ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ହାରିଯାଇଥିଲେ।

ଲାଲୁଙ୍କ ୭ ଝିଅ ଓ ୨ ପୁଅ ଅଛନ୍ତି। ତେଜପ୍ରତାପ ଯାଦବ ବଡ଼ ପୁଅ ଓ ତେଜସ୍ୱୀ ସାନପୁଅ। ପାଟଳିପୁତ୍ର ଏମ୍‌ପି ☞ପୃଷ୍ଠା-୪



ଲାଲୁ ପ୍ରସାଦ ଯାଦବଙ୍କ ସହ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା।

## ସଂକ୍ଷେପରେ

### ଅପରେଶନ ସିନ୍ଦୂରରୁ କିଛି ଲାଭ ମିଳିଲାନି: ଫାରୁକ୍

ଶ୍ରୀନଗର,୧୬।୧୧

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ଏବଂ ଅପରେଶନ ସିନ୍ଦୂରକୁ ନେଇ ଶନିବାର ୨ଟି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଡାକ୍ତରମାନେ କାହିଁକି ଆତଙ୍କବାଦ ପନ୍ଥା ଆପଣାଉଛନ୍ତି, ତାହାର କାରଣ ଖୋଜି ବାହାର କରିବାକୁ ଫାରୁକ୍ ଆହ୍ୱାନ ଦେଇଛନ୍ତି। ଏଥିପାଇଁ କିଏ ଦାୟୀ ଓ ଏହାର କାରଣ କ'ଣ ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ। ସଦ୍ୟତମ ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ପରେ ଆଉ ଏକ ଅପରେଶନ ସିନ୍ଦୂର ଘଟିବା ସମ୍ଭାବନା ନେଇ ସେ ଚିନ୍ତାପ୍ରକଟ କରିଛନ୍ତି। ସେ ଆହୁରି କହିଛନ୍ତି, ଗତ ମେ' ମାସରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଚଳାଇଥିବା ଅପରେଶନ ସିନ୍ଦୂରରୁ କୌଣସି ଫାଇଦା ମିଳିନାହିଁ। ଏଥିରେ ଆମର ୮ ଜଣ ଲୋକଙ୍କ ମୃତ୍ୟୁ ଘଟିଲା ଓ ଆମ ସୀମାକୁ ନେଇ ବୁଝାମଣା କରାଗଲା। ଉଭୟ ଦେଶ ସମ୍ପର୍କ ବଢ଼ାଇବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ଆଶା କରୁଛନ୍ତି। ନୌଗାମ ଥାନାରେ ଥିବା ବିସ୍ଫୋରକର ଭୁଲ୍ ପରିଚାଳନାରୁ ବିସ୍ଫୋରଣ ହୋଇ ୯ ଜଣଙ୍କ ଜୀବନ ଗଲା ବୋଲି ଫାରୁକ୍ କହିଛନ୍ତି।

### ୨୦୨୮ରେ ଚନ୍ଦ୍ରୟାନ-୪ ଲଞ୍ଚ୍ କରିବ ଇସ୍ରୋ



ଭି. ନାରାୟଣନ

କୋଲକାତା,୧୬।୧୧

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଚଳିତ ଆର୍ଥିକ ବର୍ଷରେ ଆଉ ୭ଟି ଉତ୍କ୍ଷେପଣ ଯୋଜନା ରଖିଛି। ୨୦୨୭ରେ ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ଅଭିଯାନ ହେବାକୁ ଥିବାବେଳେ ୨୦୨୮ରେ ଚନ୍ଦ୍ରୟାନ-୪ ଚନ୍ଦ୍ର ଅଭିମୁଖେ ପ୍ରେରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ପିଟିଆଇ ସହ ଏକ ସାକ୍ଷାତ୍କାରରେ ସେ କହିଛନ୍ତି, ବିଜ୍ଞାନ, ପ୍ରଯୁକ୍ତି ଓ ଶିଳ୍ପ ସାମର୍ଥ୍ୟରେ ଇସ୍ରୋ ଦ୍ରୁତ ଅଭିବୃଦ୍ଧି କରୁଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟବସାୟିକ ଯୋଗାଯୋଗ ସାଟେଲାଇଟ୍ ସମେତ ଏକାଧିକ ପିଏସ୍‌ଏଲ୍‌ଭି ଏବଂ ଜିଏସ୍‌ଏଲ୍‌ଭି ମିଶନ କାର୍ଯ୍ୟକାରୀ ହେବ। ଭାରତୀୟ ଶିଳ୍ପ ଦ୍ୱାରା ପ୍ରଥମ ପିଏସ୍‌ଏଲ୍‌ଭି ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ଯାଉଛି। ଚନ୍ଦ୍ରୟାନ-୪ ମିଶନକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ମିଶନରେ ଚନ୍ଦ୍ରପୃଷ୍ଠରୁ ନମୁନା ଆଣି ଚନ୍ଦ୍ରୟାନ ଫେରିବା ଯୋଜନା ରହିଥିବାରୁ ଏହା ଦେଶର ସବୁଠୁ ଜଟିଳ ଚନ୍ଦ୍ର ଅଭିଯାନ ବୋଲି ନାରାୟଣନ କହିଛନ୍ତି। ଆଉ ଏକ ମୁଖ୍ୟ ମିଶନ ହେଲା ଲୁପେକ୍ସ, ଯାହାକି ଏକ ମିଳିତ ଚନ୍ଦ୍ର ମେରୁ ଆବିଷ୍କାର କାର୍ଯ୍ୟକ୍ରମ। ଜେଏଏକ୍ସଏ (ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି) ସହ ଇସ୍ରୋ ମିଳିତ ଭାବେ ଏହି ମିଶନ ଦିଗରେ କାର୍ଯ୍ୟ କରୁଛି।




ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣ ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ରବିବାର ଭାଜପା ନେତା ତଥା ୟୁନାଇଟେଡ୍ ହିନ୍ଦୁ ଫ୍ରଣ୍ଟର ଅନ୍ତର୍ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଜୟ ଭଗବାନ୍ ଗୋୟଲ (ମଝି) ଓ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ରାଜ୍ୟପାଳ

### ପଶ୍ଚିମବଙ୍ଗ ରାଜଭବନରେ ଅସ୍ତ୍ର ଗଚ୍ଛିତ ଥିବା ଅଭିଯୋଗ

କୋଲକାତା,୧୬।୧୧

ପଶ୍ଚିମବଙ୍ଗ ରାଜଭବନ ପରିସରରେ ଭାଜପା ନେତାମାନଙ୍କ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରଖିବା ପାଇଁ ଅନୁମତି ଦିଆଯାଇଥିବା ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ଶନିବାର ଅଭିଯୋଗ ଆଣିବା ପରେ ଏହାକୁ ନେଇ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି। ହୁଗ୍‌ଲି ଜିଲା ଶ୍ରୀରାମପୋରର ଏମ୍‌ପି କହିଛନ୍ତି, ରାଜ୍ୟପାଳ ଅପରାଧୀ (ଭାଜପା ନେତା)ମାନଙ୍କୁ ରାଜଭବନ କମ୍ପ୍ଲେକ୍ସରେ ଆଶ୍ରୟ ଦେବା ସହ ଶାସକ ଦଳ କର୍ମୀଙ୍କ ଉପରେ ଆକ୍ରମଣ ପାଇଁ ଅସ୍ତ୍ର ଯୋଗାଉଛନ୍ତି। ତାଙ୍କର ଏଭଳି ଅଭିଯୋଗର ଦିନକ ପରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଟିଏମ୍‌ସି ଏମ୍‌ପିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଧମକ ଦେଇଛନ୍ତି।

ଏଭଳି ଅକ୍ଷମ ରାଜ୍ୟପାଳ ରହିଥିବା ପର୍ଯ୍ୟନ୍ତ ସେ ପଶ୍ଚିମବଙ୍ଗର ହିତ କଦାପି ଦେଖିପାରିବେ ନାହିଁ ବୋଲି କଲ୍ୟାଣ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ଉତ୍ତେଜନାପୂର୍ଣ୍ଣ ଓ ଦାୟିତ୍ୱହୀନତା ବୋଲି ରାଜ୍ୟପାଳ ଆନନ୍ଦ କହିବା ସହ କଲ୍ୟାଣ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି



କଲ୍ୟାଣ ବାନାର୍ଜୀ



ସି.ଭି. ଆନନ୍ଦ ବୋଷ୍

କରିଛନ୍ତି। ଯଦି ସେ କ୍ଷମା ନ ମାଗନ୍ତି, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟପାଳ କହିଛନ୍ତି। ଜନସାଧାରଣ ଓ ଖବରଦାତାଙ୍କ ସମେତ ୧୦୦ ଜଣ ରାଜଭବନ ଆସି ଏହା ପରିସରରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ରହିଥିବା ନେଇ ଯାଞ୍ଚ କରିବାକୁ ଅନୁମତି ଦିଆଯାଇଥିବା ରାଜ୍ୟପାଳ କହିଛନ୍ତି। କଲ୍ୟାଣ ବାନାର୍ଜୀ କ୍ଷମା ମାଗନ୍ତୁ ବୋଲି ଦାବି କରି ରାଜଭବନ ତରଫରୁ ଇତିମଧ୍ୟରେ ଆନୁଷ୍ଠାନିକ ବିବୃତି ଜାରି ହୋଇଛି। ଏମ୍‌ପିଙ୍କ ଅଭିଯୋଗ ରାଜ୍ୟପାଳଙ୍କୁ ମିଳିଥିବା ଜେଡ୍ ପ୍ଲସ୍ ସୁରକ୍ଷାର ଉଲ୍ଲଂଘନ ହୋଇଥିବାରୁ ଏହାର ତୁରନ୍ତ ତଦନ୍ତ ପାଇଁ ରାଜଭବନ ଆହ୍ୱାନ ଦେଇଛି।

# ମେକ୍ସିକୋରେ ବିକ୍ଷୋଭ ବେଳେ ହିଂସା

### ମେୟରଙ୍କୁ ହତ୍ୟା ପରେ ତାତିଲେ ଜେନ୍ ଜି

ମେକ୍ସିକୋ ସିଟି,୧୬।୧୧

ମିଚୋଆକାନ୍ ମେୟର କାର୍ଲୋସ ମାଞ୍ଜୋଙ୍କୁ ହତ୍ୟା ଘଟଣା ପରେ ମେକ୍ସିକୋରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହୋଇଛି। ସାରା ମେକ୍ସିକୋରେ ଅନେକ ହଜାର ବିକ୍ଷୋଭକାରୀ ଶନିବାର 'ଜେନେରେଶନ ଜି' ବ୍ୟାନରରେ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଅପରାଧ, ଦୁର୍ନୀତି ଏବଂ ଦଣ୍ଡମୁକ୍ତି ବିରୋଧରେ ମେକ୍ସିକୋ ସିଟିରେ ଜେନ୍ ଜି ସଦସ୍ୟମାନେ ବିକ୍ଷୋଭ କରୁଥିବାବେଳେ ଏହାକୁ ବିରୋଧୀ ଦଳଗୁଡ଼ିକର ପୁରୁଣା ସମର୍ଥକମାନେ ଦୃଢ଼ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିବାବେଳେ ଶେଷ ମୁହୂର୍ତ୍ତରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ



ମେକ୍ସିକୋ ସିଟିରେ ଜେନ୍ ଜି ଏବଂ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ହୋଇଥିଲା। ବିକ୍ଷୋଭକାରୀ ଢେଲା, ଲାଠି, ଚେନ୍‌ରେ ପୋଲିସକୁ ଆକ୍ରମଣ କରିବା ସହ ପୋଲିସ ଢାଲ ଓ ଅନ୍ୟାନ୍ୟ ଉପକରଣ ଛଡ଼ାଇ ନେଇଥିଲେ। ଏହି ସଂଘର୍ଷରେ ୧୦୦ ପୋଲିସ ଅଫିସରଙ୍କ ସମେତ ୧୨୦ ଜଣ ଆହତ ହୋଇଥିବା ରାଜଧାନୀର ସୁରକ୍ଷା ସମ୍ପାଦକ ପାବ୍ଲୋ ଭାଜ୍‌କ୍ୱେଜ୍ କହିଛନ୍ତି। ୨୦ ଜଣଙ୍କୁ ଗିରଫ କରାଯାଇଛି।

ବିଭିନ୍ନ ଦେଶରେ ୯୦ ଦଶକ ଶେଷଭାଗ ଏବଂ ୨୦୧୦ ଦଶକ ପ୍ରଥମ ଭାଗ ମଧ୍ୟରେ ଜନ୍ମିତ ଯୁବଗୋଷ୍ଠୀ ଅସମାନତା, ଗଣତାନ୍ତ୍ରିକ ପତନ ଏବଂ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରୁଛନ୍ତି। ଗତ ସେପ୍ଟେମ୍ବରରେ ନେପାଳରେ ବହୁସଂଖ୍ୟାରେ ଜେନ୍ ଜି ବିକ୍ଷୋଭରେ ସାମିଲ ହେବାରୁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଦୁର୍ନୀତି ଏବଂ ହିଂସ୍ର ଅପରାଧ ଘଟଣାରେ ଦଣ୍ଡ ମୁକ୍ତି ଭଳି ବ୍ୟବସ୍ଥାଗତ ସମସ୍ୟାକୁ ନେଇ ବହୁସଂଖ୍ୟାରେ ଯୁବବର୍ଗ ନିରାଶ ହୋଇପଡ଼ିଥିବା କହିଛନ୍ତି। ଆମେ ଅଧିକ ସୁରକ୍ଷା ଚାହୁଁ ବୋଲି ୨୯ ବର୍ଷୀୟ ବିଜ୍‌ନେସ୍ କନ୍‌ସଲ୍ଟାଣ୍ଟ ଆଣ୍ଡ୍ରେସ୍ ମାସା କହିଛନ୍ତି। ଜେନ୍ ଜି ବିକ୍ଷୋଭର ବୈଶ୍ୱିକ ପ୍ରତୀକ ଖପୁରି ଥିବା ପତାକା ସେ ଧରିଥିବା ଦେଖାଯାଇଥିଲା। ମିଚୋଆକାନ୍‌ର ଲୋକପ୍ରିୟ ମେୟରଙ୍କ ସମେତ ନିକଟରେ ଦେଶରେ ବହୁ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ଘଟିଥିବା ସତ୍ତ୍ୱେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡ଼ିଆ ଶେଇନବମ୍‌ଙ୍କ ପ୍ରତି ଉଚ୍ଚ ଅନୁମୋଦନ ହାର ରହିଛି। ଦକ୍ଷିଣପନ୍ଥୀ ଦଳଗୁଡ଼ିକୁ ଜେନ୍ ଜି ଆନ୍ଦୋଳନରେ ଜବରଦସ୍ତି ସାମିଲ ହେବା ସହ ଉପସ୍ଥିତି ବଢ଼ାଇବା ପାଇଁ ସୋସିଆଲ ମିଡିଆ ଜରିଆରେ ଉଦ୍ୟମ ଚଳାଇଥିବା ଶେଇନବମ୍ କହିଛନ୍ତି।

### ମହୁଆଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବ ସିବିଆଇ

#### ପ୍ରଶ୍ନ କରିବାକୁ ଲାଞ୍ଚ ନେବା ମାମଲା

କୋଲକାତା,୧୬।୧୧

ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ଅଭିଯୁକ୍ତ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ସିବିଆଇ ୪ ସପ୍ତାହ ମଧ୍ୟରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିବାକୁ ଯାଉଛି। ଲୋକପାଳଙ୍କଠାରୁ ଅନୁମତି ମିଳିବା ପରେ ସିବିଆଇ ପଶ୍ଚିମବଙ୍ଗ ନଦିଆ ଜିଲାର କ୍ରିଷ୍ଣାନଗର ଏମ୍‌ପିଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଛି। ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କଠାରୁ ଟଙ୍କା ଓ ଉପହାର ନେଇ ମହୁଆ ଲୋକ ସଭାରେ ଶିଳ୍ପପତି ଗୌତମ ଆଦାନୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନଙ୍କ ଉପରେ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଥିଲା। ମହୁଆଙ୍କ ବିରୋଧରେ ସିବିଆ ତଦନ୍ତ ପାଇଁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦାବି କରିଥିଲେ।

### ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ: ୫ ଗିରଫ

#### ୧ କେ.ଜି. ହେରୋଇନ୍, ୬ ପିସ୍ତଲ ଜବତ

ଚଣ୍ଡିଗଡ଼,୧୬।୧୧(ପି.ଟି.)

ପଞ୍ଜାବ ପୋଲିସ ୬ଟି ଅତ୍ୟାଧୁନିକ ପିସ୍ତଲ ଏବଂ ୧.୧୦ କେ.ଜି. ହେରୋଇନ୍ ସହ ୫ ଜଣଙ୍କୁ ଗିରଫ କରିବା ଫଳରେ ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର ଓ ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଗିରଫ ଅଭିଯୁକ୍ତମାନେ ପାକିସ୍ତାନରେ ଥିବା ପରିଚାଳକମାନଙ୍କ ସହ ସୋସିଆଲ୍ ମିଡିଆ ଏବଂ ଡ୍ରୋନ୍ ଯୋଗେ ଯୋଗାଯୋଗରେ ଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ଅମୃତସର କମିଶନରେଟ୍ ପୋଲିସ ଏହି ଚଢ଼ାଉ କରି ଡ୍ରଗ୍ସ ଓ ଅସ୍ତ୍ର ଚାଲାଣ ଯୋଜନାକୁ ପଣ୍ଡ କରିଦେଇଛି। ଜବତ ଅସ୍ତ୍ର ମଧ୍ୟରେ ୫ଟି ପଏଣ୍ଟ ଥ୍ରୀ ଜିରୋ ବୋର୍ ଏବଂ ଗୋଟିଏ ଗ୍ଲୋକ୍-୯ ଏମ୍‌ଏମ୍ ପିସ୍ତଲ ରହିଥିବା ଡିଜିପି ଗୌରବ ଯାଦବ କହିଛନ୍ତି। ପଞ୍ଜାବରେ ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ପହଞ୍ଚାଇବାରେ ଡ୍ରୋନ୍ ବ୍ୟବହାର କରାଯାଉଥିଲା। ଅସ୍ତ୍ରଶସ୍ତ୍ର ଆଇନ, ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରପିକ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆଇନ ବଳରେ ଛେହର୍ଟା ଏବଂ ଅମୃତସର କ୍ୟାଣ୍ଟନମେଣ୍ଟ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଉକ୍ତ ନେଟ୍‌ୱର୍କକୁ ଧ୍ୱଂସ କରିବା ସହ ଏହାର ପରିଚାଳକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି।

# ବିହାର ଏନ୍‌ଡିଏରେ କ୍ଷମତା ବଣ୍ଟନ ଚୂଡ଼ାନ୍ତ

#### ଜେଡିୟୁରୁ ୧୪ ମନ୍ତ୍ରୀ ହୋଇପାରନ୍ତି

ନୂଆଦିଲ୍ଲୀ,୧୬।୧୧

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ୨୦୨ ଆସନରେ ବିଜୟୀ ହୋଇଥିବାବେଳେ ଆସନ୍ତା ୧୯ କିମ୍ବା ୨୦ରେ ନୂଆ ସରକାର ଶପଥ ଗ୍ରହଣ କରିବା ଆଶା କରାଯାଉଛି। ଏଥିପାଇଁ ପାଟନାର ଗାନ୍ଧୀ ମଇଦାନରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ମେଣ୍ଟ ସହଯୋଗୀଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଜେଡିୟୁ ନେତା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଥିବାବେଳେ ଭାଜପାକୁ ଅଧିକ ମନ୍ତ୍ରୀପଦ ମିଳିପାରେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଏ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଭାଜପାକୁ ୧୫ରୁ ୧୬ ଏବଂ ଜେଡିୟୁରୁ ୧୪ ଜଣଙ୍କୁ ମନ୍ତ୍ରୀପଦ ମିଳିପାରେ। ଭାଜପା ୮୯ ଆସନ ଜିତିଥିବାବେଳେ ଜେଡିୟୁ ୮୫ ଆସନରେ ବିଜୟୀ ହୋଇଥିଲା। ୧୯ ଆସନ ହାସଲ କରିଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି (ରାମବିଳାସ)କୁ ୩ ମନ୍ତ୍ରୀ ପଦ ମିଳିପାରେ। ସେହିପରି ଜିତନରାମ ମାନ୍‌ଝିଙ୍କ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ୫ ଆସନ ଏବଂ ଉପେନ୍ଦ୍ର କୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ଯଥାକ୍ରମେ ୫ ଓ ୪ ଆସନ ଜିତିଥିବାବେଳେ ଉଭୟ ଦଳରୁ ଜଣେ ଲେଖାଏ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି। ପ୍ରତି ୬ ବିଧାୟକରେ ଜଣକୁ ମନ୍ତ୍ରୀ କରିବା ପାଇଁ ସ୍ଥିର ହୋଇଛି।

### ନିର୍ବାଚନରେ ଲାଗିଥିଲା ୧୪ ହଜାର କୋଟିର ବିଶ୍ୱବ୍ୟାଙ୍କ ପାଣ୍ଠି

#### ଜନ ସୁରାଜ ପାର୍ଟିର ଅଭିଯୋଗ

ନୂଆଦିଲ୍ଲୀ,୧୬।୧୧

ବିଭିନ୍ନ ପ୍ରକଳ୍ପରେ ବିନିଯୋଗ ପାଇଁ ଉଦ୍ଦିଷ୍ଟ ୨୧,୦୦୦ କୋଟି ଟଙ୍କା ବିଶ୍ୱବ୍ୟାଙ୍କ ପାଣ୍ଠିରୁ ୧୪,୦୦୦ କୋଟି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହିଳା ଭୋଟରଙ୍କ ଆକାଉଣ୍ଟକୁ ପଠାଯାଇଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ରବିବାର ଅଭିଯୋଗ କରିଛି। ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁହେବାର ମାତ୍ର ଘଣ୍ଟାଏ ପୂର୍ବରୁ ଏହି ଅର୍ଥକୁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ବିନିଯୋଗ ପାଇଁ ମଞ୍ଜୁରୀ ଦିଆଯାଇଥିଲା ବୋଲି ଦଳର ମୁଖପାତ୍ର ପବନ ବର୍ମା କହିଛନ୍ତି। ବିହାରରେ ସାର୍ବଜନିକ ଋଣ ପରିମାଣ ୪,୦୬,୦୦୦ କୋଟି ଏବଂ ଦୈନିକ ସୁଧ ପରିମାଣ ୬୩ କୋଟି ଟଙ୍କା। ଏଭଳି ସ୍ଥିତିରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ୧୪,୦୦୦ କୋଟି ଟଙ୍କା କାଢ଼ିନିଆଯାଇ ରାଜ୍ୟର ୧.୨୫ କୋଟି ମହିଳାଙ୍କୁ ବଣ୍ଟନ କରାଯାଇଥିବା ବର୍ମା କହିଛନ୍ତି।

## ଫୁରସତ୍

# ତିବ୍ବତ ଉପରେ ଉଡ଼େନାହିଁ ବିମାନ

ଆଜିକାଲି ଅଧିକାଂଶ ଲୋକ ସମୟ ବଞ୍ଚାଇବା ପାଇଁ ବିମାନରେ ଯାତ୍ରା କରନ୍ତି। କମ୍ ସମୟ ଏବଂ ବିନା ଥକ୍କାରେ ଦୀର୍ଘ ଦୂରତା ଅତିକ୍ରମ କରିବାକୁ ବିମାନ ହିଁ ଉତ୍କୃଷ୍ଟ ମାଧ୍ୟମ। ଠିକ୍ ରାସ୍ତାରେ ଯେପରି ଟ୍ରାଫିକ୍ ଥାଏ ଆକାଶରେ ମଧ୍ୟ ଟ୍ରାଫିକ୍ ଅଛି। ବିମାନ ଚଳାଚଳ ବିଭାଗ ପ୍ରତ୍ୟେକ ବିମାନକୁ ମାର୍ଗ ବା ରାସ୍ତା ଦେଖାଇଥାଏ। ଏହା ପ୍ରତ୍ୟେକ ଦେଶରୁ ଉଡ଼ାଣଗୁଡ଼ିକୁ ନିଜନିଜ ପଥ ଅନୁସରଣ କରିବାକୁ ନିଶ୍ଚିତ କରେ ଯାହା ଆକାଶରେ ଦୁର୍ଘଟଣାକୁ ରୋକିଥାଏ।

ତିବ୍ବତୀୟ ମାଳଭୂମି ମଧ୍ୟ ଏସିଆର ଏକ ବଡ଼ ଅଂଶ, ପ୍ରାୟ ୨.୫ ନିୟୁତ ବର୍ଗ କିଲୋମିଟର ବ୍ୟାପୀ ଏବଂ ହାରାହାରି ୪.୫୦୦ ମିଟରରୁ ଅଧିକ ଉଚ୍ଚତାରେ ଅବସ୍ଥିତ। ଏହା ପୃଥିବୀର ସର୍ବୋଚ୍ଚ ସ୍ଥାନ



ମଧ୍ୟରୁ ଅନ୍ୟତମ। ଏହାର ଭୌଗୋଳିକ ବୈଶିଷ୍ଟ୍ୟ ଯୋଗୁ ଏହା ଉପରେ ଉଡ଼ାଣକୁ ଅତ୍ୟନ୍ତ କଷ୍ଟକର ବୋଲି ବିବେଚନା କରାଯାଏ। ଏତେ ଉଚ୍ଚତାରେ ଉଡ଼ାଣ କରିବା ସମୟରେ ଇଞ୍ଜିନ ଫେଲ୍ ହେବାର ଆଶଙ୍କା ଅଧିକ ଥାଏ। ଯଦି ଏହି ଅଞ୍ଚଳରେ ଉଡ଼ାଣ ସମୟରେ କେବେ ଜରୁରିକାଳୀନ ଅବତରଣ ଆବଶ୍ୟକ ହୁଏ, ତେବେ ଏହା ଅସମ୍ଭବ ହୋଇଥାଏ। ଏଥିସହିତ ଏହି ଅଞ୍ଚଳ ଉପରେ ବିମାନ ଉଡ଼ାଣ ଏଡ଼ାଇବା ପାଇଁ ମଧ୍ୟ ପାଗ ଏକ କାରଣ। ଏଠାରେ ପାଗ ଅତ୍ୟନ୍ତ ଖରାପ। ପ୍ରବଳ ପବନ ଏବଂ ଯେକୌଣସି ସମୟରେ ପାଗ ପରିବର୍ତ୍ତନ ହୁଏ। ଏହା ସହିତ ଝଡ଼ର ଆଶଙ୍କା ମଧ୍ୟ ରହିଛି, ଯାହା ଉଡ଼ାଣ କାର୍ଯ୍ୟକୁ ବାଧା ଦେଇପାରେ। ପାହାଡ଼ ଉପରେ କୁହୁଡ଼ି ଦୃଶ୍ୟମାନତାକୁ ହ୍ରାସ କରେ। ଏହି କାରଣରୁ କୌଣସି ଦେଶକୁ ଏହି ଅଞ୍ଚଳ ଉପରେ ବିମାନ ଉଡ଼ାଣକୁ ଅନୁମତି ମିଳେ ନାହିଁ।

ପୂର୍ବରୁ ଏହି ଅଞ୍ଚଳ ଉପରେ ବିମାନ ଉଡ଼ାଣ କରାଯାଉଥିଲା, କିନ୍ତୁ ଅନେକ ଦୁର୍ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୯୯୨ରେ ଚାଇନା ଏୟାରଲାଇନ୍ସର ଫ୍ଲାଇଟ୍ ୩୫୮ ଏହି ଅଞ୍ଚଳ ଉପରେ ଉଡ଼ାଣ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିପରି ଅନେକ ବିମାନ ଦୁର୍ଘଟଣା ମଧ୍ୟ ଘଟିଛି।

# କରିଷ୍ମାଙ୍କ ଫିଟ୍‌ନେସ୍ ରାଜ୍

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କରିଷ୍ମା କପୁର ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛନ୍ତି। ୫୧ ବର୍ଷ ବୟସରେ ମଧ୍ୟ କରିଷ୍ମାଙ୍କ ଚମକ ଏବଂ ଫିଟ୍‌ନେସ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ସେ ଏବେବି ଆଗଭଳି ଫିଟ୍ ଏବଂ ଆତ୍ମବିଶ୍ୱାସୀ ଅଛନ୍ତି। ରେଡ୍ କାର୍ପେଟରେ ହେଉ କିମ୍ବା ଜିମ୍‌ରେ, କରିଷ୍ମା ସର୍ବଦା ତାଙ୍କ ଫିଟ୍‌ନେସ୍ ସହ ଦର୍ଶକଙ୍କ ମନ ଜିଣିଛନ୍ତି। ସେ ତାଙ୍କ ଫିଟ୍‌ନେସ୍ ଏବଂ ଡାଏଟ ପ୍ଲାନ ଉପରେ ବିଶେଷ ଧ୍ୟାନ ଦିଅନ୍ତି। କରିଷ୍ମାଙ୍କ ୱାର୍କଆଉଟ ରୁଟିନ ଯୋଗକୁ ବିଶେଷ ଧ୍ୟାନ ଦିଅନ୍ତି। ଜିମ୍‌ରେ ଘଣ୍ଟା ଘଣ୍ଟା ବିତାଇବା ପରିବର୍ତ୍ତେ ସେ ଘରେ ଶିଡ଼ି ଚଢ଼ି ନିଜକୁ ଫିଟ୍ ରଖନ୍ତି।

ସପ୍ତାହରେ ପାଞ୍ଚରୁ ଛଅ ଦିନ ବ୍ୟାୟାମ ଏବଂ ଯୋଗ ପରେ କରିଷ୍ମା ସପ୍ତାହରେ ଥରେ ଆରାମ ପାଇଁ ମସାଜ୍ ଉପଭୋଗ କରନ୍ତି। ଏହା ମାଂସପେଶୀକୁ ଦୃଢ଼ କରେ। ଏକ ପଞ୍ଜାବୀ ପରିବାରରୁ ଆସିବା ସତ୍ତ୍ୱେ କରିଷ୍ମା ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖନ୍ତି। ସେ ସକାଳ ଖାଦ୍ୟ ପାଇଁ ଅଣ୍ଡା ଏବଂ ଟୋଷ୍ଟ ପସନ୍ଦ କରନ୍ତି। ମଧ୍ୟାହ୍ନଭୋଜନରେ ସରଳ ଭାତ, ରୁଟି, ପନିପରିବା ଏବଂ ଦହି ସାମିଲ କରନ୍ତି। ସେ ତାଙ୍କ ଖାଦ୍ୟରେ ସାମୁଦ୍ରିକ ମାଛ ସାମିଲ କରନ୍ତି। ଖାଦ୍ୟରେ କଦଳୀ, କିଭି, ଆମ୍ବ ଏବଂ ବେରି ଭଳି ଫଳ ସାମିଲ କରନ୍ତି।



କରିଷ୍ମା କପୁର



ରାଉରକେଲାସ୍ଥିତ ସର୍କିଟ ହାଉସ ପରିସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣେ ମହିଳା ଅଭିଯୋଗ ପତ୍ର ଦେଉଛନ୍ତି।

# ଶ୍ରୀବଳଦେବ ଜୀଉଙ୍କ ପୀଠର ଉନ୍ନତୀକରଣ ପାଇଁ ୧୦୦ କୋଟି: ମନ୍ତ୍ରୀ ପୃଥ୍ୱୀରାଜ

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

କେନ୍ଦ୍ରାପଡ଼ାସ୍ଥିତ ବଳଦେବ ଜୀଉଙ୍କ ପୀଠର ସୌନ୍ଦର୍ଯ୍ୟକରଣକୁ ତ୍ୱରାନ୍ୱିତ କରାଯିବ। ବଳଦେବ ଜୀଉଙ୍କ ମନ୍ଦିର ପରିସର ଭିତରେ ଏବଂ ସଂଯୋଗୀକରଣ ରାସ୍ତା ସହିତ ଅନ୍ୟାନ୍ୟ ଉନ୍ନତୀକରଣ କରାଯିବ। ଏଥିପାଇଁ ପ୍ରାୟ ୧୦୦କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିଲାଗି ଡିପିଆର୍ ପ୍ରସ୍ତୁତ ହୋଇସାରିଛି ବୋଲି ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି।

ରବିବାର ପୂର୍ତ୍ତମନ୍ତ୍ରୀଙ୍କ ସରକାରୀ ଆବାସରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତୀକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥିସହିତ ମାଉସୀ ମା' ମନ୍ଦିରର ଉନ୍ନତୀକରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ସଂକ୍ରାନ୍ତରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲାପାଳ ରଘୁରାମ ଆର୍. ଆୟାର ଓ ମନ୍ଦିର ସେବାୟତମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ଲାଗି ମନ୍ତ୍ରୀ ହରିଚନ୍ଦନ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ରବିବାର ପୂର୍ତ୍ତମନ୍ତ୍ରୀଙ୍କ ସରକାରୀ ଆବାସରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀ।

## ରବିବାର ଶତାଧିକ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାଉରକେଲାସ୍ଥିତ ସର୍କିଟ ହାଉସ ପରିସରରେ ଶତାଧିକ ଅଭିଯୋଗ ଶୁଣିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହିତ ସୁଖଦୁଃଖ ମଧ୍ୟ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସମସ୍ୟାକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ଅଭିଯୋଗର ଯେପରି ଶୁଣାଣି ହେବ ଏବଂ ସେମାନେ ଉପକୃତ ହୋଇପାରିବେ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହାକୁ ବିଭାଗୀୟ ଅଧିକାରୀମାନେ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ୧୪ଥର ଅଭିଯୋଗ ପ୍ରକୋଷ୍ଠ ଯାଇ ଲୋକଙ୍କ ଦୁଃଖ ଶୁଣିଛନ୍ତି। ଇତିମଧ୍ୟରେ ୧୨ହଜାର ୯୫୦ ଅଭିଯୋଗ ଗ୍ରହଣ ହୋଇଥିବାବେଳେ ଫଇସଲା ହାର ରେକର୍ଡ ପରିମାଣ ୯୩ ପ୍ରତିଶତ ରହିଛି।

## ୨ ଦନ୍ତା ହାତୀ ଲଢ଼େଇରେ ଯୁବକ ମୃତ

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅଧୀନ ଏରଗେଡା ପଡ଼ିଆରେ ରବିବାର ଭୋର୍ ୫ଟାରେ ୨ଟି ଦନ୍ତା ହାତୀଙ୍କ ଘମାଘୋଟ ଲଢେଇ ବେଳେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏରଗେଡା ଗ୍ରାମର ମାଙ୍ଗରା କୁଜୁର(୪୦)। ଏ ନେଇ ମୃତକଙ୍କ ମା' ସୋମବାରୀ କୁଜୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୭/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ସନ୍ଧ୍ୟା ୫ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାଉରକେଲା ବନ ବିଭାଗ ଅନ୍ତର୍ଗତ ଲାଠିକଟା ଜଙ୍ଗଲରେ ରବିବାର ଭୋର୍ ସମୟରେ ୨ଟି ଦନ୍ତା ହାତୀ ଲଢ଼େଇ କରୁଥିଲେ। ସେମାନେ ଲଢ଼େଇ କରି ଏରଗେଡା ପଡ଼ିଆ ପର୍ଯ୍ୟନ୍ତ ଚାଲିଆସିଥିଲେ। ସେଠାରେ ଏକ ପିପଲ ଗଛ ତଳେ ରଖାଯାଇଥିବା ପିକ୍‌ଅପ୍ ଭ୍ୟାନକୁ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ମାଙ୍ଗରା ଉକ୍ତ ପିକ୍‌ଅପ୍ ଭ୍ୟାନ ତଳେ ଥିବା ଦେଖି ହାତୀ ତାଙ୍କୁ ଟେକି କଚାଡ଼ିବା ପରେ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାକୁ ଯାଇ ଯୁବକଙ୍କ ମୃତଦେହ ଉଦ୍ଧାର କରି ହାତୀଙ୍କୁ ଘଉଡାଇଥିଲେ। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ହାତୀ ଆକ୍ରମଣରେ ୪ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି।

# ୩୦ ପର୍ଯ୍ୟନ୍ତ ଚେକିଂ କଡ଼ାକଡ଼ି

## ସଡ଼କ ଦୁର୍ଘଟଣାଜନିତ 'ଶୂନ୍ୟ ମୃତାହତ ପକ୍ଷ' ପାଳନ ଆରମ୍ଭ




କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

କଟକ,୧୬।୧୧(କାର୍ତ୍ତିକ ସାହୁ)

ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ସ୍ମୃତିରେ ତଥା ବିଶ୍ୱ ସ୍ମୃତି ଦିବସ ଅବସରରେ ରବିବାରଠାରୁ ରାଜ୍ୟରେ 'ଶୂନ୍ୟ ମୃତାହତ ପକ୍ଷ' ଆରମ୍ଭ ହୋଇଛି। ଏହି ଅଭିଯାନ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ରବିବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଏହି ସୂଚନା ଦେବା ସହ କହିଲେ ଯେ, ସଡ଼କ ଦୁର୍ଘଟଣାରେ ହେଉଥିବା ମୃତ୍ୟୁସଂଖ୍ୟା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ସରକାର ଏହାକୁ ହ୍ରାସ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, କିନ୍ତୁ ଏହା କେବଳ ସରକାରୀ ଉଦ୍ୟମରେ ସମ୍ଭବ ନୁହେଁ। ଏଥିପାଇଁ ସାମୂହିକ ସହଭାଗିତା ଆବଶ୍ୟକ। ସମସ୍ତେ ଏହି ଅଭିଯାନରେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଯୋଗଦେଇ କହିଲେ, କୋଭିଡ୍ ମହାମାରୀ ସମୟରେ ନିୟମ ପାଳନ କରି ଆମେ ନିଜକୁ ରକ୍ଷା କରିଥିଲେ। ସଡ଼କ ଦୁର୍ଘଟଣା ମଧ୍ୟ ଏକ ମହାମାରୀ ରୂପ ନେଇଛି। ଏଥିରୁ ରକ୍ଷା ପାଇବା ପାଇଁ ନିୟମ ପାଳନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଅଭିଯାନ ଅବସରରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସେହିପରି ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ସମେତ ଆବଶ୍ୟକ ଗାଡ଼ି କାଗଜପତ୍ର ଆଦି କଡ଼ାକଡ଼ି ଯାଞ୍ଚ କରାଯିବ। କୌଣସି ବ୍ୟକ୍ତି ସଡ଼କ ସୁରକ୍ଷା ନିୟମ ପାଳନ କରୁ ନ ଥିଲେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଯୋଗଦେଇ କହିଲେ, ଅନେକ ଦୁର୍ଘଟଣାର ତଦନ୍ତରୁ ଦେଖାଯାଉଛି ଯେ, ଚାଳକମାନଙ୍କର ଛୋଟ ତ୍ରୁଟି ବଡ଼ ଦୁର୍ଘଟଣା ଘଟାଉଛି। ସଡ଼କ ବ୍ୟବହାରକାରୀମାନେ ସୁରକ୍ଷା ନିୟମକୁ ଗମ୍ଭୀରତାର ସହ ପାଳନ କରିବା ଉଚିତ, ନ ହେଲେ ସେମାନେ ନିଜେ ଶିକାର ହେବେ। ଏହି ୧୫ ଦିନର ଅଭିଯାନରେ ସାରା ରାଜ୍ୟରେ ଜିଲା ପ୍ରଶାସନ, ପୋଲିସ ଏବଂ ଅନ୍ୟାନ୍ୟ ବିଭାଗର ସହଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି ଅବସରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ସଚେତନତା ରଥର ଶୁଭାରମ୍ଭ କରାଯାଇଛି, ଯାହା ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ପଦଯାତ୍ରାରେ ସାମିଲ ହୋଇଥିଲେ। ଟ୍ରାଫିକ ଡିସିପି, ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କ ଛାତ୍ରବୃତ୍ତିକୁ ମୁହଁ ମୋଡୁଛନ୍ତି ଅଧିକାରୀ

### ତ୍ୱରିତ୍ ପଦକ୍ଷେପ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୧
(ରବିନାରାୟଣ ଜେନା)

ଦିବ୍ୟାଙ୍ଗ ବର୍ଗଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ତୃଣମୂଳସ୍ତରରେ ଅଧିକାରୀମାନେ ଏଥିପ୍ରତି ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ଦିବ୍ୟାଙ୍ଗମାନେ ସେମାନଙ୍କ ନ୍ୟାଯ୍ୟ ହକ୍‌ରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଖବର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥ୍ୟରୁ ଜଣାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ଛାତ୍ରବୃତ୍ତି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ଠିକଣା ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଯେଉଁ ଅଧିକାରୀମାନେ ଏହାର ମଙ୍ଗ ଧରିଛନ୍ତି ସେମାନେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି ବୋଲି ବିଭାଗୀୟ ତଥ୍ୟରୁ ଜଣାଯାଇଛି। ଏହାକୁ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ସୋନିଆ ବେହେରା ନଭେମ୍ବର ୧୩ରେ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି।

ସୋନିଆ ପତ୍ରରେ ଦର୍ଶାଇଛନ୍ତି, ଦିବ୍ୟାଙ୍ଗ ବର୍ଗର ଶତାଧିକ ଛାତ୍ରୀଛାତ୍ର ଜାତୀୟ ଛାତ୍ରବୃତ୍ତି କାର୍ଯ୍ୟକ୍ରମ(ଏନ୍‌ଏସ୍‌ପି)ରେ ସାମିଲ ହେବାପାଇଁ ୨୦୨୫ ଜୁନ୍ ୨୫ରୁ ପ୍ରକ୍ରିୟା ଆରମ୍ଭ ହେଲାଣି। ଏନେଇ ବିଭାଗ ପକ୍ଷରୁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯାଉଛି। ଏପରି କି ସେପ୍ଟେମ୍ବର ୨୫ରେ ମଧ୍ୟ ସବୁ ଅନୁଷ୍ଠାନକୁ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ୧୩୯ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଆବେଦନକୁ ଶିକ୍ଷାନୁଷ୍ଠାନଗୁଡ଼ିକ ଏପର୍ଯ୍ୟନ୍ତ ଦୃଷ୍ଟିଦେଇ ନାହାନ୍ତି। ଫଳରେ ସେମାନେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପାଇପାରୁ ନାହାନ୍ତି। ଏହାବାଦ୍ କେତେକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ନବୀକରଣ ମଧ୍ୟ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଜିଲା କ୍ଷେତ୍ରୀୟ ଅଧିକାରୀ ଯେପରି ଏଦିଗରେ ତ୍ୱରିତ୍ ପଦକ୍ଷେପ ନେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସୋନିଆ ସବୁ ଜିଲାପାଳଙ୍କୁ ପତ୍ରରେ ଦର୍ଶାଇଛନ୍ତି।

ବିଭାଗୀୟ ତଥ୍ୟ ଅନୁଯାୟୀ, ଢେଙ୍କାନାଳ ଜିଲାର ୪୦ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ଆବେଦନ ଜିଲାରେ ଗଡୁଥିବାବେଳେ ବଲାଙ୍ଗୀର ଜିଲାରେ ୨, ବାଲେଶ୍ୱର ୭, ଭଦ୍ରକ ୨, କଟକ ୫ ଓ ଅନ୍ୟାନ୍ୟ ଜିଲାରେ ଅବଶିଷ୍ଟ ଛାତ୍ରୀଛାତ୍ରଙ୍କ ଆବେଦନ ଏପର୍ଯ୍ୟନ୍ତ ପଡ଼ି ରହିଛି।

## ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ



ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଏହା ଏକ ଗୁପ୍ତ ନୀତି। ସୋମବାର ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ପଇତା ଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ରବିବାର ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

## ଭକ୍ତ ପାଇଲେ ବିଭୀଷଣ

### ରମେଶ ଓ ମୋକିମ ଦଳବିରୋଧୀ କାର୍ଯ୍ୟ କରିଛନ୍ତି

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)



ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ବିଜୟ ଲାଭ କରିବା ପରେ ଏବେ କଂଗ୍ରେସ ଓ ବିଜୁ ଜନତା ଦଳ(ବିଜେଡି)ର ମାନସମନ୍ଥନ ଆରମ୍ଭ ହୋଇଛି। ଏହି ନିର୍ବାଚନ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପାଇଁ ଶକ୍ତି ପରୀକ୍ଷା ରହିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ ଥିଲା। ତେବେ ଉପନିର୍ବାଚନ ଶେଷହେବା ପରେ କଂଗ୍ରେସର ପରାଜୟ ପାଇଁ କେଉଁମାନେ ଦାୟୀ ସେନେଇ କାରଣ ଖୋଜା ଚାଲିଥିବାବେଳେ ରବିବାର ଭକ୍ତ 'ଧରିତ୍ରୀ'କୁ ଏକ ବିସ୍ଫୋରକ ବୟାନ ଦେଇଛନ୍ତି।

ସେ କହିଛନ୍ତି, ସରକାରୀ ଦଳ ଭାଜପା ଅର୍ଥବଳ, ବାହୁବଳ ଓ ସରକାରୀ କଳ ଲଗାଇବା ସାଙ୍ଗକୁ ପଡ଼ୋଶୀ ରାଜ୍ୟର ଦୁଇ ଦୁଇଜଣ ମୁଖ୍ୟମନ୍ତ୍ରୀ ଓ ବହୁ ନେତାଙ୍କୁ ଆଣି ଡେରା ପକାଇଲେ। ଏପରି କି ରାଜ୍ୟ ସରକାରଙ୍କ ସବୁ ମନ୍ତ୍ରୀ, ଅଧିକାଂଶ ସାଂସଦ ଓ ବିଧାୟକ ନିର୍ବାଚନ ପର୍ଯ୍ୟନ୍ତ ପଡ଼ି ରହିଲେ। କେତେକ ବିଧାୟକ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ୧୧ ତାରିଖ ପର୍ଯ୍ୟନ୍ତ ସେଠାରେ ରହିଲେ। ଭାଜପା ସେଠାରେ ପ୍ରାୟ ୧୦୦କୋଟି ଟଙ୍କା ଖର୍ଚ୍ଚ କରିଛି। ଏହାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଏବଂ ନିର୍ବାଚନ ପରିଚାଳନାରେ ଥିବା ଅଧିକାରୀମାନେ କେହି ଦୃଷ୍ଟିଦେଲେ ନାହିଁ। ଏହାସହିତ ସେଠାରେ ବରିଷ୍ଠ ପୋଲିସ ଅଧିକାରୀ ତଥା ଆଇଜି ହିମାଂଶୁ ଲାଲଙ୍କୁ ଭାଜପା ପ୍ରାର୍ଥୀ ଜୟ ସର୍ବସମ୍ମୁଖରେ ମୁଣ୍ଡିଆ ମାରି ଆଶୀର୍ବାଦ ନେବା ପ୍ରତ୍ୟକ୍ଷରେ ପୋଲିସ ପ୍ରଶାସନ ତାଙ୍କ ସହିତ ଅଛି ବୋଲି ପ୍ରମାଣିତ କଲା। ଏହା କଂଗ୍ରେସର ବିଜୟ ଉପରେ ପ୍ରଭାବ ପକାଇଲା। ତେବେ ସରକାରୀ ଦଳ ଯେତିକି କଂଗ୍ରେସ ପାଇଁ କ୍ଷତିର କାରଣ ହୋଇଛି ତା'ଠାରୁ ଅଧିକ ଆତ୍ମଘାତୀ ହୋଇଛନ୍ତି ନିଜ ଦଳର ବିଧାୟକ ଓ ସଦସ୍ୟ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ 'ସଉତୁଣୀ ରା..' ନୀତି ଧରିଲେ। ରାଜ୍ୟରେ କଂଗ୍ରେସର ଭବିଷ୍ୟତକୁ ପଛରେ ପକାଇ ଭକ୍ତଙ୍କ ପରାଜୟ ପାଇଁ ବିଭିନ୍ନ ପ୍ରକାର ରଣନୀତି ଆପଣାଇଲେ। ବିଧାୟକ ରମେଶ ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରିବା ସହିତ ନିଜର ସଂଖ୍ୟାଧିକ ଲୋକଙ୍କୁ ନେଇ ନୂଆପଡ଼ାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମୋ ବିରୋଧରେ ଅପପ୍ରଚାର କରିଥିବା ଖବର ରହିଛି। ଏମାନଙ୍କ ବ୍ୟତୀତ ଆଉ କେତେକ ମଧ୍ୟ ବିଭୀଷଣ ତଥା ଦଳବିରୋଧୀ କାର୍ଯ୍ୟ କରିଛନ୍ତି। ଏହାସତ୍ତ୍ୱେ ନୂଆପଡ଼ାବାସୀ କଂଗ୍ରେସକୁ ଦ୍ୱିତୀୟସ୍ଥାନର ମର୍ଯ୍ୟାଦା ଦେଇଛନ୍ତି। ଏହା ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ଦିଶା ଦେବ। ଓଡ଼ିଶାରେ ଏବେ ବିଜେଡି ନୁହେଁ, ପ୍ରମୁଖ ବିରୋଧୀ ଦଳ ଭାବେ କଂଗ୍ରେସ ଜନ ସମର୍ଥନ ପାଇସାରିଛି।

ସେ ଆହୁରି କହିଛନ୍ତି, ନୂଆପଡ଼ାରେ କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ନିଜେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ମଧ୍ୟ କହିଛନ୍ତି, ଏଥର ବିଜେଡି ନୁହେଁ, କଂଗ୍ରେସ ସହ ଭାଜପାର ଫାଇଟ୍ ହେଉଛି। କେତେକ ସ୍ଥାନରେ ଭାଜପା ଦେଖିଲା ଟଙ୍କା କାମ ଦେଉନାହିଁ, ତେଣୁ ବିଭିନ୍ନ ଉପାୟରେ ଭୋଟ ଚୋରି କଲା। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

ଏସଂକ୍ରାନ୍ତରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିବାବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ମୁଁ ସେଭଳି କୌଣସି କାର୍ଯ୍ୟ କରିନାହିଁ। ତାରକା ପ୍ରଚାରକ ତାଲିକାରେ ମୋତେ ସାମିଲ କରାଯାଇ ନ ଥିଲା। ତେଣୁ କେଉଁ ଆଧାରରେ ପିସିସି ସଭାପତି ଏହା କହୁଛନ୍ତି ତାହା ବୁଝାପଡୁନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶତାବ୍ଦୀର କଳାକାର ପକ୍ଷରୁ ସ୍ୱବର୍ଣ୍ଣ ଜୟନ୍ତୀ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୧୭ ବର୍ଷରୁ କମ୍ ଜିଲାସ୍ତରୀୟ ବାଳିକା ବାଳକ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ସଚେତନତା ରାଲି, ସ୍ଥାନ: ନିଜିଗଡ ସ୍ଥିତ ହନୁମାନ ମନ୍ଦିର ଠାରୁ ପାଞ୍ଚଗାଁ ଦଧିବାମନ ଜୀଉ ବିଦ୍ୟାପୀଠ, ତିଗିରଆ, ସମୟ: ସକାଳ ୮ ଟା।
- ଲାଲା ଲଜପତ୍ ରାୟଙ୍କ ୯୭ତମ ବଳିଦାନ ଦିବସରେ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ, ସ୍ଥାନ: ଗୋପବନ୍ଧୁ ଭବନ ସମ୍ମୁଖ, ବକ୍ସିବଜାର, ସମୟ: ସକାଳ ୮ଟା ୩୦।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା, ସ୍ଥାନ: ଅକ୍ଷୟ ମହାନ୍ତି ପାର୍କ, କନିକା ଛକ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାସ ପ୍ରଥମ ସ୍ମାରକୀ ବକ୍ତୃତା, ସ୍ଥାନ: ଆନେକ୍ସ-୧ ସମ୍ମିଳନୀ କକ୍ଷ, ସେଭେନ ପିଲାର୍ସ ଅଫ୍ ୱିସ୍‌ଡମ୍, ସମୟ: ପୂର୍ବାହ୍ନ ୧୧ଟା।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦିପାଲାର ପଞ୍ଚମ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଚମ୍ପୁଆ ବ୍ଲକ୍ କରଂଦିଆ ଉଚ୍ଚବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଚମ୍ପୁଆ, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଥିଏଟର ଫେଷ୍ଟିଭାଲର ନାଟକ 'ପ୍ରେମ ପୀରତି', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ଜଗଧାତ୍ରୀ ମେଳାରେ ବଲିଉଡ ନାଇଟ୍ସ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ରାତି ୮ ଟା।

## ବ୍ରହ୍ମପୁର

- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଶିକ୍ଷକ-ଅଭିଭାବକ ବୈଠକ, ସ୍ଥାନ: ବୁଗୁଡ଼ା, ପିପୁଲ୍ଲି କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ସର୍ଗିଫୁଲ ମହୋତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡଗାଁ, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି

- ସୁରଭିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମୋହନା ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର

- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏରଡ଼ା, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ମନ୍ମଥନାଥ ହାଇସ୍କୁଲ ପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସ୍ଥୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ : ରସୁଲପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ୧୪ ଓ ୧୭ ବର୍ଷରୁ କମ ତିନିଦିନିଆ ବାଳିକା ବାଳକ କବାଡ଼ି ପ୍ରଶିକ୍ଷଣ ଶିବିର, ସ୍ଥାନ-ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ରାମେଶ୍ୱର ମହାଦେବଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ, ସ୍ଥାନ:ମାଧବ ଚୌଧୁରୀ ପାଟଣା କଣ୍ଟିଲୋ, ସମୟ:ପୂର୍ବାହ୍ନ ୯ଟା ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚରେ ଡିଏମ୍‌ଏସ୍‌ଏଫ ସିକେପି ଝାରସୁଗୁଡା ବନାମ ଭୁବନେଶ୍ୱର ଗଣ୍ଡାରପୁର ଏଫସି, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## ରାୟଗଡ଼ା

- ପ୍ରାଣୀଧନ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରପୁର ବ୍ଲକ ଅଫିସ୍ ପଛ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସିଭିଲ କୋର୍ଟ ପରିସର ଭିଡିଓ କନଫରେନ୍ସ ହଲ, ସ୍ଥାନ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାଇଘର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଡ୍ରିମ ଡ୍ୟାନ୍ସ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସୀ ମାଧ୍ୟମରେ ଏକ ପେଡ ମା' କେ ନାମ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ ସମ୍ମିଳନୀ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁର୍ଜୀ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଧନୁଯାତ୍ରୀ କମିଟିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫, ସ୍ଥାନ: ଗଇଁତଲା ଖେଳ ପଡିଆ, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ୮ଟା ୪୦।
- ଲୋଇସିଂହା ବ୍ଲକସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା, ସ୍ଥାନ: କଲେଜ ପଡିଆ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀ-ବିଶେଷଜ୍ଞଙ୍କ ଆଲୋଚନାଚକ୍ର, ସ୍ଥାନ: ଗଇଁନ୍ତଲା ଖେଳପଡିଆ, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ରାଉରକେଲା

- ଅଶୋକ ସିଂହଲଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର, ସ୍ଥାନ: କୋଏଲନଗର ସି ବ୍ଲକ କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୯ଟା।
- ସୁଶୀଳାବତୀ ସରକାରୀ ମହିଳା ବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ଓ ମେଣ୍ଟ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆଇଜିଏଚ୍, ସମୟ: ସନ୍ଧ୍ୟା ୫ଟା।
- ୨୦ତମ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତମଞ୍ଚ ନାଟକର ଦ୍ୱିତୀୟ ଦିବସ, ସ୍ଥାନ: ଭିଏସ୍‌ଏସ୍ ମାର୍କେଟ, ଛେଣ୍ଡ, ସମୟ: ରାତି ୯ଟା ୩୦।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼, ସମୟ:ସକାଳ ୯ଟା।
- ଧନୁଯାତ୍ରା କଂସ ଚୟନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମ୍ମିଳନୀ କକ୍ଷ, ଭେଡେନ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଉପାସନା କେନ୍ଦ୍ର ପ୍ରବେଶ ଓ ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକର ଉତୁନିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ ସଚେତନତା ସମ୍ପର୍କିତ ନାଟକ ପରିବେଷଣ, ସ୍ଥାନ: ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକର ଡୁଲୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ଜୋନସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଦେଓବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଶିବ ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: ଲୁଗାବଗା ଶିବ ମନ୍ଦିର, ସମୟ: ସକାଳ ୭ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ବିକାଶ ସମିତିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ତିଥିଣ୍ଡାସ୍ଥିତ ଶିକ୍ଷା ବିକାଶ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ ଉନ୍ନତି ଓ ସାମାଜିକ ସମ୍ମାନ ମାନସିକ ଶାନ୍ତି ଦେଇପାରିବ ନାହିଁ। ଅଭ୍ୟନ୍ତରରେ କୁହୁଳୁଥିବା ଅଶାନ୍ତିର ଜ୍ୱାଳା ଆପଣଙ୍କୁ ଅତିଷ୍ଠ କରାଇବ। ଦ୍ୱିଜା ନକ୍ଷତ୍ର ଗତ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ପ୍ରଭୃତିରେ ସୁଫଳ ପାଇବେ।

**ବୃଷ** ଶାରୀରିକ ସୁସ୍ଥତା ଫେରି ପାଇବାରୁ ଆଶ୍ୱସ୍ତି ଅନୁଭବ କରିବେ। କୃତ୍ତିକା ନକ୍ଷତ୍ରର ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ ନ କଲେ ମନସ୍ତାପ ବଢ଼ିଯିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଋଣ ପରିଶୋଧ, ଦୂରଯାତ୍ରା ସାଙ୍ଗକୁ ନୂତନ ନିଯୁକ୍ତିର ସୂଚନା ମଧ୍ୟ ପାଇପାରନ୍ତି। ଦୈହିକ ଦୁର୍ବଳତା ଦୂରେଇଯିବାରୁ ଶାନ୍ତି ଅନୁଭବ କରିବେ। ବନ୍ଧୁଙ୍କ ପରାମର୍ଶରେ ସଭାସମିତିରେ ପୂର୍ବ ନିଷ୍ପତ୍ତି ବଦଳାଇବା ପାଇଁ ମନସ୍ଥ କରିପାରନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭ କରି କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ଗୁରୁ ଓ ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ପାରିବାରିକ ଜୀବନ ହସଖୁସିରେ କଟିବ। ଚଳିତ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଯୋଗୁ କାମ ସ୍ଥଗିତ ରହିଯିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**ସିଂହ** ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମୋନ୍ନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତିର ଝଲକ ଦେଖିପାରନ୍ତି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ରାଶିକୁ ଶନିଙ୍କର ପ୍ରତ୍ୟକ୍ଷଦୃଷ୍ଟି ପାରିବାରିକ ଜୀବନକୁ ପ୍ରଭାବିତ କରିବ। କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ଅଧିକାଂଶ ସମୟ ଅତିବାହିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇପାରନ୍ତି। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସ୍ୱଗୃହୀ ଶୁକ୍ର ନିଜ ରାଶିରେ ଅବସ୍ଥାନ କରୁଥିବାରୁ ଦୈହିକ ସୁସ୍ଥତା ସାଙ୍ଗକୁ ଭୋଗବିଳାସର ମଉକା ପାଇବେ। ପରିବାରରେ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ତିନୋଟି ଗ୍ରହ ରାଶିରେ ରହି ବିଭିନ୍ନ କାମରେ ନିଯୁକ୍ତି କରାଇପାରନ୍ତି। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ। ଅଫିସ୍‌ରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି ଓ କ୍ରୀଡ଼ା କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ଧନୁ** କର୍ମକ୍ଷେତ୍ର ପ୍ରତି ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ କାମ ଧିମା ଗତିରେ ଆଗକୁ ବଢ଼ିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ପଡ଼ୋଶୀମାନେ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ଆପଣଙ୍କ ଜୀବନଶୈଳୀ ପ୍ରତି ଅଙ୍ଗୁଳି ଉଠାଇପାରନ୍ତି। କର୍ମ ଜଞ୍ଜାଳ ବୃଦ୍ଧି ଜନିତ ଦୈହିକ ସ୍ୱାସ୍ଥ୍ୟ କେତେକାଂଶରେ ପ୍ରଭାବିତ ହୋଇପାରେ।

**ମକର** ରାଶ୍ୟାଧିପତିଙ୍କ ଉପରେ ଗୁରୁଙ୍କ ଶୁଭଦୃଷ୍ଟି ପଡୁଥିବାରୁ ଆପଣଙ୍କ ଶାରୀରିକ ସ୍ଥିତି ପ୍ରାୟତଃ ଭଲ ରହିବ। କିନ୍ତୁ ଅହେତୁକ କଳ୍ପନା ଓ ଭାବପ୍ରବଣତାରେ ଆପଣଙ୍କ ମନ ବିଚଳିତ ହୋଇପାରେ। ଆଶା କରୁଥିବା ଜିନିଷ କିମ୍ବା ଖବର ବନ୍ଧୁଙ୍କଠାରୁ ପାଇ ଖୁସି ହେବେ। ଲେଖାପଢ଼ା, ସାହିତ୍ୟ, ବ୍ୟବସାୟ,ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** କେନ୍ଦ୍ର କୋଣାଧିପତି ଶୁକ୍ରଙ୍କ ସ୍ଥିତି ପ୍ରଭାବରୁ ଯେଉଁ କାମରେ ହାତଦେବେ, ସଫଳତା ପ୍ରାପ୍ତି ଅବଶ୍ୟମ୍ଭାବୀ। ହଠାତ୍ ଜଣେ ବନ୍ଧୁ ନିଜ ତରଫରୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କ୍ରୟବିକ୍ରୟ କିମ୍ବା ନୂତନ ଚୁକ୍ତିପତ୍ର ଆଜି ସ୍ୱାକ୍ଷରିତ ହୋଇପାରେ। ଶାରୀରିକ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବାର ସୂଚନା ରହିଛି।

**ମୀନ** ପୂର୍ବବସ୍ଥା ଦୂର ହୋଇଯିବାରୁ ପ୍ରଫୁଲ୍ଲତା ଅନୁଭବ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ରର ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

ଆଜି ନଭେମ୍ବର ୧୭ ତାରିଖ, ଲାଲା ଲଜପତ୍ ରାୟଙ୍କ ତିରୋଧାନ ଦିବସ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ସୋମବାର, ଆଜି ୧୪ ନକ୍ଷତ୍ରେ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ରାଶିନକ୍ଷତ୍ର-ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୦ ଗତେ ଘ.୦୭।୨୨ ମଧ୍ୟେ, ଘ.୦୮।୫୬ ଗତେ ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୨୨ ଗତେ ଘ.୦୮।୪୫ ମଧ୍ୟେ ରାହୁକାଳ।

# ଆଜି ଢେଙ୍କାନାଳ ବନ୍ଦ

## ଟିପିସିଓଡିଏଲ୍‌ର ଶୋଷଣକୁ ନେଇ ପ୍ରତିବାଦ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଟିପିସିଓଡିଏଲ୍‌ର ଶୋଷଣ ପ୍ରତିବାଦରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଢେଙ୍କାନାଳ ପକ୍ଷରୁ ଜିଲା ଓକିଲ ସଂଘ ଆବାହକତ୍ୱରେ ସୋମବାର ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ହେବ। ଏଥିପାଇଁ ସହର ମଧ୍ୟରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଇକ୍ ପ୍ରଚାର, ଲିଫ୍‌ଲେଟ ବଣ୍ଟନ ଓ ପଥପ୍ରାନ୍ତ ସଭା ଆଦି ଅନୁଷ୍ଠିତ ହୋଇଛି । ମିଟର ଖରାପ ଆଳରେ ଅତ୍ୟଧିକ ଫାଇନ ଆଦାୟ ଏବଂ ସ୍ମାର୍ଟ ମିଟର ବାଧ୍ୟତାମୂଳକ କରିବା ଏବଂ କୌଣସି କାରଣ ନ ଥାଇ ଅଘୋଷିତ ବିଦ୍ୟୁତ୍ କାଟ ଓ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଆଦି ପ୍ରତିବାଦରେ ଏହି ବନ୍ଦ ପାଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି କାଲି କହି ହେଲା ବରଷେ,**
**ପଅରି ଦିନକୁ ହେବ ପୁରୁଷେ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ସଡ଼କା ତେନ୍ତୁଳି ବଙ୍କା;**
**କୁକୁର ଲାଙ୍ଗୁଡ଼ ନୁହେଁ ସଳଖା।**

ଯେତେ ଯତ୍ନ କଲେ ମଧ୍ୟ କୁକୁର ଲାଙ୍ଗୁଡ଼ କେବେ ସଳଖ ହୋଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାକୁ ବଦଳେଇବା ସେତେଟା ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସମର୍ଥନ ଅଛି, ପ୍ରତିଫଳିତ ହୋଇନାହିଁ: ସ୍ନେହାଙ୍ଗିନୀ

## ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗ

ଭୁବନେଶ୍ୱର,୧୬।୧୧
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଜିଲା ପ୍ରଶାସନ, ପୋଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିଶି କରି ଭୋଟ ରିଗିଂ ମାଧ୍ୟମରେ ଭାଜପା ବିଜୟୀ ହୋଇଛି ବୋଲି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆ ଅଭିଯୋଗ କରିଛନ୍ତି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ନେହାଙ୍ଗିନୀ କହିଛନ୍ତି, ପ୍ରଚାର ସମୟରେ ନୂଆପଡ଼ାର ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ମିଳିଥିଲା। ହେଲେ ତାହା ଭୋଟରେ ପ୍ରତିଫଳିତ ହୋଇପାରିଲା ନାହିଁ। ଏଥିରେ ସରକାରୀ କଳ ପ୍ରତିବନ୍ଧକ ସୃଷ୍ଟି କଲା। ପ୍ରଚାର ସମୟରେ ଜିଲା ପ୍ରଶାସନ ତରଫରୁ ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କ ମନୋବଳକୁ ଦୁର୍ବଳ କରିଥିଲା। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ସାଇଲେଣ୍ଟ ପିରିୟଡ୍‌ରେ ନିର୍ବାଚନ ଆଚରଣବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡ଼ା ଛାଡ଼ି ଦେଇଥିବାବେଳେ ଭାଜପାର ନେତାମାନେ ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ। ସେହିପରି ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା। ୪୧ଟି ବୁଥ୍‌ରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଛି, ଯାହା ଗ୍ରହଣୀୟ ନୁହେଁ । ୧୪ ତାରିଖ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫% ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା ବେଳେ ୭ଟାରେ ଭୋଟିଂ ୭୭% ପ୍ରତିଶତ ଏବଂ ପରେ ଏହା ୮୩.୪୫ % ହୋଇଥିଲା। ସରକାରୀ କଳର ଅପବ୍ୟବହାର ସାଙ୍ଗକୁ ନିର୍ବାଚନ ଅଧିକାରୀଙ୍କ ଏକତରଫା ନୀତି ପାଇଁ ବିଜେଡି ପରାଜୟର ସମ୍ମୁଖୀନ ହେଲା ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ, ପ୍ରଶାସନିକ କଳକୁ ହାତବାରିଶି କରି ଭାଜପା ନୂଆପଡ଼ା ଆସନକୁ ହାତେଇବା ପାଇଁ ସଫଳ ହୋଇଥିଲେ ହେଁ ନୂଆପଡ଼ାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ସହିତ ରହିଛି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ବିସ୍ଫୋରଣ...

ଏଥିପାଇଁ କୌଣସି ଉପକରଣ ଅନାବଶ୍ୟକ। କେବଳ ଉଚ୍ଚ ତାପମାତ୍ରାରେ ଏହା ଫୁଟି ବଡ଼ ବିସ୍ଫୋରଣର ରୂପ ନେଇପାରେ। ୨-୩ କେ.ଜି. ଆମୋନିୟମ୍ ନାଇଟ୍ରେଟ୍, ତୈଳ ଓ ଅନ୍ୟ ରାସାୟନିକ ପଦାର୍ଥ ସହ ଟିଏପିଟି ସଂସ୍ପର୍ଶରେ ଆସିଲେ ତାହା ଏପରି ଭୟାବହ ବିସ୍ଫୋରଣ ଘଟିବ, ଯାହା ସାମରିକ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ବିସ୍ଫୋରଣର ସାମର୍ଥ୍ୟ ବହନ କରିଥାଏ। ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀଙ୍କ ମତରେ ଟିଏପିଟିର ସେନ୍ସିଟିଭିଟି ଏତେ ଅଧିକ ଯେ, ଏଥିପାଇଁ କୌଣସି ଡିଟୋନେଟର ଦରକାର ପଡ଼ି ନ ଥାଏ। ସମ୍ଭବତଃ ଜମ୍ମୁ-କଶ୍ମୀରର ନୌଗାମ୍ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ବିସ୍ଫୋରଣ ପଛରେ ମଧ୍ୟ ଏହି କାରଣ କାମ କରିଥାଇପାରେ। ଏଭଳି ସ୍ଥିତିରେ କ୍ରମଶଃ ସାମ୍ନାକୁ ଆସିବାରେ ଲାଗିଥିବା ନୂଆ ନୂଆ ତଥ୍ୟ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ପାଇଁ ବିସ୍ଫୋରଣର ମୂଳ ପର୍ଯ୍ୟନ୍ତ ଯିବାକୁ ବାଟ ଦେଖାଇବା ସହ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ଏଥିରେ ସେନା କିମ୍ବା ପୋଲିସର ସମ୍ପୃକ୍ତି ଜଣାପଡ଼ିଲେ ତଦନ୍ତକୁ ହୁଏତ ବାଟବଣା କରାଯିବା ନେଇ ଅନେକଙ୍କ ମନରେ ସନ୍ଦେହ ଉପୁଜିପାରେ।

### ପୋଲିସ ଗୁଳିରେ ...

ଓ ଚିନ୍ତାଗୁଫା ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ଦୀର୍ଘ ସମୟ ଧରି ଗୁଳି ବିନିମୟ ଘଟିଲା ପରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୩ଜଣ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ମୃତ ମାଓବାଦୀମାନେ ହେଲେ ଜନମିଲିସିଆ କମାଣ୍ଡର ମାଡବୀ ଦେବା, ସିଏନ୍‌ଏମ୍ କମାଣ୍ଡର ସୋଡି ଗାଙ୍ଗି ଏବଂ କିଷ୍ଟରାମ ଏରିଆ କମିଟିର ସଦସ୍ୟା ପୋଡିଆମି ଗଙ୍ଗି। ମାଓବାଦୀ ଦେବାଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିବାବେଳେ ମୃତ ଦୁଇ ମହିଳା ମାଓବାଦୀଙ୍କ ନାମରେ ୫ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଘଟଣାସ୍ଥଳରୁ ୩୦୩ ବନ୍ଧୁକ, ବିଜିଏଲ ଲଞ୍ଚର,ବିସ୍ଫୋରକ ସମେତ ଅନ୍ୟ ହତିଆର ପୋଲିସ ଜବତ କରିଥିବା ସୁକୁମା ପୋଲିସ ସୂତ୍ରରୁ ପ୍ରକାଶ ।

### ଲାଲୁଙ୍କ ଘର ଛାଡ଼ିଲେ ...

ମିସା ଭାରତୀ (୪୯) ବଡ଼ ଝିଅ ହୋଇଥିବାବେଳେ ୪୬ ବର୍ଷୀୟା ରୋହିଣୀ ଦ୍ୱିତୀୟ। ରବିବାର ଅନ୍ୟ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା ଲାଲୁଙ୍କ ପାଟନାସ୍ଥିତ ୧୦ ସର୍କୁଲାର ରୋଡ୍ ବାସଭବନରୁ ନିଜ ପିଲାଛୁଆଙ୍କୁ ଧରି ଦିଲ୍ଲୀ ଚାଲିଯାଇଛନ୍ତି। ଏହା ବିହାରର ସର୍ବାଧିକ ରାଜନୈତିକ ପ୍ରଭାବଶାଳୀ ପରିବାରରେ ଫାଟକୁ ପଦାରେ ପକାଇଛି। ଏହି ଘଟଣା ଏପରି ସମୟରେ ଘଟିଛି, ଯେତେବେଳେ କି ୨୪୩ ଆସନ ମଧ୍ୟରୁ ୧୪୩ରେ ଲଢ଼ି ମାତ୍ର ୨୫ ନିର୍ବାଚନମଣ୍ଡଳୀରେ ଆର୍‌ଜେଡି ସୀମିତ ହୋଇ ରହିଯାଇଛି। ଘରେ ଚାଲିଥିବା ବିଭ୍ରାଟକୁ ନେଇ ସେମାନେ କ୍ଷୁବ୍ଧ ହୋଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। କିନ୍ତୁ ୩ ଝିଅ ସୋସିଆଲ ମିଡିଆ କିମ୍ବା ଗଣମାଧ୍ୟମରେ ଏନେଇ ମୁହଁ ଖୋଲିନାହାନ୍ତି। ଅନ୍ୟପକ୍ଷେ ତେଜପ୍ରତାପ କହିଛନ୍ତି, ଭଉଣୀମାନଙ୍କ ପ୍ରତି ଅପମାନକୁ ସେ କୌଣସି ପରିସ୍ଥିତିରେ ସହ୍ୟ କରିପାରିବେ ନାହିଁ। ଲାଲୁ ସମ୍ମତି ଦେଲେ ଜୟଚନ୍ଦ୍ରମାନଙ୍କୁ ସେ ସମାଧି ଦେଇଦେବେ। ଉଲ୍ଲେଖଯୋଗ୍ୟ, ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବା ଦର୍ଶାଇ ଲାଲୁ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ୬ ବର୍ଷ ନିଲମ୍ବନ କରିବା ସହ ପରିବାରରୁ ବାହାର କରିଦେଇଥିଲେ। ଏହା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ନାମରେ ନୂଆ ଦଳ ଗଢ଼ି ନିର୍ବାଚନ ଲଢ଼ିଥିଲେ ହେଁ କୌଣସି ସଫଳତା ପାଇ ନାହାନ୍ତି।

### ଦାରିଙ୍ଗବାଡିରେ ୮ଡିଗ୍ରୀ...

ସହ ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇବ। ଅପରପକ୍ଷେ ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲ ସୀମାରେ ରବିବାର ଓ ସୋମବାର ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନ ଥିବାବେଳେ କିଛି ସ୍ଥାନରେ ପାଗ ମେଘୁଆ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ଉପରେ ଆତଙ୍କବାଦୀଙ୍କ ନଜର

**ଦିଲ୍ଲୀ ଲାଲ୍‌କିଲ୍ଲାରେ ନଭେମ୍ବର ୧୦ରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ ସମ୍ପୃକ୍ତ ଆତଙ୍କବାଦୀ ମୁଜାମିଲ ସକିଲଙ୍କ ସମ୍ପର୍କ ଓଡ଼ିଶାରେ ରହିଛି। ତାଙ୍କୁ ଜେରାବେଳେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ହାତରେ ଲାଗିଛି। ମୁଜାମିଲଙ୍କ ହ୍ୱାଟ୍‌ସଆପ୍ ଯାଞ୍ଚ ବେଳେ ସେ ଓଡ଼ିଶାରେ ରହୁଥିବା କେତେଜଣଙ୍କ ଫୋନ୍‌କୁ ମେସେଜ ପଠାଇବା ସହ ବାର୍ତ୍ତାଳାପ କରିଥିବା ଜଣାପଡ଼ିଛି। ସେହିଭଳି ଜମ୍ମୁ, ହରିୟାଣା, ତାମିଲନାଡୁ ସହ ମୁଜାମିଲ୍‌ଙ୍କ ଲିଙ୍କ୍ ରହିଛି। ତେବେ ଓଡ଼ିଶାରୁ କେଉଁମାନେ ମୁଜାମିଲଙ୍କ ସମ୍ପର୍କରେ ଥିଲେ, କାହିଁକି ସେମାନେ ମୁଜାମିଲ ସହ କଥାବାର୍ତ୍ତା ବା ଚାଟିଂ କରୁଥିଲେ? ଏହାର ଖୋଳତାଡ଼ କରୁଛି ଏନଆଇଏ। ବିଶେଷକରି କଟକ ଜିଲାର ଏକ କଲେଜକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅଧିକ ତନାଘନା ପାଇଁ ଏନ୍‌ଆଇଏ ଖୁବ୍‌ଶୀଘ୍ର ଓଡ଼ିଶା ଆସିପାରେ ବୋଲି ସୂଚନା ମିଳିଛି। ଓଡ଼ିଶା ପୋଲିସ ଓ ଗୋଇନ୍ଦା ଏହା ଉପରେ ପୂରା ସତର୍କ ନଜର ରଖିଛନ୍ତି। ଦିଲ୍ଲୀ ଏନ୍‌ଆଇଏରୁ ଏ ସଂକ୍ରାନ୍ତ କୌଣସି ଖବର ଆସିଲେ ସେହି ଆଧାରରେ ପଦକ୍ଷେପ ନିଆଯିବ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଓଡ଼ିଶା ଉପରେ ଆତଙ୍କବାଦୀଙ୍କ ନଜର ରହିଆସିଥିବାରୁ ଚିନ୍ତା ବଢ଼ୁଛି।**

## ଏନ୍‌ଆଇଏ, ଆଇବି ସହ ଯୋଗାଯୋଗରେ ଅଛୁ: ଏଡିଜି

- ■ ଆତଙ୍କବାଦୀଙ୍କ ଲିଙ୍କ୍‌ରେ ପୂର୍ବରୁ ଏକାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି
- ■ ରାଜ୍ୟ ଗୋଇନ୍ଦା, ଖବରୀକୁ ଅଧିକ ସକ୍ରିୟ କଲା ପୋଲିସ ବିଭାଗ

**ଭୁବନେଶ୍ୱର,୧୬।୧୧(ତ୍ରିନାଥ ମହାନ୍ତି)**

ଆତଙ୍କବାଦୀଙ୍କ ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ହାଇଆଲର୍ଟରେ ରହିଛି। ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ବଡ଼ ସହର ସମେତ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ଉପକୂଳ ତଥା ସମୁଦ୍ରାଞ୍ଚଳରେ ସୁରକ୍ଷା ବଢାଇ ଦିଆଯାଇଛି। ଦିଲ୍ଲୀ ଘଟଣାରେ ଓଡ଼ିଶା ଲିଙ୍କ୍ ରହିଥିବା ଚର୍ଚ୍ଚା ହେଉଥିବାରୁ ଏଠାରେ ଆତଙ୍କୀ ଲୁଚିଥିବା ସନ୍ଦେହରେ ଚେକିଂ ଓ ବ୍ଲକିଂ ଜାରି ରହିଛି। ଅନ୍ୟପକ୍ଷରେ ପୂର୍ବରୁ ଆତଙ୍କବାଦୀ ଲିଙ୍କ୍‌ରେ ଓଡ଼ିଶାରୁ ଅନେକ ଦେଶଦ୍ରୋହୀଙ୍କୁ ଗିରଫ କରାଯାଇଛି। ଏଥିସହ ବହୁ ଆତଙ୍କୀ ସଂଗଠନକୁ ଠାବ କରାଯାଇଛି।

୨୦୧୫ ଜାନୁଆରୀ ୨୩ରେ ଚାନ୍ଦିପୁରସ୍ଥିତ ସାମରିକ ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ) ଏବଂ କ୍ଷେପଣାସ୍ତ୍ର ଘାଟିର ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇ ଈଶ୍ୱରଚନ୍ଦ୍ର ବେହେରା ଗିରଫ ହୋଇଥିଲେ। ସେ ଡିଆର୍‌ଡିଓ ଚାରିପଟେ ବୁଲି କ୍ୟାମେରାରେ ଫଟୋ ଉଠାଇ ପାକିସ୍ତାନକୁ ପଠାଇଥିଲେ। ୨୦୧୫ ଡିସେମ୍ବରରେ କଟକ ସାଲେପୁର ପଶ୍ଚିମକଚ୍ଛ ଗାଁରୁ ଗିରଫ ହୋଇଥିଲେ ଅବଦୁର ରହମନ। ଆତଙ୍କବାଦୀ କାର୍ଯ୍ୟ କଳାପରେ ସାମିଲହେବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ସେ ଯୁବକମାନଙ୍କୁ ପାଠ ପଢାଇବା ବାହାନାରେ ଆତଙ୍କବାଦୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରୁଥିଲେ। ଶେଷରେ ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ୨୦୧୬ ଜାନୁଆରୀ ୧୭ରେ ରାଉରକେଲାରୁ ୫ ସିମି (ଷ୍ଟୁଡେଣ୍ଟ୍‌ସ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ୍‌ସ ଅଫ୍ ଇଣ୍ଡିଆ) ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ସେମାନେ ମଧ୍ୟପ୍ରଦେଶ ଜେଲରୁ ଫେରାର ହୋଇ ଓଡ଼ିଶାରେ ଲୁଚି ରହିବା ସହ ତେଲଙ୍ଗାନା ପାଇଁ ଆତଙ୍କବାଦୀ କାର୍ଯ୍ୟ ଚଳାଇଥିଲେ। ଓଡ଼ିଶା ଏବଂ ତେଲଙ୍ଗାନା ପୋଲିସ ପକ୍ଷରୁ ମିଳିତ ଅପରେଶନ୍ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ସେହିପରି ପାକିସ୍ତାନ ସୁନ୍ଦରୀ ଜାଲରେ ପଡ଼ି ଚାନ୍ଦିପୁର ଡିଆର୍‌ଡିଓର ୪ଜଣ କର୍ମଚାରୀ ହନିଟ୍ରାପ୍‌ରେ ଫସିଥିଲେ। ଯୁବତୀ ଜଣକ ଆଇଏସ୍‌ଆଇ ଏଜେଣ୍ଟ ହୋଇଥିବା ବେଳେ ସେ ଏହି ୪ କର୍ମଚାରୀଙ୍କ ଦ୍ୱାରା ଗୁପ୍ତ ତଥ୍ୟ ନେଇ ପାକିସ୍ତାନକୁ ଦେଉଥିଲେ। ଏହା ଜଣାପଡ଼ିବା ପରେ ୨୦୨୧ ସେପ୍ଟେମ୍ବର ୧୫ରେ ସମ୍ପୃକ୍ତ ୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିବା ସହ ତଦନ୍ତ କରିଥିଲା। ୨୦୨୩ ଡିସେମ୍ବରରେ ସୟଦ ଇଶାନ ବୁଖାରୀଙ୍କୁ ଗିରଫ କରାଯାଇଥିଲା। ସେ ୫ ବର୍ଷ ହେବ ଓଡ଼ିଶାରେ ରହି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିବା ଅଭିଯୋଗ ଥିଲା। ତାଙ୍କ ଘର କଶ୍ମୀର ହୋଇଥିବା ବେଳେ ସେ ମିଛକଥା କହି ଯାଜପୁରର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ସେ ନିଜକୁ କେତେବେଳେ ଡାକ୍ତର ତ ଆଉ କେତେବେଳେ ଏନ୍‌ଆଇଏ ଅଧିକାରୀ ଓ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଉଥିଲ। ଆହୁରି ମଧ୍ୟ ଏକାଧିକ ଯୁବତୀଙ୍କୁ ମିଛ କଥା କହି ବିବାହ କରି ଟଙ୍କା ଲୁଟିବା ସହ ସେମାନଙ୍କ ମାଧ୍ୟମରେ ଗୁପ୍ତ ତଥ୍ୟ ସଂଗ୍ରହ କରି ପାକିସ୍ତାନକୁ ଦେଉଥିଲେ। ୨୦୨୩ ଜୁନ୍‌ରେ ଏସ୍‌ଟିଏଫ ୪ଜଣଙ୍କୁ ବାଲେଶ୍ୱରରୁ ଗିରଫ କରିଥିଲା। ସେମାନେ ପାକିସ୍ତାନ ଆଇଏସ୍‌ଆଇକୁ ସିମ୍ କାର୍ଡ ଓଟିପି ବିକ୍ରି କରୁଥିଲେ। ଆତଙ୍କବାଦୀମାନେ ଓଡ଼ିଶାରୁ ଓଟିପି ନେଇ ଦେଶବିରୋଧୀ କାର୍ଯ୍ୟ କରିବା ସହ ସୋସିଆଲ ମିଡିଆରେ ଦେଶବିରୋଧୀ ତଥ୍ୟ ଦେଉଥିଲେ। ଏହି ଓଟିପି ମାଧ୍ୟମରେ ଏକାଧିକ ବେନାମୀ ଆକାଉଣ୍ଟ ଖୋଲାଯାଇ ତାହା ଜରିଆରେ ପାକିସ୍ତାନରୁ ଟଙ୍କା ଆତଙ୍କବାଦୀଙ୍କ ପାଖକୁ ଆସୁଥିଲା। ନିକଟରେ ହରିୟାଣାରୁ ଗିରଫ ହୋଇଥିବା ଜଣେ ବ୍ଲଗର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଲିଙ୍କ୍‌ରେ ରହିଥିଲେ। ସେ ଏକାଧିକଥର ପୁରୀ ଆସିବା ସହ ନିଜକୁ ବ୍ଲଗର ପରିଚୟ ଦେଇ ଏଠାକାର ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। ସେମାନେ ପୁରୀ ଏବଂ ଓଡ଼ିଶାର ଏକାଧିକ ଐତିହ୍ୟ ସ୍ଥାନର ଗୁପ୍ତ ତଥ୍ୟ ଆଇଏସ୍‌ଆଇକୁ ପଠାଇଥିବା ସନ୍ଦେହ କରାଯାଇଥିଲା। ଏନେଇ ପୋଲିସ ଓ ଏନ୍‌ଆଇଏ ଉକ୍ତ ଯୁବତୀଙ୍କୁ ମଧ୍ୟ ଆତଙ୍କବାଦୀଙ୍କ ଲିଙ୍କ୍ ନେଇ ତଦନ୍ତ ପରିସରଭୁକ୍ତ କରିଥିଲା।

ଏ ସମ୍ପର୍କରେ ରାଜ୍ୟ ପୋଲିସ ବିଭାଗର ଲ' ଆଣ୍ଡ୍ ଅର୍ଡର ଏଡିଜି ସଞ୍ଜୀବ କୁମାର କହିଛନ୍ତି, ଓଡ଼ିଶାରୁ ବିଗତ ଦିନରେ ଆତଙ୍କବାଦୀ ଲିଙ୍କ୍‌ରେ ରହିଥିବା ବ୍ୟକ୍ତିଙ୍କୁ ଗିରଫ ପରେ ପୋଲିସ ଅଧିକ ସକ୍ରିୟ ରହିଛି। କିଛି ଭୟ କରିବାର ନାହିଁ। ଓଡ଼ିଶା ପୋଲିସ ସର୍ବଦା ଦିଲ୍ଲୀ ଏନ୍‌ଆଇଏ ଏବଂ ଆଇବି ସହ ଯୋଗାଯୋଗରେ ରହିଛି। ସେଭଳି କିଛି ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସୂଚନା ମିଳିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏବେ ରାଜ୍ୟ ଗୋଇନ୍ଦା ଏବଂ ଖବରୀ(ସୂଚନାଦାତା)ଙ୍କୁ ଅଧିକ ସକ୍ରିୟ କରାଯାଇଛି। ଦେଶବିରୋଧୀ କାର୍ଯ୍ୟକଳାପରେ କେହି ସମ୍ପୃକ୍ତ ଥିଲେ ତୁରନ୍ତ ଧରାଯିବ ବୋଲି ସେ କହିଛନ୍ତି।

## କାଳିମେଳା ଜଙ୍ଗଲରେ ଥିବା ପାହାଡ଼ ଗୁମ୍ଫାରୁ ବିସ୍ଫୋରକ ସାମଗ୍ରୀ ଜବତ



ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଜବତ ବିସ୍ଫୋରକ।

**ମାଲକାନଗିରି,୧୬।୧୧(ସୁଚିତ୍ରା ଦାସ)**

ମାଲକାନଗିରି ଜିଲା କାଳିମେଳା ଥାନା ଦୁଲାଗୁଣ୍ଡି ଜଙ୍ଗଲରେ ଥିବା ପାହାଡ଼ର ଏକ ଗୁମ୍ଫା ଭିତରେ ମାଓବାଦୀମାନେ ଲୁଚାଇଥିବା ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ଯବାନ ସର୍ଚ୍ଚଅପରେଶନ କରିବା ସମୟରେ ସୂଚନା ପାଇ ସତର୍କତାର ସହ ଗୁମ୍ଫାରୁ ମାଓବାଦୀ ସାମଗ୍ରୀକୁ ଜବତ କରିଥିଲେ। ସେଥିମଧ୍ୟରେ ଗୋଟିଏ ବନ୍ଧୁକ ,ବିପୁଳ ପରିମାଣର ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ, ଲ୍ୟାଣ୍ଡମାଇନ ପରି ଅନେକ ବିସ୍ଫୋରକ ସାମଗ୍ରୀ ରହିଛି। ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ବହୁଦିନ ତଳେ ରଖିଥିବା ପୋଲିସ ଅନୁମାନ କରୁଛି।

## କ୍ୟାଡର ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

**ଫୁଲବାଣୀ,୧୬।୧୧(ରାକେଶ କୁମାର ରାଉତ)**



ଆତ୍ମସମର୍ପଣ କରିଥିବା ମାଓବାଦୀ।

ସଙ୍ଗଠନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ କ୍ୟାଡର ମାଓବାଦୀ ଦମ୍ପତି କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ ରାଜ୍ୟ ସୁକୁମା ଜିଲାର ଉଙ୍ଗା କାଲମୁ ଓରଫ କିଶୋର(୨୫) ଓ ତାଙ୍କ ସ୍ତ୍ରୀ ମାସେ ମାଦଭି(୨୨)। ଉଭୟେ ବଂଶଧାରା ଘୁମୁସର ନାଗାବଳୀ(ବିଜିଏନ୍) ଡିଭିଜନରେ କାମ କରୁଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

୨୦୧୮ରେ କିଶୋର ଓ ମାଦଭି ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେବା ପରେ କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ତ ହୋଇ ପଡ଼ିଥିବା ଉତ୍ତର-ଦକ୍ଷିଣ କରିଡରକୁ ପୁନଃସକ୍ରିୟ କରିବା ପାଇଁ ସେମାନେ ନିୟୋଜିତ ହୋଇଥିଲେ। ଝାଡ଼ଖଣ୍ଡ-ଛତିଶଗଡ଼ ଦେଇ ଓଡ଼ିଶାର ଦକ୍ଷିଣ ମଧ୍ୟବର୍ତ୍ତୀ ଅଞ୍ଚଳ ମାଓବାଦୀଙ୍କ ନଜରରେ ଥିଲା। ଏହି ଦମ୍ପତି ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ମାଓବାଦୀ ହିଂସା କାର୍ଯ୍ୟକଳାପରେ ସାମିଲ ଥିଲେ। କିନ୍ତୁ ସେମାନେ ସଙ୍ଗଠନର କାର୍ଯ୍ୟକଳାପକୁ ନେଇ ହତାଶ ଏବଂ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମହିଳାମାନଙ୍କୁ ଯୌନ ନିର୍ଯାତନା, ଅନୈତିକ ଉପାୟରେ ଅର୍ଥ ଉପାର୍ଜନ, ଯୁବତୀ ଯୁବକଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାର, ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ, ମାଓବାଦୀଙ୍କ ବିରୋଧରେ ହେଉଥିବା ଅପରେଶନରେ ଅତିଷ୍ଠ ହେବା ସହ ମାଓବାଦୀ ଦମ୍ପତି ସରକାରଙ୍କ ଥଇଥାନ ନୀତିରେ ଆକର୍ଷିତ ହୋଇ ଆତ୍ମସମର୍ପଣ କରିବାକୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରାଯାଇଥିଲା। ସରକାରଙ୍କ ନୀତି ନିୟମ ଅନୁସାରେ ସବୁ ସୁବିଧା ଯୋଗାଇ ଦିଆଯିବ। ଯେଉଁମାନେ ଏହି ହିଂସା ପଥରେ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୁଣି ଅନୁରୋଧ କରୁଛୁ। ମାଓବାଦୀ କାର୍ଯ୍ୟକଳାପ ଛାଡ଼ିଲେ ସରକାରଙ୍କ ଥଇଥାନ ନୀତିରେ ଥିବା ସବୁ ଯୋଜନା ଯୋଗାଇ ଦିଆଯିବ ବୋଲି ଆଇଜି ଶେଖର ଏବଂ କନ୍ଧମାଳ ଏସ୍‌ପି ହରିଶ ବି.ସି. କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ଏସ୍‌ଡିପିଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରବିବାର ବ୍ୟାଡମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଓ ପାରମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି। **(ଫଟୋ: ବିକାଶ ନାୟକ)**

## ବାଇକ୍-ସ୍କୁଟି ଧକ୍କା: ୨ ମୃତ, ୪ ଆହତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ଓ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ସାରଙ୍ଗଧର ସେତୁ ଉପରେ ରବିବାର ଅପରାହ୍ନରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ୨ ଜଣ ହେଲେ ସଦର ଥାନା ତରଭା ଫାଣ୍ଡି କେଉଟବେରେଣୀ ଗ୍ରାମର ସତ୍ୟଜିତ ବରାଳ(୨୭) ଓ ବିଶ୍ୱପ୍ରସାଦ ବରାଳ(୨୦)। ଉଭୟେ ଏକ ବାଇକ୍‌ରେ ଢେଙ୍କାନାଳରୁ କାମାକ୍ଷାନଗର ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ବସିଥିବା ୩ ଜଣଙ୍କ ସମେତ ପଛରେ ଆସୁଥିବା ଆଉ ଏକ ବାଇକ୍ ଆରୋହୀ ପିଟିହୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣା ପରେ ସାରଙ୍ଗଧର ସେତୁ ଉପରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

## ପୋଖରୀରେ ବୁଡ଼ି ୨ ମୃତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ପୃଥକ ପୃଥକ ଘଟଣାରେ ଢେଙ୍କାନାଳ ଜିଲା ସଦରଥାନା ବଣସିଂହ ଓ ମହୁଲପଡ଼ା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଛି। ବଣସିଂହରେ ପୋଖରୀରେ ବୁଡ଼ି କାଠିଆ ମହାଲିକ(୬୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ାରେ ପୋଖରୀରେ ବୁଡ଼ି ଅଜିତ ପରିଡ଼ା(୪୨)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଚେତନତା ରୋକିବ ସାଇବର ଠକେଇ

**କଟକ,୧୬।୧୧(କାର୍ତ୍ତିକ ସାହୁ)**

**ରାଜ୍ୟରେ ବୁଲୁଛି ୧୬ ରଥ, ଆୟୋଜନ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ**

ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ସାରା ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି। ଏହି ରଥରେ ଲାଗିଥିବା ଏଲ୍‌ଇଡି ପ୍ୟାନେଲରେ ପ୍ରଦର୍ଶିତ ଭିଡିଓ ବାର୍ତ୍ତା ଜନସାଧାରଣ, ବିଶେଷକରି ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ବଢୁଥିବା ସଚେତନତା ଏବଂ ଆଗ୍ରହ ସୃଷ୍ଟି କରାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାଧାରଣ ନାଗରିକ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ ଜିଲା ସାମିଲ ହୋଇଥିବାବେଳେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଛି। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଓ ଦାୟିତ୍ୱ। ସଚେତନତା ହିଁ ସାଇବର୍ ଅପରାଧରୁ ସୁରକ୍ଷିତ ରହିବାର ଏକମାତ୍ର ଉପାୟ- ଏଭଳି ବାର୍ତ୍ତା ପୋଲିସ ତରଫରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସାଇବର ସଚେତନତା ସମ୍ବଳିତ ଲିଫ୍‌ଲେଟ ବଣ୍ଟନ କରାଯିବା ସହ ଏଲ୍‌ଇଡି ପ୍ୟାନେଲ ମାଧ୍ୟମରେ ଠକେଇ ହେବାର ପ୍ରକ୍ରିୟା ଓ ପ୍ରତିରୋଧ ଉପାୟ ସମ୍ପର୍କିତ ଭିଡିଓ ମଧ୍ୟ ପ୍ରଦର୍ଶିତ ହେଉଛି। ସେହିପରି ଠକେଇ ଫୋନ କଲ, ଓଟିପି ଫିସିଂ, ୟୁପିଆଇ ଠକେଇ, ସେକ୍ସ ଟର୍ସନ, ଲୋନ ଆପ ଠକେଇ, ସୋସିଆଲ ମିଡ଼ିଆ ବ୍ଲାକମେଲିଂ ଭଳି ବିଭିନ୍ନ ସାଇବର୍ ଅପରାଧ ସମ୍ପର୍କରେ ବ୍ୟାପକ ସଚେତନ କରାଯାଉଛି। ଜିଲା ପୋଲିସ ତରଫରୁ ସାଇବର ସଚେତନତା ପ୍ରସାର ପାଇଁ ପଦଯାତ୍ରା, ସାଇବର ସୁରକ୍ଷା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ରାଜ୍ୟରେ ଡିଜିଟାଲ ସୁରକ୍ଷା ସଚେତନତା ବହୁଗୁଣ ବୃଦ୍ଧି ପାଇବ ଓ ସାଇବର୍ ଅପରାଧ ହାର ଅନେକ ମାତ୍ରାରେ କମିବ ବୋଲି ଓଡ଼ିଶା ପୋଲିସ ଆଶା ବାନ୍ଧିଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

## କୋଣାର୍କର ଅର୍କବଟ ସୂର୍ଯ୍ୟଲୋକର ନନ୍ଦନବଟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଆମେ ଗତ ସଂଖ୍ୟାରେ କୋଣାର୍କଠାରେ ମନ୍ଦିର ପରିସରରେ ରହିଥିବା 'ଅର୍କବଟ' ପ୍ରସଙ୍ଗ ଆଲୋଚନା କରିଥିଲେ। ମନ୍ଦିରର ବାହାରପଟେ, ମୁଖଶାଳାରେ ସ୍ଥାନିତ ସମସ୍ତ ବିଗ୍ରହ ପ୍ରଥମେ ଅର୍କବଟ ତଳକୁ ବିଜେ କରିବା ପରେ ଯଥାଯୋଗ୍ୟ ସ୍ଥାନରେ ଖଞ୍ଜାଯାଇଥିଲେ।

ଆମେ ତ ପୋଥି ବର୍ଣ୍ଣନା ଦେଖିଲେ। ଶାସ୍ତ୍ର ବର୍ଣ୍ଣନା ବି ଜାଣିବା। ମୈତ୍ରେୟ ବନରେ ଅର୍କବଟ ତଳେ ସାଧୁ, ସନ୍ଥ ଓ ମୁନିମାନେ ଆଶ୍ରୟ ନେଉଥିଲେ। ଅଧ୍ୟାତ୍ମ ଦୃଷ୍ଟିରୁ ତାହା ଥିଲା ମୁକ୍ତିପ୍ରଦ। 'ମୁକ୍ତି'ର ପରିଭାଷା ଆମେ ଜାଣିଛେ। ଅବସୋସରୁ ମୁକ୍ତି। ଅବସୋସ ଷୋହଳ ପ୍ରକାର। ଏଥିରୁ ମୁକ୍ତି ମାନେ ନୀରବତା ଆଡ଼କୁ ଗତି। ମୌନ ଅବସ୍ଥା... ଭାବନାମୁକ୍ତ...। ଶାସ୍ତ୍ର ମତରେ ଶ୍ରୀଆଦିତ୍ୟ ସାକ୍ଷାତ୍ 'ଅର୍କବଟ' ରୂପ ଧାରଣ କରିଥିଲେ। ଅର୍କବଟ ସଂସ୍ପର୍ଶ ମାନେ ଅବଧ। ମାନସିକ ସ୍ତରରେ ଅବଧ। ମାୟାର ମୋହ ତାକୁ କବଳିତ କରିପାରେ ନାହିଁ। ଅର୍କବଟ ତଳେ ମୁନିମାନେ ସୂର୍ଯ୍ୟମନ୍ତ୍ର ଜପ କରୁଥିଲେ। ଜପରୁ ଧ୍ୟାନ ଆଡ଼କୁ ରାସ୍ତା। ତେଣୁ ଅଭୀଷ୍ଟ ପ୍ରାପ୍ତି ହୁଏ। ପ୍ରାଚୀନ ଶାସ୍ତ୍ର କୁହେ- ଯିଏ ଅର୍କବଟ... ତାହା ହିଁ ସୂର୍ଯ୍ୟଲୋକରେ ଥିବା ନନ୍ଦନ ବୃକ୍ଷ। 'ନନ୍ଦନ' ଶବ୍ଦ ଦର୍ଶନ ଶାସ୍ତ୍ରର ପାରିଭାଷିକ ଶବ୍ଦ। ୩୪ ତତ୍ତ୍ୱରେ ନନ୍ଦନ ଏକ ତତ୍ତ୍ୱ। ଏହି ତତ୍ତ୍ୱ ପ୍ରାପ୍ତ ହୁଏ ସାଧନାର ତିନିପକ୍ଷ ମଧ୍ୟରେ। ବାହାରିଆ ଲେଖକ ଏହାକୁ ସଂଯୋଗ କଲେ ବୁଦ୍ଧଦେବଙ୍କ ବୃକ୍ଷତଳେ ୪୯ ଦିନରେ ସିଦ୍ଧି ଲାଭ ସହିତ!!

ସେତିକିବେଳେ ସମସ୍ତ ଶିଳ୍ପୀଙ୍କୁ ଦୁଇଯୋଡ଼ା ଲେଖାଏଁ ବସ୍ତ୍ର ଉପହାର ଦେଇଥିଲେ। ତା' ସହିତ ଦେଇଥିଲେ ପଦ୍ମ ଅଙ୍କିତ ସ୍ୱର୍ଣ୍ଣ ମୁଦ୍ରା। ପୂର୍ବରୁ ସୂଚନା ଦେଇଥିଲୁ- ପଦ୍ମ ଅଙ୍କିତ ସ୍ୱର୍ଣ୍ଣମୁଦ୍ରା ଆମ ସାମ୍ରାଜ୍ୟର ଗୋଟିଏ ସ୍ଥାନରେ ଗଢ଼ାଯାଉଥିଲା, ତାହା ହେଉଛି କଟକର ବିଡ଼ାନାସୀ ଦୁର୍ଗରେ। ପୋଥିରେ ଲିଖିତ ହୋଇଛି ୩୪୬ ଟି ସ୍ୱର୍ଣ୍ଣମୁଦ୍ରା ଦେଇଥିଲେ। ତାହାହେଲେ କ'ଣ ନିର୍ମାଣ କାର୍ଯ୍ୟର ଶେଷ ଶେଷିଆକୁ ୧୮ ଶହ ଶିଳ୍ପୀ, ପଥୁରିଆ, କମାର, ମାଝି, ପାଇକିଆଳ, ନାରୀ ମୂଲିଆଣୀ, ଶଗଡ଼ିଆ, ହାତୀଆଳ ପ୍ରଭୃତି କମି କମି ଆଉ ୩୪୬ଜଣ ଥିଲେ? ନା କେବଳ ୩୪୬ ଜଣ ଶିଳ୍ପୀ ଅବଶିଷ୍ଟ ଥିଲେ।

ଆମେ ବାରମ୍ବାର 'ଶିଳ୍ପୀ' ଶବ୍ଦ ବ୍ୟବହାର କରିଛୁ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଯେଉଁମାନେ ଅସୀମ ତ୍ୟାଗ କରିଥିଲେ ସେମାନେ ପଥରଶିଳ୍ପୀ। ସେମାନେ ବଢ଼େଇ ନୁହନ୍ତି। ଅଭିସନ୍ଧି ମୂଳକ ଭାବରେ କିଛି ପାଶ୍ଚାତ୍ୟ ଅନୁଗାମୀ ବ୍ୟବହାର କଲେ- ବାରଶ ବଢ଼େଇ...। ଓଡ଼ିଶାରେ ବଢ଼େଇ କହିଲେ ମହାରଣାମାନଙ୍କୁ ବି ବୁଝାଏ। ଏମାନେ କାଠ କାମ କରନ୍ତି, ପଥର କାମ ନୁହେଁ। ଏଇଠି ଅଭିସନ୍ଧିର ମୂଳବିନ୍ଦୁ। ବଢ଼େଇ ଶବ୍ଦ ପ୍ରୟୋଗ କଲେ ମୂଳରୁ ଓଡ଼ିଶାର ପଥରଶିଳ୍ପୀ କୋଣାର୍କଠାରେ ମନ୍ଦିର ଗଢ଼ି ନାହାନ୍ତି ବୋଲି ପ୍ରମାଣ କରିବାକୁ ସହଜ ହେବ। ବଢ଼େଇ କ'ଣ ମନ୍ଦିର ନିର୍ମାଣ କରନ୍ତି!! ହସରେ ଉଡ଼େଇ ହେବ। ଆମକୁ ନୁଆଁଣିଆ କରିହେବ।

'ମହାରଣା' ସାଙ୍ଗିଆ ଓଡ଼ିଶାରେ ବିଶେଷ ପ୍ରଚଳିତ। ପଥର କାରିଗର, କାଠ କାରିଗର, ଲୁହାକାରିଗର (କମାର), ଚିତ୍ର କାରିଗର, ମାଟି କାରିଗରମାନଙ୍କର 'ମହାରଣା' ସାଙ୍ଗିଆ ଅଛି। କେବଳ 'ବଢ଼େଇ' ଶବ୍ଦକୁ ରୂଢ଼ି କରାଯାଇଛି। ଆମେ ସୂଚନା ଦେଇଥିଲୁ- ପଥର କାରିଗର ଯେପରି ପଥରର ମନ୍ଦିର ନିର୍ମାଣ କରିଥିଲେ। ଆଜି ବି କରୁଛନ୍ତି, ସେହିପରି କାଠ କାରିଗର ବି ଓଡ଼ିଶାରେ କାଠର ମନ୍ଦିର ନିର୍ମାଣ କରିଛନ୍ତି। ଏହା ଏକ ବିରଳ ଘଟଣା। ଓଡ଼ିଶାରେ ତାହା 'କାଠର କୋଣାର୍କ' ଭାବରେ ପ୍ରସିଦ୍ଧ।



ଗଞ୍ଜାମ ଜିଲା ବୁଗୁଡ଼ାସ୍ଥିତ ଶ୍ରୀବିରଞ୍ଚି ନାରାୟଣଙ୍କ କାଠର ମନ୍ଦିର କାନ୍ଥରେ ଥିବା ପ୍ରାଚୀନ ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ରର ଏହି ମାନଚିତ୍ର ଉତ୍ତରପାର୍ଶ୍ୱରେ ରହିଅଛି। **(ଫଟୋ: କାଳିଚରଣ ଦାଶ, ବୁଗୁଡ଼ା)**

ଗଞ୍ଜାମ ଜିଲାର ପ୍ରାଚୀନ ଶ୍ରୀକରନଗର, ବର୍ତ୍ତମାନର ବୁଗୁଡ଼ାଠାରେ ଓଡ଼ିଆ ପୁଅ ଗଢ଼ିଥିଲା ନିହାଣ ମୁନରେ କାଠର କୋଣାର୍କ। ୪୮ଟି ପଥର ଖମ୍ବ ଉପରେ କାଠର ରଥ ସଦୃଶ ମନ୍ଦିର। ସାମ୍ନାରେ 'ଭଦ୍ରମଣ୍ଡପ'। ଏକ ଚକ ବିଶିଷ୍ଟ ମନ୍ଦିରର ଅଗ୍ରଭାଗରେ ସାତୋଟି ଘୋଡ଼ା ରଥକୁ ଟାଣୁଥିବାର ଦୃଶ୍ୟ। କୋଣାର୍କରେ ଶ୍ରୀସୂର୍ଯ୍ୟନାରାୟଣ ପୂର୍ବାଭିମୁଖୀ, ବୁଗୁଡ଼ାରେ ଶ୍ରୀବିରଞ୍ଚିନାରାୟଣ ପଶ୍ଚିମାଭିମୁଖୀ। କୋଣାର୍କରେ ସୂର୍ଯ୍ୟଙ୍କର ଉଦୟକାଳୀନ କିରଣ ଯେପରି ପ୍ରଥମେ ସ୍ପର୍ଶ କରେ, ବୁଗୁଡ଼ାରେ ସୂର୍ଯ୍ୟାସ୍ତ ସମୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉ କି ଦକ୍ଷିଣାୟନ ହେଉ, ତାଙ୍କର ଆଭା ସ୍ପର୍ଶ କରିବାରେ ବ୍ୟତିକ୍ରମ ନାହିଁ। ଆହାଃ... ଓଡ଼ିଆ କାଠଶିଳ୍ପୀଙ୍କର କି ଅନନ୍ୟ କଳାକୃତି!

କାଠର କୋଣାର୍କ ପ୍ରତି ମନେହୁଏ ନଜର ପଡ଼ିନି। ନ ହେଲେ ଲେଖିଥାନ୍ତେ ବାହାର ସାମ୍ରାଜ୍ୟର କାଠଶିଳ୍ପୀ ଆସି ଗଢ଼ିଛନ୍ତି। କାଠର କୋଣାର୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ପଟ୍ଟଚିତ୍ର ମହାରଣା(ଶିଳ୍ପୀ) ପ୍ରାୟ ତିନିଶହ ବର୍ଷ ତଳର ଆଙ୍କି ଦେଇଛନ୍ତି ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ର ଶୈଳୀରେ...।

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ପାତ୍ର ଥିଲେ ସିନା

ବିହାର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୈତିକ ଇତିହାସ ପାଇଁ ଏକ ନୂଆ ପାଣ୍ଡୁଲିପି ଲେଖିଛି। ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ରହିଥିବା ନୀତିଶ କୁମାର ଓ କ୍ଷମତା ରାଜନୀତିରେ ସହଯୋଗୀ ଭାଜପା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି ଭୋଟ ଗ୍ରହଣ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ଏକ୍‌ଜିଟ ପୋଲ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଅଧିକ ସିଟ୍ ମିଳିବ ବୋଲି ଆକଳନ କରିଥିବା ବେଳେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ସହ ମିଶି ସୃଷ୍ଟି ହୋଇଥିବା ମହାଗଠବନ୍ଧନ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଅନୁମାନ ଲଗାଯାଇଥିଲା। ହେଲେ ୧୪ ନଭେମ୍ବରରେ ପ୍ରକାଶିତ ଫଳାଫଳ ଆଶଙ୍କା କିମ୍ବା ସମ୍ଭାବନା ଆଦି ସୀମା ଅତିକ୍ରମ କରି ଏନ୍‌ଡିଏକୁ ବିପୁଳ ବିଜୟ ଦେଇଦେଲା। ଫଳ ଦେଖି ଏନ୍‌ଡିଏ ନେତା ମଧ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୨୪୩ ଆସନ ମଧ୍ୟରୁ ୨୦୨ ଆସନ ଜିତି ଏନ୍‌ଡିଏ ଯେଉଁ ଅପ୍ରତ୍ୟାଶିତ ବିଜୟ ହାସଲ କଲା ସେଥିରେ ଭାଜପା ୮୯ ଆସନ ପାଇ ଆଗରେ ଥିବା ବେଳେ ଜେଡିୟୁ ୮୫ ସିଟ୍ ଜିଣି ତା' ପାଖାପାଖି ରହିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଦଳ ସମାନ ସଂଖ୍ୟକ ୧୦୧ ଆସନରେ ଲଢ଼ିଥିଲେ। ନିର୍ବାଚନ ଆରମ୍ଭ ବେଳୁ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ଆର୍‌ଜେଡିର ତେଜସ୍ୱୀ ଯାଦବ ଅତି କଷ୍ଟରେ ନିଜ ଆସନ ବଞ୍ଚାଇପାରିଥିବା ବେଳେ ଦଳ ପାଇଁ ମାତ୍ର ୨୫ ସିଟ୍ ଗୋଟାଇବାରେ ସକ୍ଷମ ହେଲେ। ସହଯୋଗୀ କଂଗ୍ରେସ ଭାଗରେ ପଡ଼ିଲା କେବଳ ୬। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀମାନେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଇଭିଏମ୍ ଜାଲିଆତି ଓ ସର୍ବୋପରି ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଗକୁ ବିରୋଧୀ ଆହୁରି କେତେ ଅଭିଯୋଗ ଆଣିପାରନ୍ତି। କିନ୍ତୁ ସାଧାରଣରେ କୁହାଯାଇଥାଏ–ଯିଏ ଜିତିଲେ ସିଏ ସମ୍ରାଟ।

ହିନ୍ଦୀ ଭାଷୀ ଅଞ୍ଚଳ ବିଶେଷକରି ବିହାର ଓ ଉତ୍ତର ପ୍ରଦେଶର ଭୌଗୋଳିକ ସ୍ଥିତି, ଲୋକସଂଖ୍ୟା ଓ ସେମାନଙ୍କ ଚରିତ୍ର, ଜାତି ଓ ଧର୍ମକୁ ନେଇ ରାଜନୀତି ସର୍ବଦା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥାଏ। ଗତ ଶତାବ୍ଦୀର ଶେଷ ଦଶକକୁ ଯଦି ଦେଖାଯାଏ ହିଂସା, ବୁଥ୍ ଜବରଦଖଲ ଆଦି ବିହାର ନିର୍ବାଚନ ସହ ଯୋଡ଼ି ହୋଇଥିଲା ଏବଂ ଅନେକ ସ୍ଥାନରେ ପୁନଃ ମତଦାନ ହେଉଥିଲା। ୨୦୦୫ରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାର ଅନେକ ପରିବର୍ତ୍ତନ ଦେଖିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଛି। କୌଣସି ସ୍ଥାନରେ ପୁନଃ ଭୋଟଗ୍ରହଣ ହୋଇ ନ ଥିବା ବେଳେ ହିଂସାକାଣ୍ଡ ବିଷୟରେ ଖବର ମିଳି ନାହିଁ। ଦୀର୍ଘ ଶାସନ କରିଥିବା ସତ୍ତ୍ୱେ ନୀତିଶ ବିରୋଧୀ ମତ ନ ବହିବା ଏବେ ବେଶି ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାର ସମ୍ଭାବ୍ୟ ଉତ୍ତର ରଖାଯାଉଛି ଯେ, ମହାଗଠବନ୍ଧନ ବିହାରବାସୀଙ୍କ ମନକୁ ପଢ଼ିପାରିଲେ ନାହିଁ। ସାମାଜିକ, ଆର୍ଥିକ ଓ ରାଜ୍ୟର ଉନ୍ନତି ପ୍ରସଙ୍ଗ ବିରୋଧୀ ନ ଉଠାଇ ଜେଡିୟୁ, ଭାଜପାକୁ ଟାର୍ଗେଟ କରିବା ସହ ନିର୍ବାଚନ କମିଶନଙ୍କ ଉପରେ ଦୋଷ ଅଜାଡ଼ି ଚାଲିଲେ। ଗଣତନ୍ତ୍ରରେ ଦୋଷ ଲଦିବା ଅପେକ୍ଷା ଲୋକଙ୍କ ପାଇଁ ଦଳ କ'ଣ କରିପାରିବ ତାହା ସେମାନଙ୍କ ନିକଟରେ ପହଞ୍ଚାଇବାର ଥିଲା। କିନ୍ତୁ କମ୍ ଆଲୋଚନା ହେଉଥିବା ବିନ୍ଦୁଟି ହେଉଛି ବୃଦ୍ଧ ନୀତିଶଙ୍କ ବିକଳ୍ପ ଭାବେ ଯୁବ ତେଜସ୍ୱୀ ନିଜକୁ ପ୍ରତିପାଦିତ କରିବାରେ ଅସଫଳ ହେଉଛନ୍ତି। ଲୋକଙ୍କ ପାଖକୁ ଗଲା ବେଳେ ଗୋଟେ ଭଲ ପାତ୍ର ବା ଥାଳ ନେଇ ଯାଇଥିଲେ ଦାନ ପାଇପାରିଥାଆନ୍ତେ। ଏହି ପାତ୍ର ପ୍ରସ୍ତୁତ କରିବା ଲାଗି ଗୋଟେ ସକାରାତ୍ମକ ପରିବେଶ ସୃଷ୍ଟି କରି ନିଜର ବ୍ୟକ୍ତିତ୍ୱ ବିକଶିତ କରାଇପାରିଥିଲେ ଲୋକେ ସେହି ନେତାଙ୍କ ଗୁରୁତ୍ୱ ବୁଝିପାରିଥାଆନ୍ତେ। ଭାରତୀୟ ରାଜନୀତି ଦେଖିଛି ଗୋଟେ ବିକଳ୍ପ ସୃଷ୍ଟି ନ ହେବା ଯାଏ ନେତାମାନେ ଦୀର୍ଘ ବର୍ଷ ଧରି ଶାସନରେ ରହିଥାଆନ୍ତି। ନଚେତ୍ ନେତା ନେଉଥିବା କୌଣସି ପଦକ୍ଷେପ ସାଧାରଣରେ ସ୍ୱୀକାରଯୋଗ୍ୟ ହେବାରେ ଅସଫଳ ହେଲେ ଭୋଟର ମୁହଁ ମୋଡ଼ିବା ସ୍ୱାଭାବିକ। ଏହା ୨୦୨୪ ନିର୍ବାଚନରେ ଓଡ଼ିଶା ଭୋଟର ପ୍ରମାଣ କରିଦେଇଛନ୍ତି। ଓଡ଼ିଶାର ଉଦାହରଣରୁ ବୁଝିବାକୁ ହେବ ଯେ ସବୁବେଳେ ବିକଳ୍ପ ଖୋଜିବା ପାଇଁ ନାଗରିକ ଅପେକ୍ଷା କରି ବସନ୍ତି ନାହିଁ। ବିରକ୍ତ ହେଲେ ଯାହାକୁ ଇଚ୍ଛା ତାହାକୁ ଶାସନ ଗାଦିରେ ବସାଇଦେଇ ପାରୁଛନ୍ତି।

ଆଜିର ସ୍ଥିତିରେ କଂଗ୍ରେସର ରାହୁଲ ଗାନ୍ଧୀ ହୁଅନ୍ତୁ ବା ଆର୍‌ଜେଡିର ତେଜସ୍ୱୀ ଯାଦବ ଆତ୍ମସମୀକ୍ଷା କରିବା ଗୁରୁତ୍ୱ ଧାରଣ କଲାଣି। ଏକ ଜାତୀୟ ଦଳ ଭାବେ କଂଗ୍ରେସ ୬ଟି ଆସନ ପାଉଥିବାରୁ ସେଥିରୁ ରାହୁଲ ବୁଝିଯିବା ଦରକାର ଯେ, ଜନସାଧାରଣଙ୍କ ନିକଟରେ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଲୋପ ପାଇଲାଣି। ତେଣୁ ସେଭଳି ନେତା ନେତୃତ୍ୱ ନେବାରୁ ଓହରିଯିବା ଉଚିତ। ତେଲଙ୍ଗାନା, କର୍ନାଟକ କିମ୍ବା ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପଛରେ ସ୍ଥାନୀୟ ନେତାଙ୍କ କସରତ ଥିଲା। ତେଲଙ୍ଗାନାରେ ଏ. ରେଭନ୍ତ ରେଡ୍ଡୀ, କର୍ନାଟକରେ ଡି.କେ. ଶିବକୁମାର ଏବଂ ହିମାଚଳ ପ୍ରଦେଶରେ ସୁଖବିନ୍ଦର ସିଂ ସୁଖୁ ନିଜ ପ୍ରଚେଷ୍ଟାରେ କଂଗ୍ରେସକୁ ଜିତାଇ ପାରିଥିଲେ। ସେହି ବିଜୟ ସହ ରାହୁଲଙ୍କୁ ଆଦୌ ଯୋଡ଼ାଯିବା କଥା ନୁହେଁ। ବିହାର କଂଗ୍ରେସରେ ସେଭଳି ଆଞ୍ଚଳିକ ନେତାଙ୍କ ଅଭାବ ଆରମ୍ଭରୁ ଦିଶୁଥିଲା। ତେଣୁ ଯେତେବେଳେ ନେତାମାନେ ଜାଣୁଛନ୍ତି ଯେ ସେମାନଙ୍କ ଦ୍ୱାରା କିଛି ହୋଇପାରୁ ନାହିଁ, ନିଜଆଡ଼ୁ ସେମାନେ ମଇଦାନରୁ ଅପସରି ଯିବା କଥା। ଓଡ଼ିଶା କଥା ଦେଖିଲେ ଦିନେ ସର୍ବମାନ୍ୟ ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଥିଲା। ଏବେ ବହୁ ଦିଗରୁ ତାଙ୍କ ବ୍ୟକ୍ତିତ୍ୱ ହ୍ରାସ ପାଇଥିବାରୁ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଭାବେ ଚାଲିଗଲାଣି ବୋଲି ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣ ମିଳିଲା। ଏହା ସୁନିଶ୍ଚିତ ବିଷୟ ଯେ ଓଡ଼ିଶାରେ ଶୂନ୍ୟ ବିରୋଧୀ ସ୍ଥାନ ସୃଷ୍ଟି ହୋଇଛି। ସେହି ସ୍ଥାନକୁ ନବୀନ ପଟ୍ଟନାୟକ ପୂରଣ କରିବାର ଅକ୍ଷମତା ପ୍ରଦର୍ଶନ କରିସାରିଲେଣି। ତାଙ୍କ ପାଖରେ କୌଣସି ନୂଆ ମନ୍ତ୍ର ଦେଖିବାକୁ ବାକି ନାହିଁ ବୋଲି ନୂଆପଡ଼ା ଦେଖାଇ ଦେଲା। ଅନୁରୂପ ଭାବେ ଓଡ଼ିଶା କଂଗ୍ରେସରେ ମଧ ଡି.କେ. ଶିବକୁମାର କିମ୍ବା ରେଭନ୍ତ ରେଡ୍ଡୀଙ୍କ ଭଳି ଗ୍ରହଣୀୟ ନେତାଙ୍କ ଉପସ୍ଥିତି ନାହିଁ। ତେଣୁ ବିରୋଧୀ ସ୍ଥାନ ଏବେ ଖାଲି ପଡ଼ିଛି, ଯାହାକୁ କଂଗ୍ରେସ ଏକ ଜାତୀୟ ଦଳ ଭାବେ ପୂରଣ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | | | |
| 9 | | | 1 | 5 | | | | |
| | | | | | 4 | | | |
| | 4 | 3 | 6 | | | | | 2 |
| | | 8 | | 7 | | 5 | | |
| | | 9 | 8 | | | | | 6 |
| 2 | | | | | | 1 | | |
| | 5 | | | | | 8 | | |
| 7 | | | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 6 | 1 | 5 | 9 | 8 | 2 |
| 8 | 9 | 6 | 2 | 7 | 4 | 5 | 3 | 1 |
| 5 | 1 | 2 | 3 | 8 | 9 | 4 | 7 | 6 |
| 6 | 7 | 5 | 4 | 3 | 2 | 1 | 9 | 8 |
| 3 | 8 | 9 | 7 | 5 | 1 | 2 | 6 | 4 |
| 1 | 2 | 4 | 9 | 6 | 8 | 7 | 5 | 3 |
| 4 | 5 | 7 | 8 | 2 | 6 | 3 | 1 | 9 |
| 9 | 6 | 1 | 5 | 4 | 3 | 8 | 2 | 7 |
| 2 | 3 | 8 | 1 | 9 | 7 | 6 | 4 | 5 |

ଗତକାଲିର ଉତ୍ତର

# ଆମେରିକାରେ ନୂତନ ତରଙ୍ଗ



ଜନାର୍ଦ୍ଦନ ପତି

ଯୁକ୍ତରାଷ୍ଟ୍ର ଆମେରିକାର କେବଳ ନୁହେଁ ସମଗ୍ର ବିଶ୍ୱର ପୁଞ୍ଜିର ରାଜଧାନୀ ହେଉଛି ନ୍ୟୁୟର୍କ। ସେଇଠି ରହିଛି ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ। ୱାର୍ଲଡଷ୍ଟ୍ରିଟର କେନ୍ଦ୍ର। ନ୍ୟୁୟର୍କ ଭିତରେ ବହି ଯାଉଥିବା ହଡସନ ନଦୀ ଭିତରେ ଥିବା ଟାପୁରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ବିଶାଳ ପ୍ରତିମୂର୍ତ୍ତି। ନ୍ୟୁୟର୍କ ସହରର ମ୍ୟୁନିସିପାଲିଟିର ବାର୍ଷିକ ବଜେଟ ୧୦ହଜାର କୋଟି ଡଲାର ବା ଆଠ ଲକ୍ଷ ଅଶୀ ହଜାର କୋଟି ଟଙ୍କା। ନ୍ୟୁୟର୍କର ଜିଡିପିର ପରିମାଣ ହେଉଛି ୨.୪୪ ଟ୍ରିଲିୟନ ଡଲାର। ଭାରତର ମୋଟ ଜିଡିପି ଅଧାରୁ ଅଧିକ ହେଉଛି ନ୍ୟୁୟର୍କ ସହରର ଜିଡିପି। ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ପ୍ରଦେଶ ମଧ୍ୟରୁ ଚାଳିଶଟିର ଲୋକସଂଖ୍ୟା ନ୍ୟୁୟର୍କ ସହରରୁ କମ୍। ଲୋକସଂଖ୍ୟା ପ୍ରାୟ ୮୫ଲକ୍ଷ। ନ୍ୟୁୟର୍କ ଚଳଣି ଖର୍ଚ୍ଚ ବହୁତ ବେଶି। ଘରଭଡ଼ା, ଟ୍ୟାକ୍ସିଭଡ଼ା, ଗ୍ରୋସରି ଦାମ୍ ଖୁବ୍ ଅଧିକ। ଗୋଟିଏ ପଟେ ଅତ୍ୟନ୍ତ ପ୍ରାଚୁର୍ଯ୍ୟ ଓ ଅପରପଟେ ସାଧାରଣ ଲୋକଙ୍କ ଜୀବନଯାପନ ଖୁବ୍ କଷ୍ଟସାଧ୍ୟ।

୪ ନଭେମ୍ବର ୨୦୨୫ରେ ନ୍ୟୁୟର୍କ ମ୍ୟୁନିସିପାଲ ମେୟର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନ୍ୟୁୟର୍କ ସହରର ଭୋଟଦାତାମାନେ ଡେମୋକ୍ରାଟିକ ଦଳକୁ ପ୍ରାୟତଃ ସମର୍ଥନ କରିଥାନ୍ତି। ଡେମୋକ୍ରାଟିକ ଦଳର ବର୍ତ୍ତମାନ ନ୍ୟୁୟର୍କ ମେୟର ଅଛନ୍ତି ଆଣ୍ଡ୍ରେୟୁ କ୍ୟୁମୋ। ତାଙ୍କର କାର୍ଯ୍ୟକାଳ ଜାନୁୟାରୀ ୨୦୨୬ରେ ଶେଷ ହେବ। ନଭେମ୍ବର ୪ ତାରିଖ ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ ଦଳର ମେୟର ପ୍ରାର୍ଥୀ କିଏ ହେବ, ସେଥିପାଇଁ ଦଳ ଭିତରେ ନିର୍ବାଚନ ହୋଇଥିଲା ଓ ଜୋହରାନ ମାମଦାନି ନିର୍ବାଚିତ ହୋଇଥିଲେ ପ୍ରାର୍ଥୀ ହେବା ପାଇଁ। ଆଣ୍ଡ୍ରେୟୁ କ୍ୟୁମୋଙ୍କ ପଛରେ ବହୁ ପୁଞ୍ଜିପତି ଠିଆ ହୋଇଥିଲେ। ମାତ୍ର ଆଣ୍ଡ୍ରେୟୁ ପରାସ୍ତ ହେଲେ ଓ ଡେମୋକ୍ରାଟିକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇପାରିଲେ ନାହିଁ।

ଜୋହରାନଙ୍କ ପିତା ମହମ୍ମଦ ମାମଦାନି ଜଣେ ମହାରାଷ୍ଟ୍ରର ମୁସଲମାନ। ସେ ୧୯୪୬ରେ ବମ୍ବେରେ ଜନ୍ମ ଲାଭ କରିଥିଲେ। ଜଣେ ପ୍ରଫେସର। ଉଗାଣ୍ଡାର ଏକ ବିଶ୍ୱବିଦ୍ୟାଳୟର ସେ କୁଳପତି। ଜୋହରାନଙ୍କ ମା' ମୀରା ନାୟାର, ଓଡ଼ିଶା ରାଉରକେଲାରେ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚଶିକ୍ଷିତା ଓ ଫିଲ୍ମ ନିର୍ମାତା। ଜୋହରାନଙ୍କ ମାତାପିତା ଉଗାଣ୍ଡା ଯାଇଥିଲେ ଓ ସେଠାରେ ଜୋହରାନ ଜନ୍ମ ହୋଇଥିଲେ। ତା'ପରବର୍ତ୍ତୀ କାଳରେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ।

ନ୍ୟୁୟର୍କ ସହରର ମେୟର ନିର୍ବାଚନ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଜ ଦଳର ପ୍ରାର୍ଥୀଙ୍କ ପରିବର୍ତ୍ତେ ଡେମୋକ୍ରାଟିକ ଦଳର ସଦସ୍ୟ ଓ ସ୍ୱାଧୀନ ମେୟର ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ଏହି ନିର୍ବାଚନ ବିତର୍କିତ ହୋଇ ଉଠିଲା।

ଜୋହରାନ ମମଦାନି ଡେମୋକ୍ରାଟିକ ଦଳର ସଦସ୍ୟ ଓ ଡେମୋକ୍ରାଟିକ ସୋସାଲିଷ୍ଟ



ଅଫ୍ ଆମେରିକା ଗ୍ରୁପର ମଧ୍ୟ ସଦସ୍ୟ। ଏହି ଡେମୋକ୍ରାଟିକ ସୋସାଲିଷ୍ଟ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ଆନ୍ଦୋଳନ। ମାମଦାନି ନିର୍ବାଚନ ପୂର୍ବରୁ ଘୋଷଣା କଲେ ଯେ, ସେ ଜଣେ ଡେମୋକ୍ରାଟିକ ସୋସାଲିଷ୍ଟ। ସେ ମଧ ନ୍ୟୁୟର୍କବାସୀଙ୍କ ପାଇଁ କେତୋଟି କାର୍ଯ୍ୟକ୍ରମ ଘୋଷଣା କଲେ। ୧–ନ୍ୟୁୟର୍କରେ ଘରଭଡ଼ା କମାଇବେ ଓ ଦୁଇଲକ୍ଷ ବାସଗୃହ ନିର୍ମାଣ କରି ଶସ୍ତାରେ ଘର ଯୋଗାଇବେ।୨– ମ୍ୟୁନିସିପାଲିଟି ତରଫରୁ ଗ୍ରୋସରି ଦୋକାନ ଖୋଲାଯିବ ଓ ଶସ୍ତାରେ ସମସ୍ତଙ୍କୁ ଆବଶ୍ୟକ ଜିନିଷ ମିଳିବ। ୩– ବସ୍‌ରେ ଯାତାୟାତ ବିନାମୂଲ୍ୟରେ ଯୋଗାଇ ଦିଆଯିବ। ୪– ମହିଳା ଶ୍ରମିକଙ୍କ ଶିଶୁମାନଙ୍କ ସମେତ ସମସ୍ତ ଶିଶୁଙ୍କର ଯତ୍ନ ନିଆଯିବ। ଜୋହରାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କେବଳ ନ୍ୟୁୟର୍କକୁ ନୁହେଁ, ସମଗ୍ର ଆମେରିକାକୁ ଦୋହଲାଇ ଦେଲା।

ଏହି ପଟଭୂମିରେ ଟ୍ରମ୍ପଙ୍କ ବୟାନବାଜି ଆରମ୍ଭ ହେଲା। ସେ ଘୋଷଣା କଲେ, ମାମଦାନି ଜଣେ କମ୍ୟୁନିଷ୍ଟ ପାଗଳ। ନ୍ୟୁୟର୍କବାସୀ କମ୍ୟୁନିଷ୍ଟକୁ ସ୍ୱୀକାର କରିବେ ନାହିଁ। ସେ ନ୍ୟୁୟର୍କବାସୀଙ୍କୁ ଆହ୍ୱାନ ଦେଲେ, ଆପଣଙ୍କ ପାଖରେ ବିକଳ୍ପ ନାହିଁ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋକୁ ସମର୍ଥନ କରନ୍ତୁ। ଆଉ ଯଦି ମାମଦାନି ନିର୍ବାଚିତ ହୁଅନ୍ତି, ତେବେ ସେ ନ୍ୟୁୟର୍କ ମ୍ୟୁନିସିପାଲିଟିକୁ ଅର୍ଥ ଦେବା ବନ୍ଦ କରିଦେବେ। ଜୋହରାନ ଏକ ଚକ୍ରବ୍ୟୂହକୁ ସାମ୍ନା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ବିଲିୟନ କୋଟି ଡଲାରର ମାଲିକ ମାଇକେଲ ବ୍ଲୁମ୍‌ବର୍ଗ, ଜିଓନିଷ୍ଟ କୋଟିପତି ବିଲ୍ ଆକ୍‌ମ୍ୟାନ, ଖବରକାଗଜ ନ୍ୟୁୟର୍କ ଟାଇମ୍‌ସ– ଏମାନେ ସମସ୍ତେ ନିଜର ସମସ୍ତ ଶକ୍ତି ଦେଇ ଜୋହରାନଙ୍କୁ ପରାସ୍ତ କରିବାକୁ ଲାଗି ପଡ଼ିଥିଲେ। ହେଲେ ତାଙ୍କୁ ଅଭିମନ୍ୟୁ ସ୍ଥାନରେ ରଖିପାରିଲେ ନାହିଁ ଆମେରିକାର ପୁଞ୍ଜିପତିମାନେ। ବାରମ୍ବାର ପ୍ରଚାର କରାଗଲା ଯେ ମାମଦାନି ଜଣେ ପକ୍କା କମ୍ୟୁନିଷ୍ଟ।

ଏହି ଅବସରରେ କମ୍ୟୁନିଷ୍ଟ ଇସ୍ତାହାରରେ ଲିପିବଦ୍ଧ ହୋଇଥିବା କେଇପଦ କଥା ଏଠାରେ ବର୍ଣ୍ଣନା କରିବା ଆବଶ୍ୟକ। ଇସ୍ତାହାରରେ ଲେଖାଯାଇଛି (୧୮୪୮)– ଆଜି ଏପରି କୌଣସି ବିରୋଧୀ ଦଳ ଅଛି ଯେ କି କ୍ଷମତାସୀନ ତାହାର ବିପକ୍ଷ ଦଳମାନଙ୍କ ଦ୍ୱାରା କମ୍ୟୁନିଷ୍ଟ ବୋଲି ନିନ୍ଦିତ ହୋଇନାହିଁ ? ଏପରି କୌଣସି ବିରୋଧୀ ଦଳ ଅଛି ଯେ କି ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ବିରୋଧୀ ଦଳକୁ ଏବଂ ନିଜର ପ୍ରତିକ୍ରିୟାଶୀଳ ଶତ୍ରୁମାନଙ୍କୁ ମଧ୍ୟ ଓଲଟି କମ୍ୟୁନିଷ୍ଟ ଆଖ୍ୟା ଦେଇ ନିନ୍ଦା କରିବାକୁ ଛାଡିନାହିଁ? ନ୍ୟୁୟର୍କ ମ୍ୟୁନିସିପାଲ ମେୟର ନିର୍ବାଚନରେ ଯାହାସବୁ ଘଟିଗଲା, ତାହା କ'ଣ ଇସ୍ତାହାରକୁ ଠିକ୍ ବୋଲି ପ୍ରତିପାଦନ କରିନାହିଁ?

ବାସ୍ତବରେ ମାମଦାନି ଜଣେ କମ୍ୟୁନିଷ୍ଟ ନ ଥିଲେ କି ସେ ମାର୍କ୍ସବାଦୀ ନୁହନ୍ତି। ସେ କହିଛନ୍ତି, ଦେଶବାସୀଙ୍କୁ ମୌଳିକ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଖାଦ୍ୟ, ବାସଗୃହ, ଚିକିତ୍ସା, ଶିକ୍ଷା ଆଦିକୁ ବ୍ୟବସାୟ କରି ପୁଞ୍ଜିପତିମାନେ ଅଜସ୍ର ଅର୍ଥ ଆୟ କରୁଛନ୍ତି। ମଣିଷର ବଞ୍ଚିବା ପାଇଁ ଯେଉଁ ମୌଳିକ ଜିନିଷ ଦରକାର, ସେ ସବୁକୁ ଶସ୍ତାରେ ଯୋଗାଇବାକୁ ରାଷ୍ଟ୍ରକୁ ଦାୟିତ୍ୱ ନେବାକୁ ହେବ।

ନଭେମ୍ବର ୪ ନିର୍ବାଚନରେ ମାମଦାନି ବିଜୟୀ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। 'ସମାଜବାଦ' ଏକ ଅଛୁଆଁ ରାଜନୀତି ହୋଇ ରହିନାହିଁ ନ୍ୟୁୟର୍କର ନାଗରିକଙ୍କ ପାଇଁ। ମମଦାନି ସ୍ପଷ୍ଟ ଭାବରେ ପାଲେଷ୍ଟାଇନ ରାଷ୍ଟ୍ର ପାଇଁ ଦାବି କରିଛନ୍ତି ଓ 'ଗାଜା' ନରସଂହାର ମୁଖ୍ୟ ଅପରାଧୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଗିରଫ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ମାମଦାନିଙ୍କ ନାଗରିକତ୍ୱକୁ ଲୋପ କରିଦେବା ପାଇଁ ରିପବ୍ଲିକାନ ପାର୍ଟି ପକ୍ଷରୁ ଜୋରସୋରରେ ଉଦ୍ୟମ ଆରମ୍ଭ ହୋଇଛି। ମାମଦାନି ୧୯୯୮ରେ ଉଗାଣ୍ଡାରୁ ଆମେରିକାକୁ ଆସିଥିଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ସାତବର୍ଷ। ୨୦୧୮ରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକତ୍ୱ ହାସଲ କରିଥିଲେ। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ଆମେରିକାରୁ ତଡିଦେବା ପାଇଁ ଉଦ୍ୟମ ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ମାତ୍ର ସେ ନିର୍ବାଚିତ ହେବା ପରେ ଏହି ଉଦ୍ୟମ ବି ଜୋରଦାର ଭାବେ ଚାଲିଛି।

ମାମଦାନିଙ୍କୁ ଇହୁଦୀ ବିରୋଧୀ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ନ୍ୟୁୟର୍କର ଇହୁଦୀମାନଙ୍କର ଏକ ବଡ଼ ଅଂଶ ମମଦାନିଙ୍କ ସମର୍ଥନରେ ଥିଲେ। ମାମଦାନି ନିର୍ବାଚିତ ହେବା ପରେ ବିଜୟ ଉତ୍ସବରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୪୭ ଅଗଷ୍ଟ ୧୫ ମଧ୍ୟରାତ୍ର, ସ୍ୱାଧୀନତା ଦିବସର ବକ୍ତବ୍ୟକୁ ତୋଳି ଧରିଥିଲେ।

"A moment comes out but rarely in History, when we step out from the old to the new. When an age ends and the soul of a Nation find utterance. To night we step out from the old to the new."

ମାମଦାନି ଭାରତକୁ ଖୁବ୍ ସମ୍ମାନ କରନ୍ତି। ମାମଦାନିଙ୍କ ଡେମୋକ୍ରାଟିକ ସୋସାଲିଜମ୍ ସମଗ୍ର ଆମେରିକାରେ ଏକ ନୂଆ ତରଙ୍ଗ ସୃଷ୍ଟି କରିପାରିଛି।

ମୋ:୯୪୩୭୦୦୭୭୭୦

# ସାକ୍ଷରତାର ବ୍ୟାପକତା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆଜିକାଲିର ଯୁବପିଢ଼ି ପାଖରେ କେବଳ ଦସ୍ତଖତ ଦେବା, ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ, ଏହା ସହ ହିସାବ କରିବା, ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରିବା, ଶିକ୍ଷାର ଉପଯୋଗ କରି ଉନ୍ନତ ଜୀବନଶୈଳୀଟିଏ ବଞ୍ଚିବା ହେଉଛି ଶିକ୍ଷା ଗ୍ରହଣର ପ୍ରକୃତ ଉଦ୍ଦେଶ୍ୟ। ଜୀବନରେ ଆସୁଥିବା ଅନେକ ସମସ୍ୟା ପ୍ରତି ସଚେତନ ରହିବା ସହ ଏହାର ସମାଧାନର ବାଟ ଖୋଜିପାରିଲେ ହିଁ ଶିକ୍ଷା ଗ୍ରହଣର ମୂଲ୍ୟ ଅଛି। ସାକ୍ଷରତା ଓ ସଚେତନତା ସବୁବେଳେ ପରସ୍ପର ଅନୁପୂରକ। ଏଣୁ ସାକ୍ଷରତା ଅଭିଯାନରେ ସାମିଲ ହେଉଥିବା ଶିଶୁ, ମହିଳା ଓ ବୃଦ୍ଧାବୃଦ୍ଧମାନେ ଏହା ହୃଦ୍‌ବୋଧ କରିବା ଉଚିତ ଯେ, ସେମାନେ ନାମକୁମାତ୍ର ସାକ୍ଷର ହେଉଛନ୍ତି ନା ପ୍ରକୃତରେ ସାକ୍ଷରତାର ସବୁ ଦିଗକୁ ଛୁଇଁପାରୁଛନ୍ତି!

ସାକ୍ଷରତା ହେଉଛି ଏକ ମାନବ ଅଧିକାର। ଜଣେ ଶିକ୍ଷିତ ହେଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର କ୍ଷମତା ରଖେ। ଏହା କିଛି ଶବ୍ଦକୁ କହିବାର ବା ଲେଖିବାର ଦକ୍ଷତା ନୁହେଁ; ବରଂ ନିଜ ତଥା ସମାଜର ବିକାଶ ନିମନ୍ତେ ଜ୍ଞାନ ଆହରଣ କରିବାର ଏକ ପ୍ରକ୍ରିୟା କହିଲେ ଭୁଲ ହେବ ନାହିଁ। ଜଣେ ଶିକ୍ଷିତ ହେବା ଅର୍ଥ, ନିଜ ଭିତରେ ଲୁଚି ରହିଥିବା ସାମର୍ଥ୍ୟ, ଦକ୍ଷତାକୁ ପରିପ୍ରକାଶ କରିବା। ଶିକ୍ଷିତ ବ୍ୟକ୍ତିଟିଏ ସବୁବେଳେ ସଶକ୍ତ କାରଣ ଶିକ୍ଷା ହିଁ ସେଇ ଅସ୍ତ୍ର, ଯାହାଦ୍ୱାରା ସେ ନିଜର ଆତ୍ମସମ୍ମାନ ଓ ପରିଚୟକୁ ବଜାୟ ରଖିପାରେ। ଏହା କେବଳ ବ୍ୟକ୍ତିର କହିବା, ଲେଖିବାକୁ ମାର୍ଜିତ କରେ ନାହିଁ, ସମକାଳରେ ଚିନ୍ତନ, ବିଶ୍ଳେଷଣ, ନିଷ୍ପତ୍ତି ନେବା ଆଦି ଦିଗରେ ଉନ୍ନତ ପ୍ରଦର୍ଶନରେ ସହାୟକ ହୁଏ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ସାକ୍ଷର ହେବା ଅତ୍ୟନ୍ତ ପ୍ରୟୋଜନୀୟ। କାରଣ ପ୍ରତିପରିବାରର ମଙ୍ଗ ସବୁବେଳେ ମହିଳାଟିଏ ହାତରେ ଥାଏ। ସେଥିପାଇଁ ତ କଥାରେ ଅଛି, ''ପୁରୁଷଟିଏ ଶିକ୍ଷିତ ହେଲେ ଜଣେ ଶିକ୍ଷିତ ହେଲା ବୋଲି କୁହାଯାଏ, କିନ୍ତୁ ମହିଳାଟିଏ ଶିକ୍ଷିତ ହେଲେ ପୂରା ପିଢ଼ି ଶିକ୍ଷିତ ହୋଇଥାଏ। ''ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷିତ ହେବାର ଅଧିକାର ଆମ ସମ୍ବିଧାନରେ ରହିଛି। ସତ କହିବାକୁ ଗଲେ ଖୁସି ଓ ସଫଳ ଜୀବନ ବଞ୍ଚିବାର ପ୍ରଥମ ପାହାଚ ହେଉଛି ଶିକ୍ଷିତ ହେବା। କାରଣ ଶିକ୍ଷା ବିନା ଜଣେ ତା'ର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ବୁଝିପାରିବ ନାହିଁ କି ତା'ର ସମାଧାନ କରିପାରିବ ନାହିଁ। ଜୀବନରେ ଆସୁଥିବା ଅସଂଖ୍ୟ ସମସ୍ୟାର ଗୋଟିଏ ସମାଧାନ ହେଉଛି ଶିକ୍ଷା।

ନିରକ୍ଷରତା ଭୋଗୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଶିକ୍ଷିତ କରିବାର ଦାୟିତ୍ୱ କେବଳ ସରକାରଙ୍କର ତା' ନୁହେଁ; ଶିକ୍ଷିତ ବ୍ୟକ୍ତିମାନେ ମଧ ଏହାର କର୍ଣ୍ଣଧାର ସାଜିପାରିବେ। ତେବେ ଏହାର ଶୁଭାରମ୍ଭ କରିବା ପାଇଁ ବେଶି ଦୂରକୁ ଯିବାକୁ



ହେବ ନାହିଁ। ଆମ ଘରେ କିମ୍ବା ଆଖପାଖରେ କାମ କରୁଥିବା ମହିଳା, ଶିଶୁ ବା ବୟସ୍କ ଲୋକ, ଯେଉଁମାନଙ୍କ ପାଖରେ କୌଣସି ଅନୁଷ୍ଠାନକୁ ଯାଇ ଶିକ୍ଷା ଗ୍ରହଣ କରିବାର ସୁଯୋଗ ନାହିଁ ଅଥବା ଅଭାବ, ଅସୁବିଧାର ସମ୍ମୁଖୀନ ହୋଇ ସେମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଶିକ୍ଷିତ କରେଇବାର ଭାର ଆମ ଭଳି ଶିକ୍ଷିତ ଗୋଷ୍ଠୀ ନେବାର ଆବଶ୍ୟକତା ରହିଛି। ବୟସ ଏହା ପାଇଁ ପ୍ରତିବନ୍ଧକ ହୋଇ ନ ପାରେ, ଜଣେ ଇଚ୍ଛା କଲେ ଯେକୌଣସି ବୟସରେ ଶିକ୍ଷାଗ୍ରହଣ କରିପାରିବ।

ସମାଜ ତଥା ଜାତି ସମେତ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ମହିଳାଙ୍କୁ ଶିକ୍ଷିତ କରିବା ଜରୁରୀ। ଏହାପରେ ମହିଳା ନିଜ ଅଧିକାର ବିଷୟରେ ସଚେତନ ହେବ, ନିଜର ଦକ୍ଷତା ଓ ଆବଶ୍ୟକତା ପାଇଁ ସ୍ୱର ଉତ୍ତୋଳନ କରିବ। ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ପ୍ରତିରୋଧ କରିବ, ଘରୋଇ ହିଂସା, ଶୋଷଣ ଓ ଅପରାଧ ଦାଉରୁ ସୁରକ୍ଷିତ ରଖିପାରିବ। ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ମହିଳା ହାତରେ, ଯାହା ସେ ଶିକ୍ଷିତ ହେଲା ପରେ ଆହୁରି ଉନ୍ନତ ଭାବରେ ଗଢ଼ିପାରିବ। ନିଜେ ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସମ୍ଭବ କେବଳ ଶିକ୍ଷା ଯୋଗୁ। ସେ କୃଷି ହେଉ କି ଶିଳ୍ପ, ବ୍ୟବସାୟ, ଚାକିରି ; ପ୍ରତିଟି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ଶିକ୍ଷିତ ହେବା ପରେ ଆସେ। ପିଲାମାନେ ଅବାଟରେ ଯାଉଥିଲେ କିମ୍ବା କୌଣସି ଅସୁବିଧା ଭୋଗୁଥିଲେ ମହିଳାଟିଏ ହିଁ ତାକୁ ଠିକ୍ ରାସ୍ତା ଦେଖାଇଥାଏ।

ଶିକ୍ଷା ପାଇଁ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଧରାଯାଉ ଜଣେ ଶିକ୍ଷିତ ହେବା ପାଇଁ ଇଚ୍ଛା କଲା ଏବଂ ତା' ପାଖରେ ସରକାରୀ ସୁବିଧା ଉପଲବ୍ଧ; ମାତ୍ର ଶିକ୍ଷାଗ୍ରହଣ ପାଇଁ ନିର୍ଦ୍ଧାରିତ ସ୍ଥାନ ଓ ସମୟ ଭିତରେ ସେ ପହଞ୍ଚି ପାରିଲା ନାହିଁ; ଏଥିରେ ବ୍ୟାଘାତ ସୃଷ୍ଟି କଲେ ତା'ର ପରିବାର କିମ୍ବା ତା'ର ସ୍ୱାମୀ କିମ୍ବା ତା'ର ଘରକାମ ବା ରୋଜଗାର ପନ୍ଥା ବା ଆଉ କିଛି। ସେହି ସମୟରେ ଶିକ୍ଷାଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତିକୁ ଉପଯୁକ୍ତ ପରିବେଶ ଓ ସ୍ୱାଧୀନତା ଲୋଡ଼ା ହୁଏ, ଯାହା ନ ମିଳିଲେ ସୁବିଧା, ସୁଯୋଗ ଥାଇ ସୁଦ୍ଧା ତାହା କାମରେ ଲାଗି ପାରେ ନାହିଁ। ପରସ୍ପର ବୁଝାମଣା ଏବଂ ସକାରାତ୍ମକ ମାନସିକତା ଥିଲେ ହିଁ ସଫଳତା ମିଳିପାରିବ, ଏଥିରେ ଦ୍ୱିମତ ନାହିଁ।

ନିକଟରେ ଆରମ୍ଭ ହୋଇଥିବା ସାକ୍ଷରତା ଅଭିଯାନଗୁଡ଼ିକରେ ପଢ଼ିବା, ଲେଖିବା ବ୍ୟତୀତ ହିସାବ କରିବା, ମୋବାଇଲ, ଲାପ୍‌ଟପ୍, କମ୍ପ୍ୟୁଟର ଭଳି ଯାନ୍ତ୍ରିକ ଉପକରଣ ବିଷୟରେ ଜ୍ଞାନ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ରୋଗ ଓ ଏହାର ନିରାକରଣ ପ୍ରତି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସହ ଲଢ଼ିବା ଏବଂ ଥଇଥାନ ବିଷୟରେ ଧାରଣା, ଜରୁରିକାଳୀନ ପରିସ୍ଥିତିରେ କ'ଣସବୁ କରଣୀୟ ସେ ବିଷୟରେ ଶିକ୍ଷା ଦିଆଯାଉଛି। ବାସ୍ତବରେ ଏହାହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରକୃତ ସାକ୍ଷରତା ସେତେବେଳେ ସମ୍ଭବ ହେବ, ଯେବେ ବ୍ୟକ୍ତିର ଜୀବନଶୈଳୀରେ ପରିବର୍ତ୍ତନ ଆସିବ। ଯେଉଁଦିନ ଶିକ୍ଷାରୁ ବଞ୍ଚିତ ଗୋଷ୍ଠୀ କାହାର ଠକାମିର ଶିକାର ହେବେ ନାହିଁ, ନିଜେ ଉତ୍ପାଦନ କରୁଥିବା ବସ୍ତୁଗୁଡ଼ିକର ସଠିକ ମୂଲ୍ୟାୟନ କରି ରୋଜଗାର କରିବେ, ନିଜ ପିଲାଙ୍କ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସୁବିଧା ପାଇବେ, ନିଜ ଅଧିକାର ବିଷୟରେ ସଚେତନ ହେବେ, ସେହିଦିନ ସାକ୍ଷରତାର ନୂତନ ସୂର୍ଯ୍ୟୋଦୟ ହେଲା ବୋଲି ଧରିନିଆଯିବ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସମାଜରେ ଲୋକଙ୍କୁ ରୋଜଗାରକ୍ଷମ କରିବାରେ ପଞ୍ଜାବର ଜଣେ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ଉଦାହରଣ ସୃଷ୍ଟି କରିଛନ୍ତି। ପଞ୍ଜାବ ବନ ବିଭାଗରେ କାର୍ଯ୍ୟରତ ଏହି ଅଧିକାରୀ ଜଣକ ହେଉଛନ୍ତି ଧରମବୀର ଧୈରୁ। ସେ ଧର୍ ବ୍ଲକ୍‌ରେ ରେଶମକୀଟ ପାଳନର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ଚଳାଇ ସଫଳ ହୋଇପାରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ବ୍ଲକ୍‌ରେ ପୂର୍ବରୁ ରେଶମକୀଟ ପାଳନ କରାଯାଉଥିଲା ଏବଂ ସମୟକ୍ରମେ କୃଷକମାନେ ସେଥିରୁ ଦୂରେଇ ଯାଇଥିଲେ। ତେବେ ୨୦୨୨ରେ ପଠାନକୋର୍ଟ ଫରେଷ୍ଟ ଡିଭିଜନରେ ଡିଏଫ୍‌ଓ ଭାବେ ଧରମବୀର ଯୋଗଦେବା ପରେ ତାଙ୍କ ଉଦ୍ୟମରେ ଧର୍ ବ୍ଲକ୍‌ର କୃଷକମାନେ ରେଶମକୀଟ ପାଳନ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ବ୍ଲକର ବିଭିନ୍ନ ଗାଁରେ ମୁଲବେରି ଗଛ ରୋପଣ କରାଯାଇ ରେଶମକୀଟ ପାଳନକୁ ବ୍ୟାପକ କରାଯାଇଛି। ବିଶେଷକରି ମହିଳାଙ୍କୁ ଏହି ଚାଷରେ ଜଡ଼ିତ କରାଯାଇଛି। କୀଟପାଳନ ସହିତ ରେଶମ କୋଷା ସଂଗ୍ରହ ଉପାୟ ସମ୍ପର୍କରେ କୃଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୭୬

- ରାଜ୍ୟସଭାର ଇତିହାସରେ ପ୍ରଥମ ଥର ପାଇଁ ସୁବ୍ରମଣ୍ୟନ୍ ସ୍ୱାମୀଙ୍କୁ ରାଜ୍ୟସଭା ସଭ୍ୟପଦରୁ ବହିଷ୍କାର କରିଦିଆଯାଇଛି।
- ଜାତିସଂଘର ନିରାପତ୍ତା ପରିଷଦରେ ଭିଏତନାମ ଜାତିସଂଘର ସଭ୍ୟ ହେବା ସପକ୍ଷରେ ପ୍ରାୟ ସମସ୍ତ ସଭ୍ୟଙ୍କର ବିପୁଳ ସମର୍ଥନ ମିଳିଥିବା ସତ୍ତ୍ୱେ ଆମେରିକା ଏହା ବିରୁଦ୍ଧରେ ପୁଣି ଭିଟୋ ପ୍ରୟୋଗ କରିଛି।

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ ।

–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଦମୁକ୍ତ ହେଉ ଓଡ଼ିଶା

ମହାଶୟ,

ବର୍ତ୍ତମାନର ସରକାର ବିରୋଧୀ ଦଳରେ ଥିଲାବେଳେ କହିଥିଲେ କ୍ଷମତାକୁ ଆସିଲେ ଓଡ଼ିଶାକୁ ମଦମୁକ୍ତ କରିଦେବେ। ରାଜ୍ୟବାସୀ ଖୁସି ହୋଇ ବିପୁଳ ଭୋଟରେ ଜୟଯୁକ୍ତ କରାଇଥିଲେ। ମଦର ଅପକାରିତା ବିଷୟରେ ସମସ୍ତେ ଊଣାଅଧିକେ ଅବଗତ ଥିବେ। ମଦୁଆମାନେ ସ୍ୱାର୍ଜିତ ଅର୍ଥକୁ ମଦ ପାଣିରେ ଭସାଇ ଦେଉଛନ୍ତି। ପିଲାଛୁଆଙ୍କୁ ପେଟପୂରା ଖାଇବାକୁ ଦେଇ ପାରୁନାହାନ୍ତି। ମଦ ନିଶାରେ ମଦୁଆମାନେ ସ୍ତ୍ରୀ, ପିଲାଙ୍କୁ ବାଡ଼ିଆପିଟା କରୁଛନ୍ତି। ମଦନିଶାରେ କାମ ନ କରି ବିଛଣାରେ ଶୋଇ ରହୁଛନ୍ତି। ମଦ ପିଇ କେଉଁଠି ରାସ୍ତା ଉପରେ ତ କେଉଁଠି ନାଳନର୍ଦ୍ଦମାରେ ପଡୁଛନ୍ତି। ସେମାନେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି, ଅନ୍ୟକୁ ମାରୁଛନ୍ତି ଏବଂ ନିଜେ ମଧ୍ୟ ମରୁଛନ୍ତି। ମଦ ପିଇ ପିଇ ଲୋକେ ରୁଗ୍‌ଣ ହେବା ସହ ଆର୍ଥିକ ଦୁରବସ୍ଥା ମଧ୍ୟରେ ଜୀବନଯାପନ କରୁଛନ୍ତି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ସବୁବେଳେ ଲାଗିରହୁଛି। ଏପରିକି ଛାଡ଼ପତ୍ର ଦିଆନିଆ ହେଉଛି କିମ୍ବା କେହି କାହାରିକୁ ହତ୍ୟା ମଧ କରୁଛି। ତେଣୁ ସରକାର ରାଜସ୍ୱ ଉପରେ ଗୁରୁତ୍ୱ ଦେଇ ମଣିଷ ଜୀବନକୁ ହାହତାଶ ମଧକୁ ଠେଲି ନ ଦିଅନ୍ତୁ। ନିଜ କଥାକୁ ନିଜେ ରକ୍ଷା କରନ୍ତୁ।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତାମାନେ।

ବାଲେଶ୍ୱର,୧୬।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ପରିଖି ପଞ୍ଚାୟତରେ ଶୁକ୍ରବାର ବିଧାୟକ ମାନସ କୁମାର ଦତ୍ତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସଦର ପଞ୍ଚାୟତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଅନ୍ତର୍ଗତ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଣାଗୋଠଠାରେ ଗଣେଶ କମ୍ୟୁନିଟି ସେଣ୍ଟର ନିର୍ମାଣ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୩ଲକ୍ଷ ଟଙ୍କାରେ ହୋଣାଗୋଠ ସ୍କୁଲର ନୂତନ ଶ୍ରେଣୀ ଗୃହ ନିର୍ମାଣ, ୩ଲକ୍ଷରେ ଆରଡି ରୋଡ୍‌ର ଅତୁଲ ପ୍ରଧାନଙ୍କ ଘରଠାରୁ ବିମଳ ସେନାପତିଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଧାୟକଙ୍କ ହାତପାଣ୍ଠି ପ୍ରଦତ୍ତ ୨ଲକ୍ଷରେ ହୋଣାଗୋଠସ୍ଥିତ ମା' ଗୋଷ୍ଠୀ ଠାକୁରାଣୀ ମନ୍ଦିରର ମରାମତି ଓ ପୁନଃରୁଦ୍ଧାର, ପଞ୍ଚାୟତ ସମିତି ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୩ଲକ୍ଷରେ ବଣ୍ଠାପାଳ ଗ୍ରାମରେ ଶୀତଳା ମାତା ମନ୍ଦିରର ଉନ୍ନତୀକରଣ, ୩ଲକ୍ଷରେ ଗୋକୁଳପୁର ଆଦିବାସୀ ସାହିସ୍ଥିତ ମା' ମଙ୍ଗଳା ଠାକୁରାଣୀଙ୍କ ନୂତନ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଅନ୍ତର୍ଗତ ୨ଲକ୍ଷ ୫୦ହଜାରରେ ବାହାର୍ଦ୍ଦାସ୍ଥିତ ହନୁମାନ ମନ୍ଦିରର ପୂର୍ଣ୍ଣାଙ୍ଗୀକରଣ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୩ଲକ୍ଷରେ ପରିଖି ଗ୍ରାମର ବାଣେଶ୍ୱର ମହାଦେବ ମନ୍ଦିରର ଭୋଗମଣ୍ଡପ ନିର୍ମାଣ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୩ଲକ୍ଷ ୪୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବଡ଼ଡିହ ଗ୍ରାମସ୍ଥିତ ବିଷ୍ଣୁପ୍ରିୟା ନୋଡାଲ ବିଦ୍ୟାଳୟର ପକ୍କାଗୃହ ନିର୍ମାଣ ପ୍ରଭୃତି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଉତ୍ତମ ଗୁଣବତ୍ତା ଓ ଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କର୍ଯ୍ୟେକ୍ରମରେ ସ୍ଥାନୀୟ ଭାଜପା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆନନ୍ଦପୁର ଉପଖଣ୍ଡରେ ନିଶା କାରବାର ବୃଦ୍ଧି

ବଞ୍ଚୋ,୧୬।୧୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଏବଂ ହାଟଡ଼ିହୀ ବ୍ଲକ୍ ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବ୍ୟବସାୟୀ ଅବାଧରେ ଏହି କାରବାର କରୁଛନ୍ତି। ଅନେକ ସମୟରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ନିଶା କାରବାରରେ ସମ୍ପୃକ୍ତଙ୍କୁ ଗିରଫ କରୁଛି। ଏଥିସହ ବହୁ ପରିମାଣରେ ନିଶାଦ୍ରବ୍ୟ ଜବତ କରାଯାଉଛି। ତଥାପି ଅଞ୍ଚଳରେ ନିଶା କାରବାର ଥମିବାର ନାଁ ଧରୁନି।

ସୂଚନା ଅନୁଯାୟୀ, ଅବକାରୀ ମୋବାଇଲ ସ୍କ୍ୱାଡ୍ ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଢେଙ୍କାରେ ନଭେମ୍ବର ୧୧ତାରିଖରେ ଚଢ଼ାଉ କରି ୧୩୭ ଲିଟର ବିଦେଶୀ ମଦ ଜବତ କରିଥିଲା। ଜୁଲାଇ ୩୧ରେ କେନ୍ଦୁଝର ପୋଲିସ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୨୧ଜଣଙ୍କୁ ଗିରଫ କରିଥିଲା। ସେହିପରି ଅଗଷ୍ଟ ୫ରେ ଆନନ୍ଦପୁର ପୋଲିସ ତରତରା ଅଞ୍ଚଳରୁ ୪୦ ଲିଟର ପୋଚ ନଷ୍ଟ କରିଥିଲା। ଅବକାରୀ ବିଭାଗ ଫେବୃଆରୀ ୨୦ରେ ହାଟଡ଼ିହୀ ଅଞ୍ଚଳରୁ ୧୦୦ କେଜି ଗଞ୍ଜେଇ ଜବତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଗ୍ରାମାଞ୍ଚଳର ଛକ ବଜାରରେ ଅବାଧରେ ନିଶାଦ୍ରବ୍ୟ ମିଳିଯାଉଛି। ସନ୍ଧ୍ୟା ହେଲେ ବିଭିନ୍ନ ଛକରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ଅନେକ ସ୍ୱୀକୃତିପ୍ରାପ୍ତ ବିଦେଶୀ ଓ ଦେଶୀ ମଦ ଦୋକାନୀ ଗ୍ରାମାଞ୍ଚଳରେ ଖୁଚୁରା ଦୋକାନୀଙ୍କୁ ମଦ ଯୋଗାଉଥିବା ଅଭିଯୋଗ ହେଉଛି। ବିଶେଷକରି ଅଞ୍ଚଳରେ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବ୍ୟବସାୟ ବହୁମାତ୍ରାରେ ବୃଦ୍ଧି ପାଇଥିବା ଦେଖାଯାଇଛି। ଯୁବପିଢ଼ି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଛନ୍ତି। ଗ୍ରାମାଞ୍ଚଳର ଛକ ବଜାରରେ ଗଣ୍ଡଗୋଳ, ଅସାମାଜିକ କାର୍ଯ୍ୟକଳାପ ବଢୁଛି। କେନ୍ଦୁଝର ଜିଲା ଅବକାରୀ ସବ୍‌ଇନ୍ସପେକ୍ଟର ରୋହିତ ନାୟକ କହିଛନ୍ତି, ଏକ ମାସ ଭିତରେ ପାଖାପାଖି ୫୦ କେଜି ଗଞ୍ଜେଇ ଓ ୩୦୦ ଲିଟର ମଦ ଜବତ କରାଯାଇଛି। ଆଗକୁ ଚଢ଼ାଉ ଜାରି ରହିବ। ଶିକ୍ଷାବିତ୍ କମଳଲୋଚନ ବିଶ୍ୱାଳ କହିଛନ୍ତି, ପୌରାଞ୍ଚଳ, ଗ୍ରାମରେ ବଢୁଥିବା ଚୋରା ବିଦେଶୀ ଓ ଦେଶୀ ମଦର ବ୍ୟବସାୟ ଗମ୍ଭୀର ଚିନ୍ତାର ବିଷୟ ସାଜିଛି। ଫଳରେ ଘରୋଇ ଅଶାନ୍ତି, ଅପରାଧ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ପୋଲିସ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ସମାଜର ପ୍ରତ୍ୟେକ ଲୋକ ଏହି ବେଆଇନ ମଦ ବ୍ୟବସାୟ ରୋକିବାକୁ ଆଗେଇ ଆସିବା ଜରୁରୀ।

# ଜାଭେଦ ଅଲ୍ଲୀଙ୍କ ଗୀତରେ ଝୁମିଲେ ଦର୍ଶକ

ବାରିପଦା,୧୬।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭଞ୍ଜପୁରଠାରେ ଚାଲିଥିବା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଧାତ୍ରୀ ମେଳାର ୧୩ତମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବଲିଉଡ ନାଇଟ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ହିନ୍ଦୀ ସିନେମା ଜଗତର ଚର୍ଚ୍ଚିତ କଣ୍ଠଶିଳ୍ପୀ ଜାଭେଦ ଅଲ୍ଲୀ ଦର୍ଶକଙ୍କ ମନପସନ୍ଦର ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ହିନ୍ଦୀ ସମେତ ଭାରତର ବିଭିନ୍ନ ଭାଷାରେ ଗୀତ ଗାଇ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ।



ଜାଭେଦ ଅଲ୍ଲୀ

# ମତୋ ବଜାରରେ ଉଚ୍ଛେଦ ନେଇ କଂଗ୍ରେସର ପ୍ରତିବାଦ

ଚାନ୍ଦବାଲି,୧୬।୧୧(ଅଶୋକ ପଣ୍ଡା/କିଷାନ ପାତ୍ର)

ଚାନ୍ଦବାଲି ତହସିଲ ଅଧୀନ ମତୋ ବଜାରରେ ଗତ ୧୨ ଓ ୧୩ ତାରିଖ ୨ଦିନ ଧରି ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପ୍ରାୟ ୧୦୦ଟି ଦୋକାନ ଗୃହ ଭାଙ୍ଗି ଦିଆଯାଇଥିଲା। ଏହା ବେଆଇନ, ଅମାନବିକ ଓ ଅଧିକାରର ଦୁରୁପଯୋଗ ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ରବିବାର ପୂର୍ବତନ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ଏକ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି ଯେ, କୌଣସି ନୋଟିସ ନ ଦେଇ, ଥଇଥାନ ବ୍ୟବସ୍ଥା ନ କରି ଏଭଳି ଉଚ୍ଛେଦ ଦ୍ୱାରା ୧୦୦ ପରିବାରର ଜୀବିକା ଧ୍ୱଂସ ହୋଇଛି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଜିଲାପାଳଙ୍କୁ ସେ ଚିଠି ଲେଖି ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ମତୋ ବଜାର ଆଖପାଖର ୧୦ ପଞ୍ଚାୟତର ଲୋକଙ୍କ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଥିଲା। ୨୦୦୬-୦୭ରେ ବିଶ୍ୱବ୍ୟାଙ୍କ ପ୍ରକଳ୍ପ ସମୟରେ ଭଦ୍ରକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତ ବେଳେ ଏହି ବଜାରରୁ ସ୍ଥାନାନ୍ତର ପାଇଁ ପ୍ରତ୍ୟେକ ବ୍ୟବସାୟୀଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନ କରାଯାଇଥିଲା। ସରକାରଙ୍କ ପକ୍ଷରୁ କରାଯାଇଥିବା ଥଇଥାନରେ ବର୍ଷେ କାଳ ବ୍ୟବସାୟ କଲା ପରେ ଅଚାନକ ବେଆଇନ ଭାବେ କାହିଁକି ଭଙ୍ଗାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମା' ଲକ୍ଷ୍ମୀଙ୍କ ମନ୍ଦିର ଥିବା ବଜାରକୁ ମାଣବସା ଗୁରୁବାର ଦିନ ଭଙ୍ଗାଯିବା ଧାର୍ମିକ ଭାବାବେଗକୁ ଆଘାତ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ବଜାର ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ବାଚନମଣ୍ଡଳୀରେ ହୋଇଥିବା ବେଳେ ଏହି ପ୍ରସଙ୍ଗରେ ତାଙ୍କ ନୀରବତା ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ଉଚ୍ଛେଦ ବ୍ୟବସାୟୀମାନଙ୍କ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ସହ ଥଇଥାନ ବ୍ୟବସ୍ଥା ଏବଂ ତହସିଲଦାରଙ୍କ ବିରୋଧରେ ବିଧିସମ୍ମତ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।


**Odisha Lift Irrigation Corporatiom Ltd.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BARGARH**
E-Procurement Notice - EE/OLIC/BGH-04/2025-26
E-mail : eeolicbgh@gmail.com, Ph : 06646-246126
No.CAD-2317 No.2305/Dated : 12.11.2025

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 02 nos. Package (03 Nos. CLIPS) in different Block of Bargarh District under State Plan Grant 2024-25
3. No. of Packages : 02 Nos.
4. Tender Amount : Varies from 15.97 Lakhs to 25.79 Lakhs.
5. Date and time of availability of bid documents in the portal for on line bidding from 10.00 hrs dated 19.11.2025 to 17.00 hrs dated 28.11.2025.
6. Last date and time of receipt of bids in the portal up to 17.00 hrs. Dated-28.11.2025.
7. Last date and time for clarification up to 17.00 hrs Dated-27.11.2025.
8. Date of opening of bid at 11.00 hrs. Dated-29.11.2025.
9. Further details can be seen from the e-procurement portal of Govt. of Odisha i.e. www.tendersorissa.gov.in
10. Subsequent corrigendum/addendum/cancellation of tender if required shall be available in the above portal.

OIPR- Sd./- Executive Engineer L.I. Division, Bargarh



## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-MBJ-0024-2024-22182/ R&DM, Dated: 19 JUN 2025

No.XXI-17: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ରାଉତରା, ଥାନା: ବେତନଟୀ ନଂ. ୧୧୪, ତହସିଲ: ବେତନଟୀ, ଜିଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ୬.୧୦.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLARR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କରେ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଉତରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୭.୧୯ | ଏ. ୬.୧୦.୬୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମାନ୍ୟ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୪୩/ ୨୦୨୨
ଏ.୧୦.୬୪ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାଉତରା ସବ୍-ମାଇନର ନିମନ୍ତେ ମୌଜା-ରାଉତରା, ଥାନା-ବେତନଟୀ ନଂ-୧୧୪, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | | ୪ | ୫ | ୬ |
| ୧ | ୯୨ | ଶାରଦ ଦୁଇ | ୦.୩୩ | ୦.୧୧ | | ଅନନ୍ତ ଦାସ, କର୍ମୁ ଦାସ, ହାଡିବନ୍ଧୁ ଦାସ, ପି. କାନ୍ଧୁ ଦାସ, ଜା:ପାନ, ବା:କିଲଗାଁ |
| | ୭୬ | ଶାରଦ ଦୁଇ | ୦.୧୫ | ୦.୧୧ | | |
| | ୬୩୦ | ଶାରଦ ତିନି | ୦.୧୨ | ୦.୦୮ | | |
| ୪ | ୬୩୮ | ଶାରଦ ତିନି | ୦.୧୨ | ୦.୧୨ | | ଅକ୍ରୁର ମହାନ୍ତ, ଶ୍ରୀହରି ମହାନ୍ତ, ପି:ହରି ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୭ | ୯୮୪ | ଶାରଦ ଦୁଇ | ୦.୧୫ | ୦.୦୨ | | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ଜା:କନ୍ଧବର, ବା:କିଲଗାଁ |
| ୮ | ୭୩ | ଶାରଦ ଦୁଇ | ୦.୩୩ | ୦.୧୫ | | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୨ | ୯୬୩ | ଶାରଦ ଦୁଇ | ୦.୧୬ | ୦.୧୦ | | ରାଧା ମହାନ୍ତ, ପି:ଜାନ ଚୈତନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | | ୪ | ୫ | ୬ |
| ୧୮ | ୮୯୨/୧୧୭୬ | ଶାରଦ ତିନି | ୦.୧୦ | ୦.୦୪ | | କର୍ମୁ ମହାନ୍ତ, ପି:ଗଙ୍ଗା ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୮୯୨/୧୧୭୩ | ଶାରଦ ତିନି | ୦.୪୩ | ୦.୨୨ | | |
| ୨୨ | ୬୮୭ | ଶାରଦ ଦୁଇ | ୦.୦୬ | ୦.୦୬ | | କାଳିଆ ମାଝୀ, ପି:ନିମାଇ ମାଝୀ, ଜା:ସାନ୍ତାଳ, ବା:କିଲଗାଁ |
| | ୬୮୪ | ଶାରଦ ତିନି | ୦.୧୩ | ୦.୧୩ | | |
| ୨୭ | ୭୪ | ଶାରଦ ଦୁଇ | ୦.୧୭ | ୦.୦୮ | | ଗଣେଶ୍ୱର ମହାନ୍ତ, ବିନୋଦ ମହାନ୍ତ, ପି:ଲକ୍ଷ୍ମଣ ମହାନ୍ତ, ଚନ୍ଦ୍ରମା ମହାନ୍ତ, ସ୍ୱା: ଲାଲ ମୋହନ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୨୯ | ୬୯୩ | ଶାରଦ ଦୁଇ | ୦.୦୪ | ୦.୦୪ | | ଗଣେଶ ମହାନ୍ତ, ରମେଶ ମହାନ୍ତ, ଶଶଧର ମହାନ୍ତ, ସର୍ବେଶ୍ୱର ମହାନ୍ତ, ରବି ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ସୁରା ମହାନ୍ତ, ସ୍ୱା: ଚନ୍ଦ୍ରମୋହନ ମହାନ୍ତ, ହର ମୋହନ ମହାନ୍ତ, ଗୋକୁଳ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି:ମଧୁ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୭୬୬ | ଶାରଦ ଦୁଇ | ୦.୩୨ | ୦.୦୫ | | |
| ୩୦ | ୮୫୫ | ଶାରଦ ତିନି | ୦.୬୮ | ୦.୩୨ | | ରଘୁନାଥ ମହାନ୍ତ, ପି:ପ୍ରାଣକୃଷ୍ଣ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୩୧ | ୭୬୯ | ଶାରଦ ଦୁଇ | ୦.୨୨ | ୦.୧୪ | | ଗଙ୍ଗା ମହାନ୍ତ, ଗୌର ମହାନ୍ତ, ପି:ସହଦେବ ମହାନ୍ତ, ଯୁଧି ମହାନ୍ତ, ବିଷ ମହାନ୍ତ, ପି:କୁବେର ମହାନ୍ତ, କୃପାସିନ୍ଧୁ ମହାନ୍ତ, ନୃପେନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି:ସନାତନ ମହାନ୍ତ, ରୁକ୍ମଣୀ ମହାନ୍ତ, ସ୍ୱା:ସନାତନ ମହାନ୍ତ, କାନ୍ତା ମହାନ୍ତ, ପେଲି ମହାନ୍ତ, ଗୁଣ୍ଡା ମହାନ୍ତ, ପି:ନନ୍ଦବୋଧ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୭୬୯ | ଶାରଦ ତିନି | ୦.୧୫ | ୦.୧୫ | | |
| | ୯୩୯ | ଶାରଦ ଦୁଇ | ୦.୧୭ | ୦.୧୭ | | |
| | ୯୪୨ | ଶାରଦ ଦୁଇ | ୧.୨୦ | ୦.୩୮ | | |
| | ୯୯୨ | ଶାରଦ ଦୁଇ | ୦.୧୭ | ୦.୧୭ | | |
| | ୮୪୮ | ଶାରଦ ଦୁଇ | ୦.୬୮ | ୦.୨୦ | | |
| ୩୨ | ୯୩୭ | ଶାରଦ ଏକ | ୦.୬୮ | ୦.୧୮ | | ଗୋପାଳ ମହାନ୍ତ, ପି:ଦଶରଥ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| | ୯୩୮ | ଶାରଦ ଦୁଇ | ୦.୦୫ | ୦.୦୫ | | |
| ୩୮ | ୬୩୪ | ଶାରଦ ଦୁଇ | ୦.୨୩ | ୦.୧୧ | | ଗୋବର୍ଦ୍ଧନ ମହାନ୍ତ, କୌଶଲ୍ୟା ମହାନ୍ତ, ଯଦୁମଣି ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ମଣି ମହାନ୍ତ, ସ୍ୱା:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୪୧ | ୯୨୯ | ଶାରଦ ଦୁଇ | ୦.୦୪ | ୦.୦୪ | | ଗୌରଚନ୍ଦ୍ର ମହାନ୍ତ, ପି:ସହଦେବ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୪୩ | ୯୮୫ | ଶାରଦ ଦୁଇ | ୦.୩୨ | ୦.୩୨ | | ଗୌର ମୋହନ ମହାନ୍ତ, ମହେନ୍ଦ୍ର ମହାନ୍ତ, ପି:ହରି ମୋହନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୪୭ | ୮୧୩ | ଶାରଦ ଏକ | ୦.୬୦ | ୦.୧୪ | | ଚନ୍ଦ୍ର ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୮୭୮/୧୧୫୪ | ଶାରଦ ଦୁଇ | ୦.୧୧ | ୦.୧୧ | | |
| | ୮୭୮/୧୧୫୫ | ଶାରଦ ଦୁଇ | ୦.୧୨ | ୦.୧୨ | | |
| ୪୯ | ୬୮୫ | ଶାରଦ ଦୁଇ | ୦.୨୨ | ୦.୧୮ | | ଚୈତନ ମହାନ୍ତ, ପି:ଗୋସାଇଁ ଦାସ ମହାନ୍ତ, ଜା: କୁଡୁମି, ବା:କିଲଗାଁ |
| ୫୨ | ୮୮୬ | ଶାରଦ ତିନି | ୦.୦୯ | ୦.୦୯ | | ଜଗବନ୍ଧୁ ମହାନ୍ତ, ପି:ସାହେବରାମ ମହାନ୍ତ, ଜା: କୁଡୁମି, ବା:ପୁରିଛା |
| | ୯୯୦ | ଶାରଦ ଦୁଇ | ୦.୧୮ | ୦.୦୩ | | |
| ୭୮ | ୯୩୪ | ଶାରଦ ଏକ | ୦.୮୨ | ୦.୧୨ | | ଦୁଲା ମାଝୀ, ପି:ମାଡାଲ ମାଝୀ, ଜା:ସାନ୍ତାଳ, ବା:କିଲଗାଁ |
| ୭୩ | ୬୮୮ | ଶାରଦ ଦୁଇ | ୦.୪୭ | ୦.୪୧ | | ଦେବେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ଶୁକ୍ରିଆ ମହାନ୍ତ, ପି:ନନ୍ଦୁ ମହାନ୍ତ, ଯୁଠାମଣି ମହାନ୍ତ, ସ୍ୱା: ନନ୍ଦୁ ମହାନ୍ତ, ସାଗରା ମହାନ୍ତ, ପି:ଗୋପିନାଥ ମହାନ୍ତ, ଜା:କୁଡୁମି, ବା:ଯୁଆଳିଆ |
| | ୬୭୪ | ଶାରଦ ଦୁଇ | ୦.୦୮ | ୦.୦୫ | | |
| ୭୭ | ୮୫୫ | ଶାରଦ ତିନି | ୦.୨୦ | ୦.୦୫ | | ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୭୮/୧୧୫୮ | ଶାରଦ ଦୁଇ | ୦.୦୬ | ୦.୦୬ | | |
| | ୬୮୪/୧୧୬୦ | ଶାରଦ ଦୁଇ | ୦.୧୩ | ୦.୦୨ | | |
| ୮୩ | ୯୩୧/୧୧୧୮ | ଶାରଦ ଦୁଇ | ୦.୬୨ | ୦.୧୮ | | ନୃନାରାମ ମହାନ୍ତ, ପି:ନାରାୟଣ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୮୮ | ୮୫୧ | ଶାରଦ ତିନି | ୦.୪୦ | ୦.୧୦ | | ପ୍ରଫୁଲ୍ଲ ମହାନ୍ତ, ପ୍ରଭାକର ମହାନ୍ତ, ପି:ଶଶଧର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୭୮ | ଶାରଦ ତିନି | ୦.୧୫ | ୦.୦୧ | | |
| ୯୪ | ୬୭୬ | ଶାରଦ ଦୁଇ | ୦.୧୯ | ୦.୦୪ | | ଫୁଲ ମାଝୀ, ସ୍ୱା:ଛିଦା ମାଝୀ, ଜା:ସାନ୍ତାଳ, ବା: କିଲଗାଁ |
| | ୬୭୩ | ଶାରଦ ତିନି | ୦.୧୩ | ୦.୧୩ | | |
| ୯୭ | ୬୭୫ | ଶାରଦ ଦୁଇ | ୦.୨୨ | ୦.୦୪ | | ବାଇଧର ମହାନ୍ତ, ଗେହ୍ଲା ମହାନ୍ତ, ପି:ଖାନ ଦୁଖ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୦୪ | ଶାରଦ ଦୁଇ | ୦.୪୭ | ୦.୩୩ | | |
| ୧୧୨ | ୬୮୯ | ଶାରଦ ଦୁଇ | ୦.୬୩ | ୦.୧୩ | | ଭାଗୀରଥ ମହାନ୍ତ, ପ୍ରାଣକୃଷ୍ଣ ମହାନ୍ତ, ପି:ଶଙ୍କର ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୧୧୬ | ୬୯୨ | ଶାରଦ ତିନି | ୦.୪୪ | ୦.୦୩ | | ମଥୁରା ନନ୍ଦ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୧୮ | ୬୯୧ | ଶାରଦ ଦୁଇ | ୦.୦୬ | ୦.୦୧ | | ମହାଦେବପ୍ରସାଦ ଖଣ୍ଡେଲବାଲା, ରାମପାରି ଲାଲ ଖଣ୍ଡେଲବାଲା, ବୈଦନାଥ ଖଣ୍ଡେଲବାଲା, ପି:ଚୁନିଲାଲ ଲକ୍ଷ୍ମୀ ନାରାୟଣ ଜା:ବୈଶ୍ୟ ବଣିଆ, ବା:ମୋତିଗଞ୍ଜବଜାର, ଜି:ବାଲେଶ୍ୱର |
| ୧୨୪ | ୮୮୫ | ଶାରଦ ତିନି | ୦.୦୮ | ୦.୦୮ | | ମୋତିରାମ ମହାନ୍ତ, ପି:କୃଷ୍ଣ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| | ୬୪୧ | ଶାରଦ ତିନି | ୦.୬୬ | ୦.୦୯ | | |
| | ୯୦୬ | ଶାରଦ ଦୁଇ | ୦.୪୯ | ୦.୦୩ | | |
| | ୯୦୭ | ଶାରଦ ଦୁଇ | ୦.୧୮ | ୦.୦୩ | | |
| ୧୨୬ | ୬୭୫ | ଶାରଦ ଦୁଇ | ୦.୫୧ | ୦.୦୪ | | ରମାକାନ୍ତ ମହାନ୍ତ, ଉମେଶ ମହାନ୍ତ, ଗେନ୍ଦେଲ ମହାନ୍ତ, ତଲୁ ମହାନ୍ତ, ଉର୍ବଶୀ ମହାନ୍ତ, ଶଶି ମହାନ୍ତ, ପି:ସନାତନ ମହାନ୍ତ, ସନାତନୀ ମହାନ୍ତ, ସ୍ୱା:ସନାତନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | | ୪ | ୫ | ୬ |
| ୧୨୭ | ୮୮୭ | ଶାରଦ ତିନି | ୦.୬୪ | ୦.୦୪ | | ରମାନାଥ ମହାନ୍ତ, ପି:ବୁଧୁ ମହାନ୍ତ, ଜା:କୁଡୁମି, ବା:ଅମଜିଦା |
| ୧୩୩ | ୬୮୬ | ଶାରଦ ଦୁଇ | ୦.୧୨ | ୦.୦୫ | | ରାଜୁ ମାଝୀ, ଭିକୁ ମାଝୀ, ରାମ ମାଝୀ, ପି:ଫାଗୁ ମାଝୀ, ଜା:ସାନ୍ତାଳ, ବା:କିଲଗାଁ |
| ୧୩୫ | ୮୭୧ | ଶାରଦ ଦୁଇ | ୦.୩୫ | ୦.୧୬ | | ରାମହରି ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୮୮୦/୧୧୬୮ | ଶାରଦ ଏକ | ୦.୯୧ | ୦.୨୦ | | |
| ୧୪୭ | ୬୭୮ | ଶାରଦ ତିନି | ୦.୨୦ | ୦.୦୧ | | ଲକ୍ଷ୍ମଣ ମାଝୀ, ପି:ଗୁହେନ ମାଝୀ, ଗାଡ଼ୁମ ମାଝୀ, ପି:ପଞ୍ଚା ମାଝୀ, ସବାରି ମାଝୀ, ପି:ସୁବୁଦ୍ଧା ମାଝୀ, ପାନ ମାଝୀ, ସ୍ୱା:ସୁବୁଦ୍ଧା ମାଝୀ, ଜା:ସାନ୍ତାଳ, ବା:କିଲଗାଁ |
| ୧୪୮ | ୬୮ | ଶାରଦ ତିନି | ୦.୪୦ | ୦.୧୦ | | ଲକ୍ଷ୍ମୀ ମହାନ୍ତ, ସ୍ୱା:ଦୁର୍ଯ୍ୟୋଧନ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୧୫୩ | ୮୮୩ | ଶାରଦ ତିନି | ୦.୨୨ | ୦.୦୪ | | ସଦୁପନ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୮୮୪ | ଶାରଦ ଦୁଇ | ୦.୧୩ | ୦.୧୩ | | |
| ୧୫୪ | ୮୭୯ | ଶାରଦ ଦୁଇ | ୦.୩୪ | ୦.୦୬ | | ସଦୁପନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୫୬ | ୭୬୬ | ଶାରଦ ଦୁଇ | ୦.୪୩ | ୦.୧୮ | | ଶତ୍ରୁଘ୍ନ ମହାନ୍ତ, ମଧୁରାନନ୍ଦ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୬୦ | ୬୭୨ | ଶାରଦ ଦୁଇ | ୦.୧୭ | ୦.୧୪ | | ସମବାରୀ ମହାନ୍ତ, ପି:ଲାଲ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୭୮ | ଶାରଦ ଦୁଇ | ୦.୦୬ | ୦.୦୬ | | |
| | ୭୩/୧୧୬୨ | ଶାରଦ ଦୁଇ | ୦.୧୦ | ୦.୧୦ | | |
| ୧୬୩ | ୮୬ | ଶାରଦ ତିନି | ୦.୪୪ | ୦.୦୧ | | ସାଧୁ ଚରଣ ପାତ୍ର, ପି:ଚନ୍ଦ୍ର ମୋହନ ପାତ୍ର, ଜା:ଗୋପାଳ, ବା:ବାଲିପଦା |
| ୧୬୮ | ୮୨୫ | ଶାରଦ ଦୁଇ | ୦.୪୨ | ୦.୨୧ | | ଶିବ ମହାନ୍ତ, ଶଙ୍କର ମହାନ୍ତ, ଗୁରୁ ଚରଣ ମହାନ୍ତ, ମୁଖ ମହାନ୍ତ, ସୁଖ ମହାନ୍ତ, ସବନୀ ମହାନ୍ତ, ପି:ଆଶାରୁ ମହାନ୍ତ, ପେମ ମହାନ୍ତ, ସ୍ୱା:ଆଶାରୁ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୭୩ | ୮୯୪ | ଶାରଦ ଦୁଇ | ୦.୧୭ | ୦.୧୦ | | ହୃଦାନନ୍ଦ ମହାନ୍ତ, ସର୍ବେଶ୍ୱର ମହାନ୍ତ, ଅପୂର୍ବ ମହାନ୍ତ, ସୁରୁଞ୍ଜଣି ମହାନ୍ତ, ରାଜମଣି ମହାନ୍ତ, ପି:ହରି ମହାନ୍ତ, ମହେଶ୍ୱରୀ ମହାନ୍ତ, ସ୍ୱା:ହରି ମହାନ୍ତ, ସୁର ମହାନ୍ତ, ପି:ଭୀମ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୮୭୬ | ଶାରଦ ଦୁଇ | ୦.୪୬ | ୦.୦୩ | | |
| | ୮୯୩ | ଶାରଦ ତିନି | ୦.୫୬ | ୦.୧୦ | | |
| ୧୭୪ | ୮୭୨ | ଶାରଦ ଦୁଇ | ୦.୩୫ | ୦.୦୮ | | ହେମ ମହାନ୍ତ, ପି:ଗଙ୍ଗାଧର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୭୬୨/୧୨୦୭ | ଶାରଦ ତିନି | ୦.୧୪ | ୦.୦୮ | | |
| ୧୭୫ | ୭୭ | ଶାରଦ ଦୁଇ | ୦.୧୮ | ୦.୦୮ | | ହେମ ମହାନ୍ତ, ପି:କାଳିଆ ମହାନ୍ତ, ଯେଗେନ୍ଦ୍ର ମହାନ୍ତ, ପି:ଆଶୁ ମହାନ୍ତ, ଶୃଙ୍ଗାର ମହାନ୍ତ, ପି: ପ୍ରେମଚାନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୮୭/୪୯ | ୯୦୯/୧୧୫୦ | ଶାରଦ ଦୁଇ | ୦.୬୧ | ୦.୪୨ | | ମୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସାତାନାଥ ମହାନ୍ତ,ଜା:କୁଡୁମି, ବା:କିଲଗାଁ |
| ୧୮୭/୬୩ | ୭୪/୧୧୫୫ | ଶାରଦ ଦୁଇ | ୦.୧୬ | ୦.୦୨ | | ପୁଲକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୧୮୭/୬୫ | ୬୭୩ | ଶାରଦ ଦୁଇ | ୦.୩୫ | ୦.୦୬ | | ବୁଦ୍ଧେଶ୍ୱର ମହାନ୍ତ, ପି:ଅମିନ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୭୨ | ଶାରଦ ତିନି | ୦.୧୬ | ୦.୦୧ | | |
| ୧୮୭/୮୧ | ୬୭୯ | ଶାରଦ ତିନି | ୦.୧୫ | ୦.୦୮ | | ମନୋରଞ୍ଜନ ମହାନ୍ତ, ପି:ରମେଶ ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| | ୬୬୦ | ଶାରଦ ତିନି | ୦.୩୦ | ୦.୧୦ | | |
| ୧୮୭/୯୪ | ୬୬୯ | ଶାରଦ ତିନି | ୦.୦୪ | ୦.୦୪ | | ମହେନ୍ଦ୍ର ନାଥ ମହାନ୍ତ, ପି:ହରମୋହନ ମହାନ୍ତ, ଜା:କୁଡୁମି କ୍ଷତ୍ରିୟ, ବା:କିଲଗାଁ |
| | ୬୭୧ | ଶାରଦ ତିନି | ୦.୧୫ | ୦.୦୬ | | |
| ୧୮୭/୧୦୦ | ୭୨ | ଶାରଦ ଦୁଇ | ୦.୧୨ | ୦.୦୨ | | ପ୍ରଭାକର ମହାନ୍ତ, ପି:ମାନ ମହାନ୍ତ, ଜା:କୁଡୁମି, ବା:ପୁରିଛା |
| ୧୮୭/୧୦୬ | ୮୮୮ | ଶାରଦ ଦୁଇ | ୦.୬୨ | ୦.୨୨ | | ନବୀନ ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ପାନ, ବା:କିଲଗାଁ |
| ୧୮୭/୧୨୮ | ୯୩୦/୧୧୩୧ | ଶାରଦ ଦୁଇ | ୦.୩୯ | ୦.୦୩ | | ସାତାନାଥ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପି:ଚିରଞ୍ଜିବ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୮୭/୧୨୯ | ୯୩୦ | ଶାରଦ ଦୁଇ | ୦.୩୯ | ୦.୦୫ | | ଯୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସାତାନାଥ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୮୭/୧୪୧ | ୬୮୫/୧୧୩୨ | ଶାରଦ ଏକ | ୦.୧୧ | ୦.୦୨ | | ଦାମୋଦର ମହାନ୍ତ, ରାଜେନ୍ଦ୍ର ମହାନ୍ତ, ବିଶ୍ୱଜିତ ମହାନ୍ତ, ପି:ସନ୍ନ୍ୟାସୀ ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୮୭/୧୪୯ | ୬୭୬ | ଶାରଦ ଦୁଇ | ୦.୧୯ | ୦.୦୮ | | କମଳାକାନ୍ତ ମହାନ୍ତ, ପି:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି, ବା:ରାଉତରା |
| ୧୮୭/୧୫୧ | ୯୦୯ | ଶାରଦ ଦୁଇ | ୦.୩୫ | ୦.୨୨ | | ସୁରେନ୍ଦ୍ର ମହାନ୍ତ, ପି:ରାମେଶ୍ୱର ମହାନ୍ତ, ଜା:କୁଡୁମି, ବା:କିଲଗାଁ |
| ୧୮୭/୧୫୮ | ୭୪/୧୧୩୦ | ଶାରଦ ଦୁଇ | ୦.୧୬ | ୦.୦୨ | | ପୁଲକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା: କୁଡୁମି, ବା:ପୁରିଛା |
| ୧୮୭/୧୫୯ | ୭୧ | ଶାରଦ ଦୁଇ | ୦.୧୦ | ୦.୦୮ | | ରାଧାମଣି ମହାନ୍ତ, ସ୍ୱା:ହରିଶ୍ଚନ୍ଦ୍ର ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା:ରାଉତରା |
| ମୋଟ | | ୯୧ ପ୍ଲଟ୍ସ | ୧.୨୭.୧୯ ହେ.ମି. | ୬.୧୦.୬୪ ହେ.ମି. | | |

Sd./- Amin Deuli Zone | Sd./- Revenue Inspector, Deuli Zone | Sd./- Zone Officer-cum-L.A. Collector, S.I.P. Deuli Zone | Sd./- Spl. Land Acquisition Officer S.I.P. Baripada

OIPR-

# ଲକ୍ଷଣକୁ ପ୍ରାଥମିକତା ଦେବା

## ଆଜି ଜାତୀୟ ଅପସ୍ମାର ଦିବସ

ଅପସ୍ମାର ବା ଏପିଲେପ୍‌ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ ମୃଗୀ ରୋଗ ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାଧାରଣତଃ ବାରମ୍ବାର ହଠାତ୍ ବାତ ମାରିଥାଏ। ରୋଗୀଠାରେ ମାଂସପେଶୀଗୁଡ଼ିକରେ ଘନଘନ ଆକସ୍ମିକ ସଂକୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୧୭ରେ ପାଳିତ ହୋଇଥାଏ 'ଜାତୀୟ ଅପସ୍ମାର ଦିବସ' ବା 'ଜାତୀୟ ଏପିଲେପ୍‌ସି ଡେ'। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏପିଲେପ୍‌ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍‌ସି ହେବାର ଆଶଙ୍କା ଅଧିକ। ତେବେ ଯେକୌଣସି ବ୍ୟକ୍ତି ଜୀବନରେ ଯେକୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ୨ ଫଟୋ ସାମ୍ବାଦିକ।

ଗଣମାଧ୍ୟମ ସମାଜର ଆଖି ଓ କାନ ସଦୃଶ। ସାମ୍ବାଦିକତା ଏକ ଶକ୍ତି। ଏହାଦ୍ୱାରା ରାଷ୍ଟ୍ରର ନବ ନିର୍ମାଣ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ସଦର ବିଧାୟକ ମାନସ ଦତ୍ତ ଯୋଗଦେଇ ଗଣମାଧ୍ୟମ ହେଉଛି ସାଧାରଣ ଲୋକଙ୍କ ସାଥୀ। ଭ୍ରମାତ୍ମକ ଖବର ପ୍ରସାରଣ ନ ହୋଇ ସତ୍ୟ ଓ ନିର୍ଭୀକ ଖବର ପ୍ରସାରଣ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ବରିଷ୍ଠ ସାମ୍ବାଦିକ ଉଜ୍ଜଳ କର ଓ ରାମନାରାୟଣ ଶତପଥୀ ପ୍ରମୁଖ ମଞ୍ଚାସୀନ ହୋଇ ସାଧାରଣ ଲୋକଙ୍କୁ ଗଣମାଧ୍ୟମ ହିଁ ନ୍ୟାୟ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ଫଟୋ ସାମ୍ବାଦିକ ଅବିନାଶ ଠାକୁର ଓ ଚିତ୍ତରଞ୍ଜନ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଖବରଦାତା ଉବାଚକ ମହାନ୍ତି, ବ୍ରହ୍ମନାଥ ରଥ ଓ ଲାଭା ପାଣ୍ଡେ ଗଣମାଧ୍ୟମର ଭୂମିକା ଓ ପ୍ରଶାସନର ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ଼ ପ୍ରଦାନ କରାଯାଇଥିଲା। ନୀଳଗିରି ଏସ୍‌ଡିଆଇପିଆର୍‌ଓ ଗୋବର୍ଦ୍ଧନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କୁଇଜ୍ ଓ ସଙ୍ଗୀତ ପ୍ରତିଯୋଗିତା



ସମାରୋହରେ ଉପସ୍ଥିତ ଅତିଥିମାନେ।

ଜଳେଶ୍ୱର,୧୬।୧୧(ନବୀନ ସାହୁ)

## ଜାତୀୟ ପ୍ରେସ୍ ଦିବସ

ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଦୁଇଦିନିଆ ପ୍ରେସ ଦିବସ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ସଂଘର ସଭାପତି ଅମର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଘର ଉପଦେଷ୍ଟା ତଥା ବରିଷ୍ଠ ଭାଜପା ନେତା ସମୀର ପାତ୍ର, ଡ. ଅଜିତ୍ କୁମାର ମହାନ୍ତି, ମାସ୍ କଲେଜର ପ୍ରତିଷ୍ଠାତା ଆଦିକନ୍ଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସମାରୋହ ପରେ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଦିକନ୍ଦ ଦାସ ବିଚାରକ ଭାବେ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ଅନୁରୂପ ଭାବେ ଛାତ୍ରୀଛାତ୍ରଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ବରେନ୍ଦ୍ର ମହାନ୍ତି, ନିମାଇଁ ଚରଣ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ସାମ୍ବାଦିକ କବିତାବାଳା ମାନ୍ଧାତା, ଅର୍ଜୁନ ସିଂହ, ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ଆଶିଷ ଗିରି, ରାଜେଶ ପ୍ରଧାନ, ରଞ୍ଜନ ବେହେରା, ବିନୟ ପ୍ରଧାନ, ସୁବ୍ରତ ଘୋଷ, ନବୀନ ସାହୁ, ବିଶ୍ୱଜିତ ଧଳ, ସେକ ହସିରୁଦ୍ଦିନ ବକ୍ସ, ପ୍ରଦୀପ ଜେନା, ଆଲୋକ ଘଡ଼େଇ, ଭୋଳାନାଥ ସିଂହ, ସେକ ଅଫସର ଅଲ୍ଲୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା ସମର୍ଥକଙ୍କ ବିଜୟ ଉତ୍ସବ

## ବୈଠକ ଛାଡ଼ି ପଳାଇଲେ ଅସନ୍ତୁଷ୍ଟ ଝିଙ୍କିରିଆ ସରପଞ୍ଚ ପ୍ରତିନିଧି

ଖଇରା,୧୬।୧୧(ଉତ୍କଳବନ୍ଧୁ ପଣ୍ଡା)

ନୂଆପଡ଼ା ଉପନିର୍ବାଚନ ତଥା ବିହାରରେ ଏନଡିଏର ବିପୁଳ ବିଜୟକୁ ନେଇ ଉତ୍ସାହିତ ଖଇରା ଭାଜପା ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ନେତା କରୁଣାକର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ୫ନଂ. ଜୋନ ଜିଲାପରିଷଦ ସଭ୍ୟ ମାନସ କୁମାର ଦାଶ, ପୂର୍ବତନ ବ୍ଲକ ସଭାପତି ନିରଞ୍ଜନ ବେହେରା, ସାରୁଗାଁ ସରପଞ୍ଚ ଦୟାନିଧି ନାୟକ, ସୁଣ୍ଡିରା ସରପଞ୍ଚ ମମତାରାଣୀ ପରିଡ଼ା, ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ର, ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ ଓ ସୁମନ୍ତ ଜେନା, ପ୍ରାକ୍ତନ ମଣ୍ଡଳ ସଭାପତି ରାଜେଶ କୁମାର ରାଉତ, ପତିତପାବନ କର, ଅଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରାଧାକାନ୍ତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଜେଡି ଟିକେଟରେ ଲଢି ବିଜୟୀ ହୋଇଥିବା ୫ନଂ. ଜୋନ ଜିଲା ପରିଷଦ ସଭ୍ୟ ମାନସ ଦାଶ ଶନିବାର ସଭାରେ ଖୁବଶୀଘ୍ର ଦଳ ଛାଡିବା ନେଇ ସଙ୍କେତ ଦେବାପରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି । ସେହିଭଳି ସଭା ଚାଲିଥିବା ବେଳେ ଭାଜପାର ଅନ୍ୟତମ ଟାଣୁଆ ନେତା ତଥା ଝିଙ୍କିରିଆ ସରପଞ୍ଚ ପ୍ରତିନିଧି କୈଳାସ ମାଝୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ସେ ସଭା ଛାଡି ଚାଲିଯାଇଥିବା ନେଇ ଆଲୋଚନା ଜୋର ଧରିଛି ।



ବିଜୟ ଉତ୍ସବରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

# ୩ ସ୍ଥାନରେ ଲାଗିଲା ୧୨ ସିସି କ୍ୟାମେରା

ବାଲେଶ୍ୱର,୧୬।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ପରିଚାଳନାକୁ ସୁଗମ କରିବା ପାଇଁ ଜନସାଧାରଣ ଏବଂ ପୋଲିସ୍‌ର ସମନ୍ୱୟରେ ଜାରି ରହିଥିବା 'ପ୍ରୋଜେକ୍ଟ ସହଯୋଗ' ତୃତୀୟ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରୋଜେକ୍ଟ ମାଧ୍ୟମରେ ସହର, ସହର ଉପକଣ୍ଠ ଏବଂ ବିଭିନ୍ନ ଥାନା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଜାଗାମାନଙ୍କରେ କ୍ଲୋଜ ସର୍କିଟ୍ (ସିସି) କ୍ୟାମେରା ଲଗାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର 'ପ୍ରୋଜେକ୍ଟ ସହଯୋଗ' ମାଧ୍ୟମରେ ସହରର ପୋଲିସ୍ ଲାଇନ୍ ଛକ, କଣ୍ଟେଇ ଛକ ଓ ବଙ୍କାଖଜୁରୀ ଛକରେ ୧୨ଟି ସିସି କ୍ୟାମେରା ଲଗାଯାଇଥିଲା।

ରିଜର୍ଭ ପୋଲିସ୍ ଲାଇନ୍ ଛକରେ ଓଡିନେଟ୍ ପକ୍ଷରୁ ଏକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ପିନାକ୍ ମିଶ୍ର ସିସି କ୍ୟାମେରା ଗୁଡ଼ିକୁ ଲୋକାର୍ପଣ କରି ତୃତୀୟ ପର୍ଯ୍ୟାୟରେ ପହଞ୍ଚିଥିବା 'ପ୍ରୋଜେକ୍ଟ ସହଯୋଗ'ର ସଫଳତା





ଲୋକାର୍ପଣ ଉତ୍ସବରେ ଡିଆଇଜି ଓ ଏସ୍‌ପି।

## ଆରମ୍ଭ ହେଲା 'ପ୍ରୋଜେକ୍ଟ ସହଯୋଗ'ର ୩ୟ ପର୍ଯ୍ୟାୟ

ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ସହର ଏବଂ ବିଭିନ୍ନ ଥାନା ଅଞ୍ଚଳରେ ୧୨୦ରୁ ଊର୍ଦ୍ଧ୍ୱ ସିସି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଗୁଡ଼ିକ ଓଡିନେଟ୍ ଫାଇବର୍ କେବଲ୍ ନେଟ୍‌ୱର୍କ ମାଧ୍ୟମରେ ପରିଚାଳିତ ହେଉଛି। ଏହି କ୍ୟାମେରା ମାଧ୍ୟମରେ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ ଧରିବା ପାଇଁ ପୋଲିସ୍‌କୁ ସହାୟତା ମିଳି ପାରୁଛି ବୋଲି ଡିଆଇଜି କହିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ, ଡିଏସ୍‌ପି ଗାୟତ୍ରୀ ପ୍ରଧାନ ଓ ନିବେଦିତା ସୋରେନ୍, ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ, ସହଦେବଖୁଣ୍ଟା ଥାନା ଆଇଆଇସି ବିରଞ୍ଚି ସାହୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ଓଡିନେଟ୍‌ର ନିର୍ଦ୍ଦେଶକ ଦେବଜ୍ୟୋତି ଦାସ ମହାପାତ୍ର ଉପସ୍ଥିତ ଥିଲେ।

# ପୂର୍ବତନ ଏମ୍‌ପି ଡ.କାର୍ତ୍ତିକେଶ୍ୱର ପାତ୍ରଙ୍କ ଜୟନ୍ତୀ

ଭୋଗରାଇ,୧୬।୧୧(ପ୍ରଦୀପ ଦାସ)

ସାରସ୍ୱତ ସାଧକ ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ଡ.କାର୍ତ୍ତିକେଶ୍ୱର ପାତ୍ରଙ୍କ ୮୬ତମ ଜୟନ୍ତୀ ଅବସରରେ ଭୋଗରାଇ ବ୍ଲକ୍ ଅଞ୍ଚଳରେ ରବିବାର ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ୩୦ରେ ଜଳେଶ୍ୱରପୁର କଂଗ୍ରେସ ଭବନଠାରେ ନିର୍ମିତ ସ୍ୱର୍ଗତ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ଭୋଗରାଇ କଂଗ୍ରେସର ନେତୃମଣ୍ଡଳୀ ମାଲ୍ୟାର୍ପଣ କରିଥିଲେ। କଂଗ୍ରେସର ଏକ ପ୍ରତିନିଧି ଦଳ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ କଂଗ୍ରେସ ଭବନରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ଦୀପକ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ସନ୍ତୋଷ କୁମାର ଜେନା, ଶିଶିର କୁମାର ଦାସ ମହାପାତ୍ର, ସରପଞ୍ଚ ମମତାରାଣୀ ସାହୁ, ରାଜେନ୍ଦ୍ର ଦଳାଇ, ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ଦିଲ୍ଲୀପ ଦାସ, ପ୍ରଦୀପ ମହାନ୍ତି ଓ ମାନସ ଚନ୍ଦ୍ର ପ୍ରମୁଖ ଯୋଗଦେଇ ଡ.ପାତ୍ରଙ୍କ ଜୀବନସଂଗ୍ରାମ, ତ୍ୟାଗ, ନିଷ୍ଠା,ଲୋକଙ୍କ ସେବାରେ ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଡ.କାର୍ତ୍ତିକେଶ୍ୱର ପାତ୍ର ଫାଉଣ୍ଡେଶନ ଓ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ରସିଦପୁର ଗାଁ କୃପାକ୍ଷେତ୍ର ପରିସରରେ ପୂର୍ବାହ୍ନରେ ଶିଶୁ ମହୋତ୍ସବ ଆୟୋଜନ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ପୁରସ୍କାର ବିତରଣ ସଭାରେ ଶିକ୍ଷକ ନେତା ନଟରଞ୍ଜନ ଘରାଇ, ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷଙ୍କ ସମେତ, କଂଗ୍ରେସ ନେତା ପ୍ରଦୀପ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



କଂଗ୍ରେସ ପକ୍ଷରୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# 'ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ'

ଖଇରା,୧୬।୧୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନାମ ଚରଣ ପଣ୍ଡା, ଉପଦେଷ୍ଟା କୈଳାସ ଚନ୍ଦ୍ର ଦାସ, ଉପସଭାପତି ତପୋଧନ ବାରିକ, କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା, ମନୋଜ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ସତ୍ୟଭାମା ପ୍ରଧାନ, ଦେବବ୍ରତ ଦାସ, ସଞ୍ଜୟ କୁମାର ବେହେରା, ଲୋଚନ ରାଉତ, ରଘୁନାଥ ସାମଲ, ଛାୟାକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କର ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ତୁରନ୍ତ ପେନସନ ବ୍ୟବସ୍ଥା ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ବୈଠକରେ ଦାବି କରାଯାଇଥିଲା। ସାଧାରଣ ସମ୍ପାଦକ ବଳରାମ ଲେଙ୍କା ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସରିଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ବାଲେଶ୍ୱର,୧୬।୧୧(ବାଞ୍ଛାନିଧି ଦେ)

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଓ ବାଲେଶ୍ୱର ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ପରମିଟ୍ ପଡ଼ିଆରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଆଥଲେଟିକ୍ସ, ସଫ୍ଟବଲ୍ ଓ ବେସବଲ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମଗ୍ର ରାଜ୍ୟରୁ ୧୧୨୯ଜଣ ପ୍ରତିଯୋଗୀ, ୧୪୦ଜଣ ମ୍ୟାନେଜର, ୨୮୩ଜଣ ଅଫିସିଆଲ୍, ୬୦ଜଣ ପରିଚାଳନା ସହଯୋଗୀ ଏଥିରେ ଯୋଗଦେଇଥିଲେ। ସଫ୍ଟବଲ୍ ୧୭ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ରାୟଗଡ଼ା ରନର୍ସଅପ୍, ବେସବଲ୍ ୧୭ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ କେନ୍ଦ୍ରାପଡ଼ା ରନର୍ସଅପ୍, ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ରାୟଗଡ଼ା ରନର୍ସଅପ୍ ହୋଇଥିଲା। ଆଥଲେଟିକ୍ ଏକକ ଚାମ୍ପିୟନ ୧୭ ଓ ୧୪ବର୍ଷରୁ କମ୍ ବାଳକ ବିଭାଗରେ ନବରଙ୍ଗପୁର ଚାମ୍ପିୟନ ଏବଂ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିଲା।

ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା କ୍ରୀଡ଼ା ବିବରଣୀ ପାଠ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଜିଲା କ୍ରୀଡ଼ା ସଂଗଠନ ସହ-ସମ୍ପାଦକ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ଦାସ, ସଦର ବିଇଓ ଯଜ୍ଞେଶ୍ୱର ଜେନା, ମୟୂରଭଞ୍ଜ ଜିଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥୀ ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। କେନ୍ଦ୍ରୀୟ ଅଧିକାରୀ ନିରଞ୍ଜନ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାହାନଗା,୧୬।୧୧(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା-୨୦୨୫ ଗୋପାଳପୁର ପ୍ରାଣୀ ଚିକିତ୍ସାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ ୨୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ମତ୍ସ୍ୟ ଚାଷୀ ଓ ଗୋପାଳକମାନେ ଯୋଗ ଦେଇଥିଲେ। ଏସ୍‌ଏଚ୍‌ଜି ସଦସ୍ୟାମାନେ ହାତ ତିଆରି ସାମଗ୍ରୀ ଓ ନିଜ ବିଲବାଡ଼ିରେ ଚାଷ କରିଥିବା ପନିପରିବା ସହ ବିଭିନ୍ନ ସାମଗ୍ରୀର ଷ୍ଟଲ ପକାଇ ଥିଲେ। ଏହି ଅବସରରେ ମତ୍ସ୍ୟ ବିଭାଗ ପକ୍ଷରୁ ୪ ଚାଷୀ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୪ ସଫଳ ଚାଷୀଙ୍କୁ ଆର୍ଥିକ ସହାୟତା ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ୨ଜଣ ପୂର୍ବତନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ମୁଖ୍ୟବକ୍ତା ଭାବେ ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା.ପୂର୍ଣ୍ଣଚନ୍ଦ୍ର ଗିରି, ନୀଳଗିରି ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ପଣ୍ଡା, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଜିଲା ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଡା. ରବିନାରାୟଣ ପଟ୍ଟନାୟକ, ବ୍ଲକ ମତ୍ସ୍ୟ ସମ୍ପଦ ବିଭାଗର ଅଧିକାରିଣୀ ସୁଶ୍ରୀ ଅନିଶା ପ୍ରଧାନ, ଜିଲା ମତ୍ସ୍ୟ ବିଭାଗର ଅତିରିକ୍ତ ଅଧିକାରୀ ସୁବ୍ରତ ପଟ୍ଟନାୟକ, ପ୍ରଫେସର ହିମାଂଶୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳପୁର ପ୍ରାଣୀସମ୍ପଦ ବିଭାଗର ଅତିରିକ୍ତ ଡା.ଶୁଭଶ୍ରୀ ରାଉତ ଓ ଶ୍ୟାମ ସୁନ୍ଦର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପାଳପୁର ପ୍ରାଣୀସମ୍ପଦ ବିଭାଗର ସମସ୍ତ କର୍ମଚାରୀ ଓ ଏଲ୍‌ଆଇମାନେ ପରିଚାଳନାରେ ସହଯୋଗ କରିଥିଲେ।

# 'ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବ ସମାଜକୁ ପ୍ରଭାବିତ କରୁଛି'

## ସୋର ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ

ସୋର,୧୬।୧୧(ଜନ୍ମେଜୟ ମିଶ୍ର): ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବ ସମାଜକୁ ପ୍ରଭାବିତ କରୁଛି ବୋଲି ସୋର ପ୍ରେସ କ୍ଲବ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ଓ ପ୍ରେସ କ୍ଲବର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋର ସଂସ୍କୃତି ଭବନଠାରେ ସଭାପତି ଚନ୍ଦ୍ରମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା କବଚ ଗଣମାଧ୍ୟମ କୌଣସି ପ୍ରଲୋଭନରେ ପ୍ରଲୋଭିତ ନ ହେଲେ ସମାଜ ସୁରକ୍ଷିତ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ପ୍ରକାଶକ କାଳିପଦ ପଣ୍ଡା, ସମ୍ମାନିତ ଅତିଥିଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷା ସସ୍ମିତା ଦାସ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନସୂୟା ମଲିକ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଗୌରୀଶଙ୍କର ଘଡେଇ ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ପ୍ରଭାକର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ପ୍ରେସ କ୍ଲବର ବାର୍ଷିକ ମୁଖପତ୍ର 'ନିର୍ଭୀକ' ଲୋକାର୍ପଣ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଶିଶିର ଦାସ ସ୍ୱାଗତ ଭାଷଣ ଓ ଉପସଭାପତି ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# 'ସ୍ୱଚ୍ଛ, ନିରପେକ୍ଷ ସମ୍ବାଦ ପରିବେଷଣରେ ସୁସ୍ଥ ସମାଜ ଗଠନ ହୋଇପାରିବ'

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ),୧୬।୧୧

ବାଲିଆପାଳ ବ୍ଲକ୍ ଅଧୀନ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆଠାରେ ରବିବାର ଲଙ୍ଗଳେଶ୍ୱର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସମ୍ପାଦକ କମଳାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ରାଧା ଗୋବିନ୍ଦ ଦାସ ସଭାପତିତ୍ୱ କରିଥିଲେ। ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସାମ୍ବାଦିକମାନେ ନିର୍ଭୀକ ହୋଇ ସ୍ୱଚ୍ଛ ଏବଂ ସତ୍ୟ ଖବର ପରିବେଷଣ କଲେ ସମାଜରୁ ଭ୍ରଷ୍ଟାଚାର ଦୂର ହୋଇ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ଯୋଗଦେଇ ସାମ୍ବାଦିକ ମାନଙ୍କର ସୁରକ୍ଷା ସରକାରଙ୍କ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ

## ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

କୁମାର ଦେଓ, ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, କଇନଗରି ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ, ବଣିଆଡ଼ିହା ସରପଞ୍ଚ କାଳିଚରଣ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହେଶ୍ୱର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ସାମାଜିକ କର୍ମୀ ଯୋଗେନ୍ଦ୍ର ରାଜ, ଭଜହରି ପରିଡ଼ା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବାଲେଶ୍ୱର ରେଡ୍‌କ୍ରସ ଦ୍ୱାରା ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫରୟୁ ଫାଉଣ୍ଡେସନ ଜଳେଶ୍ୱର, ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନ ବାଲିଆପାଳ, ହରପାର୍ବତୀ କ୍ଲବ ଲଙ୍ଗଳେଶ୍ୱର, ସୋସିଆଲ ହେଲ୍ପ ଭଅଁରେଶ୍ୱର, ଶ୍ରୀ ହରିରାମ ଟ୍ରଷ୍ଟ ରାଇପୁର, କୈବଲ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ କରୁଆ, ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ପ୍ରଦୀପ ଦାସ, ଖବରକାଗଜ ବିତରକ ବଂଶୀଧର ଜେନା, ଦିଲ୍ଲୀପ ପ୍ରଧାନ, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ସାମ୍ବାଦିକ ପ୍ରଫୁଲ୍ଲ ପାତ୍ର, ଆଶିଷ ସାହୁ, ଉମାକାନ୍ତ ନାୟକ, ଉମାକାନ୍ତ ମହାନ୍ତି, ହରେକୃଷ୍ଣ ଦାସଙ୍କୁ ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ଲବର ସଦସ୍ୟ ପ୍ରଦୀପ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜକିଶୋର ପ୍ରାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେସ କ୍ଲବର ଉପଦେଷ୍ଟା ମୁରଲୀଧର ଦାସ, ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ତ୍ରିଲୋଚନ ରାଉତ, ଗୋପୀକୃଷ୍ଣ ପଣ୍ଡା, ଦିଲୀପ ଜେନା, ସୁବାସ ଦାସ, ଅମୂଲ୍ୟ ଦାସ, ସତ୍ୟ ରଞ୍ଜନ ସାହୁ, ରୋହିତ ପାତ୍ରୀ, ପ୍ରିୟ ରଞ୍ଜନ ପାତ୍ର, ଜୟନ୍ତ ବେହେରା, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ନଷ୍ଟ ହେଉଛି କ୍ୱାର୍ଟର୍ସ, ଭଡ଼ାରେ ରହୁଛନ୍ତି କର୍ମଚାରୀ

କେନ୍ଦୁଝର,୧୬।୧୧(ଦୀପକ ମିଶ୍ର)

■ଭୂତକୋଠି ପାଲଟିଛି ଗ୍ରାମ୍ୟ ନିର୍ମାଣ ବିଭାଗ(୧) କ୍ୱାର୍ଟର୍ସ
■ନିର୍ମାଣର ୯ ବର୍ଷ ପରେ ବି ପାଣି ସଂଯୋଗ ହୋଇନି

କେନ୍ଦୁଝର ସହର ସନ୍ନିକଟ ଧୂର୍ପଦା ନିକଟରେ ଥିବା ଗ୍ରାମ୍ୟ ନିର୍ମାଣ ବିଭାଗ(୧)ର କ୍ୱାର୍ଟର୍ସ ଭୂତକୋଠିରେ ପରିଣତ ହେଲାଣି। ବିଭାଗୀୟ ଅବହେଳା ଯୋଗୁ ନିର୍ମାଣର ୯ ବର୍ଷ ପରେ ବି କ୍ୱାର୍ଟର୍ସକୁ ପାଣି ସଂଯୋଗ ହୋଇପାରୁ ନ ଥିବାରୁ ଆବଣ୍ଟନ ହୋଇପାରୁନି। ସରକାରୀ କ୍ୱାର୍ଟର୍ସ ଭାଙ୍ଗି ନଷ୍ଟ ହେଉଥିବା ବେଳେ କର୍ମଚାରୀ ବାହାରେ ଭଡ଼ାରେ ରହୁଛନ୍ତି। ଘରଭଡ଼ା ବାବଦକୁ ରାଜକୋଷରୁ ଅର୍ଥ ବ୍ୟୟ ହେଉଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗ୍ରାମ୍ୟ ନିର୍ମାଣ ବିଭାଗ(୧) ପକ୍ଷରୁ ସହର ସନ୍ନିକଟ ଧୂର୍ପଦା ନିକଟରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨ଟି ବହୁତଳ କ୍ୱାର୍ଟର୍ସ ନିର୍ମାଣ ହୋଇଥିଲା। ଏହି ସରକାରୀ କ୍ୱାର୍ଟର୍ସ ଚାରିପାଖରେ ପାଚେରି ନିର୍ମାଣ ସହ ୱାରିଂ କରାଯାଇ ବିଭିନ୍ନ ସରଞ୍ଜାମ ଲଗାଯାଇଛି। ୨୦୧୬ରେ କ୍ୱାର୍ଟର୍ସ ନିର୍ମାଣ ଶେଷ ହେବା ପରେ ଠିକାସଂସ୍ଥା ଗ୍ରାମ୍ୟ ନିର୍ମାଣ ବିଭାଗ(୧)କୁ ହସ୍ତାନ୍ତର କରିଥିଲା। ପରେ ପାଣି ସଂଯୋଗ କରାଯାଇ ଗ୍ରାମ୍ୟ ନିର୍ମାଣ ବିଭାଗ(୧) କର୍ମଚାରୀଙ୍କୁ କ୍ୱାର୍ଟର୍ସ ବଣ୍ଟନ କରିବା କଥା। ମାତ୍ର ଇତିମଧ୍ୟରେ ୯ ବର୍ଷ ହେବ ବିଭାଗୀୟ ଅବହେଳାରୁ ପାଣି ସଂଯୋଗ ହୋଇ ନ ଥିବାରୁ କ୍ୱାର୍ଟର୍ସଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହିଛି। ଅବ୍ୟବହୃତ ସରକାରୀ କ୍ୱାର୍ଟର୍ସରେ ଗୁଳ୍ମ ଏବଂ ଅନାବନା ବୃକ୍ଷ ଆଚ୍ଛାଦିତ ହୋଇଯାଇଛି। ଅନେକ ସ୍ଥାନ ଭାଙ୍ଗିରୁଜି ଯାଇଥିବା ବେଳେ ଏକପ୍ରକାର


ଅବ୍ୟବହୃତ ଅବସ୍ଥାରେ ଥିବା ନୂତନ କ୍ୱାର୍ଟର୍ସ।

ଭୂତକୋଠିରେ ପରିଣତ ହୋଇଗଲାଣି। ଅବ୍ୟବହୃତ ଘରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଇତି ମଧ୍ୟରେ ୭ ଅଧିକାରୀଙ୍କ ବଦଳି ପରେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନି। ଏପଟେ କ୍ୱାର୍ଟର୍ସ ନ ପାଇ କର୍ମଚାରୀମାନେ ବାହାରେ ଘର ଭଡ଼ା ନେଇ ରହୁଛନ୍ତି। କ୍ୱାର୍ଟର୍ସ ନିର୍ମାଣ ହୋଇ ବି ଏହା କାମରେ ଲାଗୁ ନ ଥିବାରୁ ବାର୍ଷିକ ଅନେକ ଲକ୍ଷ ଟଙ୍କା କର୍ମଚାରୀଙ୍କ ଘରଭଡ଼ା ବାବଦକୁ ସରକାରୀ ତହବିଲ୍‌ରୁ ପ୍ରଦାନ କରାଯାଉଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ବେଳେ ଅନେକେ ଦୂରଦୂରାନ୍ତରୁ ଯାତାୟାତ କରୁଥିବାରୁ କାର୍ଯ୍ୟାଳୟରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ପାଣି ସଂଯୋଗ ହୋଇ ନ ଥିବାରୁ ସରକାରୀ ବାସଭବନଗୁଡ଼ିକ କର୍ମଚାରୀଙ୍କୁ ଦିଆଯାଇପାରୁନାହିଁ ବୋଲି ବହୁ କର୍ମଚାରୀ ସେମାନଙ୍କ ନାମ ଗୋପନ ରଖି କହିଛନ୍ତି। ଫଳରେ ସେମାନେ ୧୨ ଶତକଡା ହାରରେ ସରକାରଙ୍କଠାରୁ ଘରଭଡ଼ା ନେଉଛନ୍ତି। ସରକାରୀ ବାସଭବନରେ ପାଣି ସଂଯୋଗ ଏବଂ ମରାମତି କରି କର୍ମଚାରୀଙ୍କୁ ଯୋଗାଇଦେଲେ ଘରଭଡା ବାବଦ ସରକାରଙ୍କ ଅଜସ୍ର ଅର୍ଥ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଏ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ(୧) ଅଧୀକ୍ଷଣ ଯନ୍ତ୍ରୀ କପିଳେଶ୍ୱର ସିଂ କହିଛନ୍ତି, କ୍ୱାର୍ଟର୍ସରେ ପାଣି ସଂଯୋଗ ହୋଇନାହିଁ। ତେଣୁ ଦୀର୍ଘବର୍ଷ ହେବ ବ୍ୟବହାର ହୋଇପାରୁନାହିଁ। ଖୁବ୍‌ଶୀଘ୍ର ପାଣି ସଂଯୋଗ କରାଯାଇ କ୍ୱାର୍ଟର୍ସକୁ କର୍ମଚାରୀଙ୍କୁ ଆବଣ୍ଟନ କରାଯିବ।

# ଶିଶୁ ଅଧିକାର ସପ୍ତାହ

ଯୋଡ଼ା,୧୬।୧୧(ମାନସ ମହାନ୍ତି)

କେନ୍ଦୁଝର ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝର୍ ପଞ୍ଚାୟତର ଶିଆଳି ଯୋଡ଼ା ଏବଂ ଅସେଇଁକଳା ଗ୍ରାମରେ ଶିଶୁ ଶ୍ରମ ଅଧିକାର ଅଭିଯାନ ଓ ଭିନ୍ନଦର୍ଶୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶିଶୁ ଅଧିକାର ସପ୍ତାହ ପାଳନ କରାଯାଇଛି। ଶିଶୁଙ୍କ ଅଧିକାର, ଶିଶୁଙ୍କୁ ଶୋଷଣ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଗଠନ, ବାଲ୍ୟବିବାହ ରୋକିବା, ସମସ୍ତ ଶିଶୁ କିପରି ବିଦ୍ୟାଳୟକୁ ଯିବେ, ଏ ଦିଗରେ ଉକ୍ତ ଗ୍ରାମଗୁଡ଼ିକରେ ଜନ ସଚେତନତା ଓ ସଭା ସମିତି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭିନ୍ନଦର୍ଶୀର ଅଧକ୍ଷ କାଳୀଚରଣ ମୁଣ୍ଡା ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ଆନନ୍ଦପୁର/ଘସିପୁରା,୧୬।୧୧
(ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ)

କେନ୍ଦୁଝର ଜିଲାରେ ଶୀତ ଲହରୀ ଆରମ୍ଭ ହୋଇଗଲାଣି। ଏହି ସମୟରେ ଅତ୍ୟନ୍ତ ଗରିବ ତଥା ଅସହାୟ ଲୋକେ ଶୀତବସ୍ତ୍ର କିଣିବାକୁ ଅସମର୍ଥ ହେଉଥିବାରୁ ଯୁବ ଭାଜପା ନେତା ଯଜ୍ଞ ପ୍ରସାଦ ସାହୁଙ୍କ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରବିବାର ଘଷିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ ପଣାସିଆ ତଳସାହି, ବଣସାହି, ଦାନ୍ତିଆ ଓ ହାଡ଼ବାହାଲି ଉପରସାହିରେ ୫୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବିଶିକେଶନ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ଜେନା, ଶାନ୍ତନୁ ସ୍ୱାଇଁ, ଚତୁର୍ଭୁଜ ମୁର୍ମୁ, ପ୍ରଦୀପ ମଲ୍ଲିକ, ଜଗନ୍ନାଥ ଜେନା, ଦୁର୍ଯ୍ୟୋଧନ ମଲ୍ଲିକ, କମଳ ଜେନା, ଚନ୍ଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,୧୬।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନୁପୁର ଡ୍ୟାମର ତଳମୁଣ୍ଡ ବୈତରଣୀ ନଦୀରେ ନିଖୋଜ ଥିବା ଯୁବକଙ୍କ ମୃତଦେହ ରବିବାର ପୋଲିସ ଓ ଅଗ୍ନିଶମ ବାହିନୀ ଜବତ କରିଛି। ନିଖୋଜ ଯୁବକ ଚମ୍ପୁଆ ଥାନା ରଘୁଆଲସାହିର ଟୁକୁନୁ ମୁଣ୍ଡା(୨୨)। ସେ ନଭେମ୍ବର ୨ ତାରିଖରେ ବୈତରଣୀରେ ବୁଡ଼ି ନିଖୋଜ ଥିଲେ। ଖବର ପାଇ ଘଟଣାସ୍ଥଳରେ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ, ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା ଟୁକୁନୁଙ୍କ କୌଣସି ପତ୍ତା ମିଳିପାରି ନ ଥିଲା। ତେବେ ରବିବାର ତାଙ୍କ ମୃତଦେହ ବୈତରଣୀ ନଦୀର ମିରିଗସିଂଘାଠାରେ ଭାସୁଥିବା ଦେଖି ଗ୍ରାମବାସୀ ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମତଦେହ ବାହର କରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ବିଚ୍ଛିନ୍ନାଞ୍ଚଳରେ ପାଳନ ହେଲା ଜାତୀୟ ପ୍ରେସ୍ ଦିବସ


ଛାତ୍ରୀଛାତ୍ର, ବରିଷ୍ଠଙ୍କ ଗ୍ରହଣରେ ଅତିଥି।

ଚମ୍ପୁଆ,୧୬।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ ଆଦିବାସୀ ବହୁଳ ବିଚ୍ଛିନ୍ନାଞ୍ଚଳ କୁଟାରିପୋଶି ପଞ୍ଚାୟତଠାରେ କୁନିକୁନି ପିଲା ଓ ବୟସ୍କଙ୍କ ସହ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ଏହି ଅବସରରେ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଅନ୍ୟତମ ଅତିଥିଭାବେ କଂଗ୍ରେସ ଯୁବନେତା ଗୁରୁବକ୍ସସିଂ ଆଲୁୱାଲିଆ, ସ୍ଥାନୀୟ ସରପଞ୍ଚ ଜୟରାମ ଚାତାର, ପଞ୍ଚାୟତ ସମିତିସଭ୍ୟ ପାର୍ଦାନ ବାନାରା ପ୍ରମୁଖ ଯୋଗଦେଇ ଏହି ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସାମ୍ବାଦିକଙ୍କର କର୍ତ୍ତବ୍ୟ ଉପରେ ମତ ରଖିଥିଲେ। ସାମ୍ବାଦିକ ଓ ସାଧାରଣ ଲୋକଙ୍କ ଭିତରେ ସମନ୍ୱୟ ରହିଲେ ବହୁ ସମସ୍ୟାର ସମାଧାନ ହେବା ସହିତ ଲୁଚି ଯାଉଥିବା ବିଭିନ୍ନ ସମସ୍ୟା, ଉନ୍ନତିମୂଳକ କାର୍ଯ୍ୟ ଲୋକଲୋଚନକୁ ଆସିପାରି ଥାଏ ବୋଲି ମୁଖ୍ୟ ଅତିଥି ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ବିଚ୍ଛିନ୍ନାଞ୍ଚଳରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, କୁନିକୁନି ଛାତ୍ରୀଛାତ୍ରୀଙ୍କୁ ଓଡିଆ ସ୍ୱାଭିମାନ ରକ୍ଷା ନିମନ୍ତେ ଛବିଳ ମଧୁ ବର୍ଣ୍ଣବୋଧ ଓ ସ୍ଲେଟ୍ ବଣ୍ଟନ କରାଯାଇଥିଲା। ଖବରଦାତା ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଛତ୍ରପତି ନାଏକ, ତ୍ରିନାଥ ମହାନ୍ତ, ପ୍ରଦୀପ ମହାନ୍ତ, ଅରୁଣ ପତି, ବିରେନ ମହାନ୍ତ, ସାନ୍ତନୁ ଦାସ, ଦାଶରଥି ଗିରି ସମେତ ବହୁ ବରିଷ୍ଠ ଖବରଦାତା ଯୋଗଦେଇଥିଲେ।

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ରମେଶ

କେନ୍ଦୁଝର,୧୬।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଟ୍ରେନ୍ ଦୁର୍ଘଟଣାରେ ଗୋଡ଼ ହରାଇଛନ୍ତି**



କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର କୁଣ୍ଡେଇ ଗ୍ରାମରେ ଆଉ ଏକ ଦାଦନ ଦୁଃଖ ଦେଖାଯାଇଛି। ଗ୍ରାମର ଆଦିମ ଜନଜାତି ଜୁଆଙ୍ଗ ବର୍ଗର ସାଇବ ଜୁଆଙ୍ଗଙ୍କ ପୁଅ ରମେଶ ଜୁଆଙ୍ଗ (୨୩) ପରିବାରର ବୋଝକୁ ମୁଣ୍ଡାଇ ଦାଦନ ଖଟିବାକୁ ଯାଇଥିଲା। ଦୁର୍ଘଟଣାରେ ଗୋଡ଼ ହରାଇ ଘରକୁ ଫେରି ମା' ବାପାଙ୍କ ଉପରେ ବୋଝ ପାଲଟିଛନ୍ତି। ଏବେ ଅସହାୟ ଅବସ୍ଥାରେ ଘରେ ରହିଥିବା ବେଳେ ସରକାରୀ ସହାୟତା ନିମନ୍ତେ ନିବେଦନ କରିଛନ୍ତି।

ପ୍ରକାଶ ଯେ, ସାଇବଙ୍କ ଏକମାତ୍ର ପୁଅ ରମେଶ ୨୦୧୭ରେ ମାଟ୍ରିକ୍ ପାସ୍ କରିଥିଲେ। ଅର୍ଥାଭାବରୁ ଅଧିକ ପାଠ ପଢ଼ିବାକୁ ଅସମର୍ଥ ହେଲେ। ଗାଁରେ ବି କାମ ନ ମିଳିବାରୁ ରମେଶ ପାରାଦୀପ ଯାଇ ରେଲୱେ ଠିକାଦାର ପାଖରେ ରହି କାମ କରୁଥିଲେ। ୨୦୨୩ରେ ଏକ ଟ୍ରେନ୍ ଦୁର୍ଘଟଣାରେ ରମେଶଙ୍କ ଡାହାଣ ଗୋଡ଼ କ୍ଷତିଗ୍ରସ୍ତ ହୋଇଥିଲା। ଜୀବନ ରକ୍ଷା ପାଇଁ ଗୋଡ଼ର ଆଣ୍ଠୁ ପାଖରୁ କାଟିଦିଆଗଲା। ଜୀବନ ବଞ୍ଚିଗଲା, କିନ୍ତୁ ମା'ବାପାଙ୍କ ଉପରେ ବୋଝ ପାଲଟିଗଲେ। ଚିକିତ୍ସା ପରେ ରମେଶ ଗାଁକୁ ଫେରିଲେ, କିନ୍ତୁ ଘରେ ବୁଢ଼ା ମା'ବାପାଙ୍କୁ କିପରି ପୋଷିବେ, ସେ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ଚିକିତ୍ସା ପାଇଁ ଅବା ଚଳିବା ପାଇଁ କିଛି ବି ସରକାରୀ ସହାୟତା ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି। ଗୋଟିଏ ଗୋଡ଼ ହରାଇ ରମେଶ ଅସହାୟ ହୋଇ ପଡ଼ିଥିଲେ ବି ତାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳିନାହିଁ। ବାପା ସାଇବ ଦିନ ମଜୁରିଆ ଭାବେ କାମକରି ପରିବାର ଚଳାଉଛନ୍ତି। ସରକାରୀ ଯୋଜନାରେ ସାଇବ ପାଉଥିବା ଭତ୍ତା ଓ ଚାଉଳ ଗଣ୍ଡାକରେ ପରିବାର ପ୍ରତିପୋଷଣ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଗୋଟିଏ ମିଳିଥିବା କହିଛନ୍ତି। ଅନ୍ୟପକ୍ଷେ ଜୁଆଙ୍ଗଙ୍କ ବିକାଶ ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା କାମ କରୁଥିବା ବେଳେ ସଂସ୍ଥାର ପାଦ ଏ ଗାଁରେ ପଡୁନାହିଁ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ଜିଲା ପ୍ରଶାସନ ରମେଶକୁ ଏକ ସରକାରୀ ଚାକିରି କିମ୍ବା ଜୁଆଙ୍ଗ ଭାଷା ଶିକ୍ଷକ ଭାବେ ନିଯୁକ୍ତି, ଥଇଥାନ ବ୍ୟବସ୍ଥା କରିବା ସହ ଭିନ୍ନକ୍ଷମତା ପରୀକ୍ଷାକରି ଭତ୍ତା ଯୋଗାଇଦେବାକୁ ଦାବି କରାଯାଇଛି। ଏଥିସହ ଅନୁଷ୍ଠାନ ପକ୍ଷରୁ ରମେଶଙ୍କୁ ଅନୁକମ୍ପାମୂଳକ ସହାୟତା ଯୋଗାଇଦିଆଯାଇଥିଲା। ରମେଶଙ୍କ ଗମନାଗମନ ପାଇଁ ଏକ ୩ ଚକିଆ ଗାଡ଼ି ଯୋଗାଇଦେବାକୁ ସଂଗଠନ ପକ୍ଷରୁ ଡମ୍ବରୁଧର ଘଣା ଓ ଅନ୍ୟ ସଦସ୍ୟ ଦାବି କରିଛନ୍ତି।

# ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ଶିକ୍ଷକଙ୍କ ବୈଠକ

ପାଟଣା,୧୬।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ଉଚ୍ଚ ବିଦ୍ୟାଳୟରେ ଶନିବାର ପାଟଣା ବ୍ଲକ୍‌ର ୧୪ଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ୨୦୦୪ ଏବଂ ୨୦୦୮ର ଶିକ୍ଷକଙ୍କ ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ପେନ୍‌ସନ୍‌ନୀତି ଓ ଚାକିରି ସର୍ତ୍ତାବଳୀ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସଭାରେ ସରାସକୋଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ମହାନ୍ତଙ୍କ ଅଧ୍ୟକ୍ଷତାରେ କୋର କମିଟିର ସଦସ୍ୟ ମଧୁସୂଦନ ମହାନ୍ତ, ଧନୁର୍ଜୟ ମହାନ୍ତ, ପ୍ରସନ୍ନ ପଲେଇ, ଉମା ଶଙ୍କର ମହାନ୍ତ ପ୍ରମୁଖ ଯୋଗଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର ହୋଇଥିଲା।

# 'ଗଣମାଧ୍ୟମ ପ୍ରତିନିଧି ନିରପେକ୍ଷତାକୁ ପ୍ରାଧାନ୍ୟ ଦିଅନ୍ତୁ'



ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥି।

ବଡ଼ବିଲ,୧୬।୧୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲର ପ୍ରେସ୍ କ୍ଲବ୍ ଓ ରିଜିଓନାଲ ମିଡିଆ ଫୋରମ ପକ୍ଷରୁ ପୃଥକ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ ଆୟୋଜିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ପକ୍ଷରୁ ଏକ ହୋଟେଲରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ, ମୁଖ୍ୟ ବକ୍ତାଭାବେ ବଡବିଲ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଅସିତ ପ୍ରଧାନ, ସମ୍ମାନିତ ଅତିଥିଭାବେ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତ, ପ୍ରବଚକ ବ୍ରଜ କିଶୋର ପଣ୍ଡା ଓ କାଉନ୍‌ସିଲର ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସତ୍ୟତା, ଦାୟିତ୍ୱ, କର୍ତ୍ତବ୍ୟ, ନିରପେକ୍ଷତାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି କହିଥିଲେ। ଗଣମାଧ୍ୟମ ନିଜେ ସଚେତନ ହେବା ସହ ଜନସାଧାରଣଙ୍କୁ ସଚେତନ କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ସେହିପରି ବଡ଼ବିଲ ବିକାଶ ମହଲଠାରେ ରିଜିଓନାଲ ମିଡିଆ ଫୋରମ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ. ବିଦ୍ୟାଧର ବେହେରା, ମୁଖ୍ୟ ବକ୍ତାଭାବେ ବଡବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ

କେନ୍ଦୁଝର,୧୬।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡ. ଶୁଭସ୍ମିତା ଦାଶ ଉପସ୍ଥିତ ରହି ପରିବାର, ସମାଜ ଓ ଦେଶର କଲ୍ୟାଣ ପାଇଁ କାମ କରିବାକୁ ତଥା ପର୍ଯ୍ୟାବରଣ ଓ କୁଟୁମ୍ବ ପ୍ରବୋଧନ ସମ୍ବନ୍ଧରେ ମା'ଙ୍କର ଭୂମିକା ବିଷୟରେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମାତୃଭାରତୀର ସଭାପତି ସୁଶ୍ରୀ ସଙ୍ଗୀତ ନନ୍ଦ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ପରିଚାଳନା ସମିତିର ସଦସ୍ୟା ଦୁଲାରୀ ଜିସ୍କୁ ଓ ବରିଷ୍ଠ ଆଚାର୍ଯ୍ୟା ମଞ୍ଜୁଶ୍ରୀ ରାଉତ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସ୍ନେହଲତା ସାହୁ ସପ୍ତଶକ୍ତିର ଉଦ୍ଦେଶ୍ୟ କହିଥିଲେ। କାର୍ଯ୍ୟକ୍ରମରେ ୧୦୫ ଜଣ ମାଆ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ଏସ୍‌ର ଶହେ ବର୍ଷ ପୂର୍ତ୍ତିରେ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ପାଟଣା,୧୬।୧୧(ବୀର କିଶୋର ଦାଶ)


ଅତିଥି ଜଣେ ଯୁବତୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ରବିବାର ପାଟଣା ଜୋନ୍‌ର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ସଂଘ ଚାଳକ ମୁଖ୍ୟ ଭାଗୀରଥି ପୃଷ୍ଟି, ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୂର୍ବ ପ୍ରାନ୍ତ ଘୋଷ ପ୍ରମୁଖ କେଦାରନାଥ ପାତ୍ର, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପ୍ରମୁଖ ମଳୟ କୁମାର ଖଣ୍ଡା, ଖଣ୍ଡ ସଂଘ ଚାଳକ କାଳୀଚରଣ ମହାନ୍ତ ପ୍ରମୁଖ ଯୋଗଦେଇ ପାଟଣା ଓ ସାହାରପଡ଼ା ଖଣ୍ଡର ସଫଳ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅମୂଲ୍ୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପାଟଣା ମହାବିଦ୍ୟାଳୟର ଡେମନ ଷ୍ଟ୍ରେଟର ଶରତ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତାଭାବେ ପ୍ରାନ୍ତ ସଂଯୋଜକ ପ୍ରଜ୍ଞା ପ୍ରବାହ ରବିନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ବିଭାଗ ସଂଘ ଚାଳକ ରତିକାନ୍ତ ବୈଦ, ଜିଲା ମୁଖ୍ୟ ଶଂଘ ଚାଳକ ଭାଗୀରଥି ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟବାହ ବିନୋଦ ବିହାରୀ ମହାନ୍ତ, ସହ କାର୍ଯ୍ୟବାହ ପରିଚାଳନା କରିଥିଲେ। କାଳୀଚରଣ ମହାନ୍ତ, ପ୍ରଦୀପ୍ତ କୁମାର ସାହୁ, ପ୍ରଦୀପ ମହାନ୍ତ, ବିରଞ୍ଚି ମହାନ୍ତ, ସଞ୍ଜୀବ ମହାନ୍ତ, ଗଣେଶ୍ୱର ମହାନ୍ତ, ବ୍ରଜବନ୍ଧୁ ସେଠୀ, ଦେବେନ୍ଦ୍ର ମହାନ୍ତ ଓ ଦୟାନିଧି ମହାନ୍ତ ସହଯୋଗ କରିଥିଲେ।

# 'ବୃତ୍ତିଗତ ନୀତିକୁ ବଜାୟ ରଖିବାକୁ ଆହ୍ୱାନ'

କେନ୍ଦୁଝର,୧୬।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର ଜିଲା ପ୍ରଶାସନ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଦରବାର ହଲଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଜିଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ଆଲୋଚନା ହୋଇଥିଲା।

ମୁଖ୍ୟ ଅତିଥିଭାବରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ, ଯେଉଁ ଯୁଗରେ ଯାଞ୍ଚ କରାଯାଇଥିବା ତଥ୍ୟ ଅପେକ୍ଷା ଭୁଲ ସୂଚନା ଦ୍ରୁତ ଗତିରେ ବ୍ୟାପିଥାଏ, ସେଠାରେ ପ୍ରେସ୍‌ର ଦାୟିତ୍ୱ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଏଥିସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସର୍ବଦା ଠିକ୍, ନିରପେକ୍ଷତା ଏବଂ ବୃତ୍ତିଗତ ନୀତିକୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ସମୟୋଚିତ ତଥ୍ୟ ଯାଞ୍ଚ ଏବଂ ଖବରର ଦାୟିତ୍ୱପୂର୍ଣ୍ଣ ପ୍ରସାରଣର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଡିଜିଟାଲ ପ୍ଲାଟ୍‌ଫର୍ମରେ ଭୁଲ ସୂଚନା ବ୍ୟାପକ ଭାବରେ ପ୍ରସାରିତ ହେଉଥିବା ସାମ୍ପ୍ରତିକ ଘଟଣାଗୁଡ଼ିକ ଉଲ୍ଲେଖ କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସତର୍କ ରହିବାକୁ ଏବଂ ଗତି ଅପେକ୍ଷା ଯାଞ୍ଚକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ନାଗରିକଙ୍କ ସହିତ ଠିକ୍ ଏବଂ ସ୍ୱଚ୍ଛ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ଗଣମାଧ୍ୟମ ସହିତ ନିବିଡ଼ ଭାବରେ କାମ କରିବା ପାଇଁ ପ୍ରଶାସନର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ସମ୍ମାନିତ ଅତିଥିଭାବେ ଏସିଏଫ ସୁଶାନ୍ତ ପଣ୍ଡା, ଆଇଆଇସି ସନାତନ ପାତ୍ର, କେନ୍ଦୁଝର ପ୍ରେସ୍ କ୍ଲବ୍ ସଭାପତି ଜୟନାରାୟଣ ପଣ୍ଡା, କୋଷାଧକ୍ଷ ଦେବାଶିଷ ମିଶ୍ର ଯୋଗଦେଇ ମିଥ୍ୟା ଖବରର ସମ୍ଭାବ୍ୟ ବିପଦ ବିରୋଧରେ ଲଢ଼ିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାବଶାଳୀ ସାର୍ବଜନୀନ ସେବା ପ୍ରଦାନ, ସ୍ୱଚ୍ଛ ଶାସନ ସୁନିଶ୍ଚିତ କରିବାରେ ଜିଲା ପ୍ରଶାସନ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ଆବଶ୍ୟକତା ଥିବା ସହଯୋଗ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ସାମ୍ବାଦିକତାର ନୀତିଗତ ମାନଦଣ୍ଡ ବଜାୟ ରଖିବା ଏବଂ ଏକ ଦାୟିତ୍ୱବାନ ସମାଜ ଗଠନ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ସମସ୍ତ ଖବରଦାତା ପ୍ରତିଶ୍ରୁତି ଦେଇଥିଲେ।

# କଖାରୁ ଘାଟ ଏବେ ଶାସ୍ତ୍ରୀ ଘାଟ

## ବୋଇତି କଖାରୁ ନାମରେ ହୋଇଥିଲା ନାମକରଣ

ଭଦ୍ରକ,୧୬।୧୧(ସନାତନ ରାଉତ)

ବୋଇତି କଖାରୁ ନାମରେ ଘାଟର ନାମକରଣ ହୋଇଥିଲା 'କଖାରୁ ଘାଟ'। ଯାହାକି ଏବେ 'ଶାସ୍ତ୍ରୀ ଘାଟ' ନାମରେ ପରିଚିତ। ଚାନ୍ଦବାଲି ସହର ଉପକଣ୍ଠରେ ରହିଛି ବୈତରଣୀ ନଦୀର ଏହି ଘାଟ। ଏହା ଏକ ବ୍ୟସ୍ତବହୁଳ ଘାଟ। ଐତିହାସିକ କ୍ରସ୍‌ଷ୍ଟାଣ୍ଡ ରୋଡ୍‌ର ଏହା ଅଂଶବିଶେଷ ହୋଇଥିବା ବେଳେ ଏଠାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସାଙ୍ଗକୁ ୭ଟି ସରକାରୀ ଅଫିସ୍, ଧାନକଳ ଓ ବରଫ କଳ ରହିଛି। ତେବେ ଘାଟର ଏପରି ନାମକରଣକୁ ନେଇ ରହିଛି ଏକ କାହାଣୀ। ପୂର୍ବରୁ ସ୍ଥାନୀୟ ଅଞ୍ଚଳ ସମେତ ଯାଜପୁର ଜିଲାରୁ ବହୁ ପରିମାଣର ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଏଠାରେ ଡଙ୍ଗାରୁ ନିୟମିତ ଓହ୍ଲାଯାଉଥିଲା। ପରିବା ମଧ୍ୟରେ ବୋଇତି କଖାରୁ(ବୋଇତାଳୁ) ଥିଲା ଅନ୍ୟତମ। ସେଥିପାଇଁ ଘାଟର ନାମ 'କଖାରୁ ଘାଟ' ନାମରେ ନାମିତ ହୋଇଥିଲା।

ଧାମରା, ଚଢ଼ଦିଆ, ତାଳଚୁଆ, ରାଜନଗର ଆଦି ଅଞ୍ଚଳରୁ ଆସୁଥିବା ଅଧିକାଂଶ ବଙ୍ଗୀୟ ଲୋକ ଏହି ଘାଟରେ କାରବାର କରୁଥିଲେ। ଲୋକେ ଡଙ୍ଗାରେ ଧାନ ଆଣି ଚାନ୍ଦବାଲିର ବିଭିନ୍ନ ରାଇସ୍‌ମିଲ୍‌କୁ ବିକ୍ରି କରୁଥିଲେ। ଘାଟରେ ବାହାର ଅଞ୍ଚଳର ଲାଗୁଥିବା ଡଙ୍ଗାରୁ କେତେଜଣ ସ୍ଥାନୀୟ ଯୁବକ ରୀତିମତ ଚାନ୍ଦା ଆଦାୟ କରୁଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ପାଟିତୁଣ୍ଡ ଓ ବିବାଦ ଲାଗିରହିଥିଲା। ନଦୀକୂଳ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଥିବାରୁ ବ୍ୟବସାୟୀମାନେ ଅସୁରକ୍ଷିତ ମଣୁଥିଲେ। ଏହାର ମୁକାବିଲା ପାଇଁ ଚାନ୍ଦବାଲିର ଅଣଓଡ଼ିଆ ବ୍ୟବସାୟୀ ଶ୍ରୀଚାନ୍ଦ ଗୁପ୍ତା ବ୍ୟବସାୟୀମାନଙ୍କୁ ଏକତ୍ରିତ କରିଥିଲେ। ଘାଟ ଅଞ୍ଚଳକୁ ପରିଷ୍କାର କରି ୧୯୬୮ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ସିମେଣ୍ଟ ପ୍ରତିମୂର୍ତ୍ତି ବସାଇଥିଲେ। ପରେ ଘାଟର ନାମକରଣ ହୋଇଥିଲା 'ଶାସ୍ତ୍ରୀ ଘାଟ'। ୧୯୯୨ରେ ସ୍ଥାନୀୟ ଲୋକଙ୍କ ସହଯୋଗରେ 'ଶାସ୍ତ୍ରୀନଗର ଉନ୍ନୟନ ପରିଷଦ' ଗଠନ କରାଯାଇ ଶାସ୍ତ୍ରୀଙ୍କର ଏକ ବ୍ରୋଞ୍ଜରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଲାଲ ବାହାଦୂର ଶାସ୍ତ୍ରୀଙ୍କ ପୁଅ ଅନୀଲ ଶାସ୍ତ୍ରୀ ଉଦ୍‌ଘାଟନ ଉତ୍ସବକୁ ଆସିବାକୁ ସମ୍ମତି ଦେଇଥିଲେ ମଧ୍ୟ ଆସିପାରି ନ ଥିଲେ। ଘାଟର ଅଧିକାଂଶ ଉନ୍ନୟନମୂଳକ କାମ ପାର୍କ, ପକ୍କାଘାଟ, ଯାତ୍ରୀ ବିଶ୍ରାମାଗାର, ପାଣିଟାଙ୍କି ଆଦି ସ୍ଥାନୀୟ ଲୋକଙ୍କ ଆର୍ଥିକ ସହାୟତାରେ ହୋଇଛି। ଘାଟରେ ଏକ ହୁଣ୍ଡି ବସାଯିବା ସହ ଉବାରେ ଦୋକାନ ଦୋକାନ ବୁଲି ଦୈନିକ ୧୦ ପଇସା ଲେଖାଏ ଆଦାୟ କରି ଘାଟର ଉନ୍ନୟନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉଥିଲା ବୋଲି ବ୍ୟବସାୟୀ ସ୍ମୃତିରଞ୍ଜନ ଯତି କହନ୍ତି। ପରେ ଘାଟ ପାଖରେ ଏକ ତାରିଣୀ ମନ୍ଦିର ନିର୍ମାଣ କରାଯାଇଛି। ଶାସ୍ତ୍ରୀଘାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ସଡ଼କ ପଥର ବିକାଶ ସତ୍ତ୍ୱେ ଜଳପଥରେ ପରିବହନର ଧାରା ଏବେ ମଧ୍ୟ ଏଠାରେ ଚାଲିଛି। ଚାନ୍ଦବାଲିର ସାପ୍ତାହିକ ହାଟ ଗୁରୁବାର ଓ ରବିବାରରେ ଅନେକ ଡଙ୍ଗା ଶାସ୍ତ୍ରୀଘାଟରେ ଲାଗୁଛି। ଭଦ୍ରକ ଓ କେନ୍ଦ୍ରାପଡ଼ା ସମେତ ପଡ଼ୋଶୀ ଯାଜପୁର ଜିଲାର କେତେଜଣ ନଦୀକୂଳିଆ ଗାଁ ଲୋକ ଏବେ ମଧ୍ୟ ଶାସ୍ତ୍ରୀଘାଟ ଉପରେ ନିର୍ଭରଶୀଳ। ସେମାନେ ଡଙ୍ଗାରେ ତେଜରାତି, ପରିବା, ସିମେଣ୍ଟ, କାଠ, ବାଉଁଶ ଆଦି ପରିବହନ କରୁଛନ୍ତି। କାର୍ତ୍ତିକ ପୂର୍ଣ୍ଣିମାର 'ବୋଇତ ବନ୍ଦାଣ ଉତ୍ସବ'ରେ ଏଠାରେ ସୁସଜ୍ଜିତ ସାଧବପୁଅଙ୍କ ମୋଟର ଚାଳିତ ଡଙ୍ଗା ଲାଗିଥାଏ। ଘାଟରୁ ସୀମନ୍ତିନୀମାନେ ସାଧବଙ୍କୁ ବନ୍ଦାପନା କରି ଧାମରାକୁ ମେଲାଣି ଦେବା ସହ ଧାମରାରୁ ଆସୁଥିବା ସାଧବମାନଙ୍କୁ ସ୍ୱାଗତ କରିଥାନ୍ତି।



ବୈତରଣୀ ନଦୀର ଶାସ୍ତ୍ରୀ ଘାଟ।

# ଜାତୀୟ ପ୍ରେସ୍ ଦିବସ ପାଳିତ

ଧାମନଗର, ୧୬।୧୧ (ଦେବେନ୍ଦ୍ର ଆଡ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ପ୍ରେସ୍ କ୍ଲବ୍ ପରିସରରେ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି କିଷାନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସରୋଜ ସେଠୀ, ଅନିଲ କୁମାର ବାରିକ, ରସାନନ୍ଦ ମହାପାତ୍ର, ବୈକୁଣ୍ଠ ନାଥ ସାହୁ, ପ୍ରଦୀପ ମହାପାତ୍ର, ରଜତ ପଣ୍ଡା ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ସାମାଜିକ ଦାୟିତ୍ୱ ଓ ପେଶାଦର୍ଶିତା ବିଷୟରେ ଆଲୋଚନା କରିଥିଲେ। ଆଜିର ନୂତନ ପିଢ଼ି ସାମ୍ବାଦିକଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବହୁବର୍ଷ ଧରି ବାରମ୍ବାର ସରକାରଙ୍କ ନିକଟରେ ନ୍ୟାଯ୍ୟ ଦାବି ରଖି ଆସୁଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଖବରଦାତାମାନଙ୍କର ନାନାଦି ସମସ୍ୟା ହେଉଛି ବୋଲି ମତପ୍ରକାଶ ପାଇଥିଲା।

ଶୃଙ୍ଖଳା କମିଟିର ସଦସ୍ୟ ଦୀନବନ୍ଧୁ ଦାଶ, ବରିଷ୍ଠ ଖବରଦାତା ସୁଧାକର ଦାସ, କୃଷ୍ଣଚନ୍ଦ୍ର ଜେନା, ପ୍ରମୋଦ ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ସଞ୍ଜୀବ ମହାନ୍ତି, ବିଶ୍ୱଜିତ ପଲାଇ, ସମ୍ପାଦକ ଗୌରାଙ୍ଗ ଦାଶ, ଜଗନ୍ନାଥ ବେହେରା, ଏମ୍‌ଡି ଜିଲାନି ହବିବି, ତାପସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଧାରଣ ପରିଷଦ ବୈଠକ ନେଇ ଆଲୋଚନା ହୋଇଥିଲା।

**ଧୁଷୁରୀ,(ଦୀପ୍ତିରଞ୍ଜନ ନାୟକ):** ଧାମନଗର ବ୍ଲକର ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରଠାରେ ଧୁଷୁରୀ ପ୍ରେସ୍ ୟୁନିୟନ ପକ୍ଷରୁ ରବିବାର ଅପରାହ୍ନ ୩ଟାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସଭାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୁବ ଉଦ୍ୟୋଗୀ ସନ୍ତୋଷ କୁମାର ସାହୁ, ବ୍ରାହ୍ମଣପାଳ କାଳୀପୂଜା କମିଟି ସଭାପତି ମାନସ କୁମାର ନାୟକ, ସାମାଜିକ କର୍ମୀ ସନ୍ତୋଷ ରାୟ, ପ୍ରେସ୍ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର, ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ବିନା ପାରିଶ୍ରମିକରେ ନିଷ୍ଠାର ସହ ଖବର ପରିବେଷଣ କରୁଥିବାରୁ ସେମାନେ ଧନ୍ୟବାଦର ଯୋଗ୍ୟ ବୋଲି ସଭାରେ ମତପ୍ରକାଶ ପାଇଥିଲା।

# 'ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ରକ୍ତତୀର୍ଥ ଇରମର ବଳିଦାନ ଅବିସ୍ମରଣୀୟ'

ଭଦ୍ରକ,୧୬।୧୧(ରବିନାରାୟଣ ଖିଲାର)

ଭଦ୍ରକ ଭୂମି ତ୍ୟାଗ, ସଂଗ୍ରାମ ଓ ବଳିଦାନର ଭୂମି। ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ସୁବର୍ଣ୍ଣ ସ୍ୱାକ୍ଷର ରଚିଛି। ସ୍ୱାଧୀନତା ସଂଗ୍ରାମରେ ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଅଞ୍ଚଳର ଭୂମିକା ଓ ବଳିଦାନ ଅଭୂତପୂର୍ବ, ଅବିସ୍ମରଣୀୟ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଶନିବାର ୬ଷ୍ଠ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଚାଲିଥିବା ମହୋତ୍ସବର ଏହି ସନ୍ଧ୍ୟାକୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା। 'ଐତିହାସିକ ସ୍ମାରକୀ: ସ୍ୱାଧୀନ ବାଞ୍ଛାନିଧି ଚକଲା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ଉପସଭାପତି ଡା. ଅନିଲ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ ମୁଖ୍ୟବକ୍ତା, ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ବରେଣ୍ୟ ବକ୍ତା, ଭଦ୍ରକ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି, ଓଡ଼ିଶା ହସ୍ତଶିଳ୍ପ କାରିଗର ସଂଘ ସଭାପତି ଉଦୟନାଥ ମହାନ୍ତି, କବୟିତ୍ରୀ ମମତା ବଳ ଓ ଅଧ୍ୟାପିକା ଦେବସ୍ମିତା ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଏବଂ ମହୋତ୍ସବର ସହସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅଧିବେଶନ ପୂର୍ବରୁ ଭଦ୍ରକ ଇନର ହୁଇଲ କ୍ଲବ୍ ଆନୁକୂଲ୍ୟରେ ମହିଳାମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ମନୋରମା ରାୟ ମାନପତ୍ର ପାଠ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ, ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ



ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବରେ ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ସାମଲଙ୍କୁ ସମ୍ମାନିତ କରାଯାଉଛି।

ଆଗରପଡ଼ା,୧୬।୧୧(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ୬ଷ୍ଠ ବାର୍ଷିକୋତ୍ସବ ରବିବାର କୁଆଁସମଡିଆସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ବରିଷ୍ଠମାନେ ଚିରନମସ୍ୟ, ବୟସର ଅପରାହ୍ନରେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ତଥା ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ବୟସ୍କମାନେ ସମାଜର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କ ଦ୍ୱାରା ସମାଜ ତିଷ୍ଠି ରହିଛି, ଯାହାର ମୂକସାକ୍ଷୀ ଇତିହାସ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମୂରଲୀଧର ପଣ୍ଡା, ଇଂ. ମଧୁସୂଦନ ସାହୁ, ଫକୀର ଚରଣ ବାରିକ୍, ଭାଗବତ ସୂତାର ଓ ଶଙ୍ଖାଳି ରାଉଳ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ମଞ୍ଚର ବାର୍ଷିକ ମୁଖପତ୍ର 'ଅସ୍ତରାଗର ରଙ୍ଗ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ସାମଲ, ଜଳଧର ମହାପାତ୍ର, ଶାନ୍ତିଲତା କର, ବ୍ରଜକିଶୋର ନାୟକ, ଶତ୍ରୁଘ୍ନ ସାହୁ, କୃତୀ ଛାତ୍ରୀ ସୁମିତ୍ରା ନାୟକ ଓ ଛାତ୍ର ଜଗଦୀଶ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଚିତ୍ତରଞ୍ଜନ ସାମନ୍ତରାୟ ମଞ୍ଚ ଆହ୍ୱାନ, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ରଞ୍ଜନ ଦାସ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ୍ ଉପେନ୍ଦ୍ରନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ରତ୍ନାକର ନାୟକ, ସୁରେନ୍ଦ୍ର ବିନ୍ଧାଣୀ, ଜଗନ୍ନାଥ ଶତପଥୀ, କାର୍ତ୍ତିକ ପଣ୍ଡା, ସୁବାସ ଚନ୍ଦ୍ର ଦାଶ, ନାରାୟଣ ଜେନା, ଅଶୋକ ମହାନ୍ତି, ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାମଲ, ମନୋରଞ୍ଜନ ମହାନ୍ତି, ଉପଦେଷ୍ଟା ବଳରାମ ଘଡ଼େଇ, ପଞ୍ଚାନନ ପତି, ଗଦାଧର ବେହେରା, ଲକ୍ଷ୍ମଣ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, ସ୍ୱାସ୍ଥ୍ୟ ସେବିକା ହରପ୍ରିୟା ସାହୁ, ଫଟୋଚିତ୍ର ଶିଳ୍ପୀ ନମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

ବାସୁଦେବପୁର,୧୬।୧୧ (କାଳିପଦ ରାୟ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରବିବାର ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଇରା ମେଡିକାଲ ଅଫିସର ପାର୍ଥସାରଥୀ ପଲାଇ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଭାଗ ପ୍ରଚାର ପ୍ରମୁଖ ସଞ୍ଜୟ କୁମାର ସାହୁ ଓ ଜିଲା କାର୍ଯ୍ୟବାହୀ ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ୪ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବାସୁଦେବପୁର ଖଣ୍ଡ, ନଗର, ଚାନ୍ଦବାଲିର ଧାମରା ଓ ସିମୁଳିଆ ଖଣ୍ଡ ସ୍ୱୟଂସେବକମାନେ ସମ୍ମିଳନୀରେ ଯୋଗ ଦେଇଥିଲେ।




ଯୁବ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ୬୦ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

ଭଦ୍ରକ/ ବନ୍ତ,୧୬।୧୧ (ସନାତନ ରାଉତ/ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲାର ବିଶ୍ୱାସ ଫାଉଣ୍ଡେଶନ ପକ୍ଷରୁ ରବିବାର ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ପାରାବନ୍ଧ ୟୁପି ସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ତ ଥାନାଧିକାରିଣୀ ମୋନାଲିସା କର ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ରକ୍ତ ବିନା କାହାରି ଜୀବନ ନ ଯାଉ। ସମସ୍ତେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ଉଚିତ। ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଫାଉଣ୍ଡେଶନର ବରିଷ୍ଠ ଉପଦେଷ୍ଟା ତଥା ବେଷ୍ଟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିହାରୀ, ଯୁବନେତା ଜଗତ ଜୀବନ ଜେନା, ସଭାପତି ଜିତେନ୍ଦ୍ର ଜେନା ଓ ସମ୍ପାଦକ ସୁକାନ୍ତ ବେହେରା ଯୋଗ ଦେଇଥିଲେ। ସଦସ୍ୟ ଅକ୍ଷୟ ଗିରି, ଅକ୍ଷୟ ବାରିକ, ଶିବାନନ୍ଦ ସାହୁ, ନାରାୟଣ ପରିଡ଼ା, ବୀରକିଶୋର ବାରିକ, ରତନ ମିଶ୍ର, ନିଲେସ ବାରିକ, ବ୍ରଜମୋହନ ରାଉତ, ବିଶ୍ୱଜିତ୍ ଗିରି, ପ୍ରଦୀପ ରାଉତ, କୀର୍ତ୍ତିଶଙ୍କର ମହାନ୍ତି, ପୀତାମ୍ବର ପତି, ତପନଜିତ୍ ମହାନ୍ତି, ବିକ୍ରମ ତ୍ରିପାଠୀ, ଚିନ୍ମୟ ନାୟକ, ରାଜକିଶୋର ପଣ୍ଡା, ରାକେଶ ଜେନା, ପ୍ରିୟବ୍ରତ ରାଉତ, ଅବିନାଶ ବିଶ୍ୱାଳ, ସୁମନ୍ତ ମଲ୍ଲିକ, ଅଭିରାମ ମୁଣ୍ଡା, ବିଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର

ଭଣ୍ଡାରିପୋଖରୀ,୧୬।୧୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ୍ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରବିବାର ମଞ୍ଜୁରୀରୋଡ୍‌ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳୀର ଆବାହକ ବ୍ୟୋମକେଶ ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୋଟ ୭୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସଦସ୍ୟ ଗଣେଶ ପ୍ରସାଦ ଗୁଡ଼ି, ରବୀନ୍ଦ୍ର ବାରିକ, ସୁଦର୍ଶନ ସେଠୀ, ନିରଞ୍ଜନ ପରିଡ଼ା, ବିଦ୍ୟାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀକାନ୍ତ ପ୍ରସାଦ ବେହେରା, ପଦ୍ମଲୋଚନ ମାଝୀ, ରତନ ରାଉତ, ବଟକୃଷ୍ଣ ଜେନା, ବିଜୟ ମହାନ୍ତି, ସୁରେନ୍ଦ୍ର ବାରିକ, ମାନସ ନାୟକ, ତୁଷାରକାନ୍ତ ବାରିକ, ମନୁସତ୍ୟପ୍ରିୟ ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ୨ ଫେରାର ଅଭିଯୁକ୍ତ ଗିରଫ

ବାସୁଦେବପୁର,୧୬।୧୧(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ପଞ୍ଚାୟତ ଭବାନୀବିନ୍ଧା ଗ୍ରାମର ପ୍ରଫୁଲ୍ଲ ମହାନ୍ତି ଓ ଦେବେନ୍ଦ୍ର ମହାନା। ପ୍ରଫୁଲ୍ଲଙ୍କ ନାମରେ ଫ୍ୟାମିଲି କୋର୍ଟରେ କେସ୍ ରହିଥିବା ବେଳେ ଦେବେନ୍ଦ୍ରଙ୍କ ନାମରେ ଠକେଇ ମାମଲା ରହିଥିବା ଏଏସ୍‌ଆଇ ବିଶ୍ୱମ୍ଭର ନାୟକ କହିଛନ୍ତି। ଉଭୟଙ୍କୁ ଶନିବାର ଗିରଫ କରାଯାଇଥିଲା।

# ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

ଧୁଷୁରୀ, ୧୬।୧୧(ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତ କୁଳସାହି ଗ୍ରାମର ଦୀନବନ୍ଧୁ ବିଶ୍ୱାଳ(୭୧) ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇ ଶୁକ୍ରବାର ରାତିଠାରୁ ନିଖୋଜ ଥିଲେ। ରବିବାର ସ୍ଥାନୀୟ ତେଲିପାଟଣା ଗ୍ରାମ ନଦୀ ତୁଠରୁ ତାଙ୍କ ମୃତଦେହ ମିଳିଛି। ଶନିବାର ସକାଳଠାରୁ ରବିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାମନଗର ଅଗ୍ନିଶମ ବାହିନୀ ବୋଟ୍ ସାହାଯ୍ୟରେ ଖୋଜାଖୋଜି କରି ଶେଷରେ ମୃତଦେହ ଠାବ କରିଥିଲେ। ଧୁଷୁରୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୫) ରୁଜୁ ହୋଇଛି।

# ସାଳନ୍ଦୀ ସଂସ୍କାର ଦାବିରେ ହେବ ଜନଆନ୍ଦୋଳନ

ତିହିଡ଼ି,୧୬।୧୧(ସଞ୍ଜିତ ବଳ)

ସାଳନ୍ଦୀ ଓ ନାଳିଆ ନଦୀର ସଂସ୍କାର ଦାବିରେ ଜନ ଆନ୍ଦୋଳନ ହେବ। ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତରେ ରବିବାର ଅନୁଷ୍ଠିତ ସିପିଏମ୍ ତିହିଡ଼ି ଆଞ୍ଚଳିକ କମିଟିର ସାଧାରଣ ସଭାରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ବେକାରୀ ସମସ୍ୟା, ଚାଷୀ ଫସଲର ଉଚିତ ଦାମ୍ ନ ପାଇବା ପ୍ରତିବାଦରେ ଆନ୍ଦୋଳନକୁ ମଧ୍ୟ ତୀବ୍ରତର କରାଯିବ। ଭତ୍ତା ଟଙ୍କା ୫ ହଜାରକୁ ବୃଦ୍ଧି, ମହିଳାମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟସେବାର ଉନ୍ନତୀକରଣ ଆଦି ବିଭିନ୍ନ ଦାବି ସଭାରେ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ନେତା ସନ୍ତୋଷ ଦାସ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। କାଁପଡ଼ା, ବାରୋ, ଶ୍ୟାମସୁନ୍ଦରପୁର, ବୋଡ଼କ, ବାରସର, ଗୋବିନ୍ଦପୁର, ସିନ୍ଦୋଳ ଓ କୋହ୍ଲ ପଞ୍ଚାୟତକୁ ନେଇ ଏକ ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ସଭାରେ କୃଷ୍ଣଚନ୍ଦ୍ର ମଲ୍ଲିକ ପୌରୋହିତ୍ୟ କରିଥିଲେ। ତିହିଡ଼ି ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶ, ଜିଲା ନେତା ପ୍ରଫୁଲ୍ଲ ପାଢ଼ୀ, ମଳୟ ଭୋଇ, ବ୍ରହ୍ମାନନ୍ଦ ପରିଡ଼ା, ଶ୍ରୀଧର ଜେନା, ଜ୍ୟୋତିର୍ମୟ ମଲ୍ଲିକ, ବାବୁରାମ ମଲ୍ଲିକ, ଅଶୋକ ମୁଦୁଲି, ସତ୍ୟବ୍ରତ କୁଣ୍ଡ, ଭାଗବତ ସେନାପତି, ଅକ୍ଷୟ ସାହୁ, ପୀତାମ୍ବର ମଲ୍ଲିକ, ଅଭିମନ୍ୟୁ ମହାଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଖବର ପ୍ରସାରଣ ବେଳେ ନିରପେକ୍ଷତା, ବିଶ୍ୱସନୀୟତା ଉପରେ ଧ୍ୟାନ ଦେବାକୁ ପରାମର୍ଶ




ପ୍ରେସ୍ ଦିବସ ପାଳନ ଅବସରରେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ ଓ ଅନ୍ୟ ଅଧିକାରୀ।

## ଜାତୀୟ ପ୍ରେସ୍ ଦିବସ ପାଳିତ

ଭଦ୍ରକ,୧୬।୧୧(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ରବିବାର ଜିଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ ଓ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗଦେଇ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତା ସଂରକ୍ଷଣ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଖବର ପ୍ରସାରଣ ବେଳେ ନିରପେକ୍ଷତା, ସତ୍ୟତା ଓ ବିଶ୍ୱସନୀୟତା ଉପରେ ଧ୍ୟାନ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଜିଲାର ଖବରଦାତାମାନେ ଏହି ଶୀର୍ଷକ ଉପରେ ନିଜର ମତ ରଖିଥିଲେ। ଖବର ପ୍ରସାରଣରେ ସ୍ୱାଧୀନତା, ସତ୍ୟତା ଓ ଦାୟିତ୍ୱପୂର୍ଣ୍ଣ ସମାଜ ଗଢ଼ିବାରେ ଗଣମାଧ୍ୟମର ଭୂମିକା ବିଷୟରେ ବକ୍ତାମାନେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ଅଧିକାରୀ ମାନିନୀ ଗରାବଡୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତା ସାରା ଫାଟ, ଖାଲଖମା

## ଦୁର୍ଦ୍ଦଶା ଭୋଗୁଛନ୍ତି ୪ ପଞ୍ଚାୟତବାସୀ

ତିହିଡ଼ି,୧୬।୧୧(ସଞ୍ଜିତ ବଳ)

ତିହିଡ଼ି-ବିଲଣା ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଦୀର୍ଘଦିନ ହେଲା ମରାମତି ହୋଇନାହିଁ। ଫଳରେ ରାସ୍ତାର ଅଧିକାଂଶ ସ୍ଥାନରେ ମଝିରେ ଫାଟ ସାଙ୍ଗକୁ ଖାଲଖମାରେ ଭରପୁର ହୋଇଛି। ରାସ୍ତାର ଏହି ଶୋଚନୀୟ ଅବସ୍ଥା ଯୋଗୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ୪ ପଞ୍ଚାୟତର ଅଧିବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ସେସବୁ ପଞ୍ଚାୟତବାସୀ ବିଭିନ୍ନ ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ତିହିଡ଼ି ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକ ମଧ୍ୟରୁ ତିହିଡ଼ି-ବିଲଣା ଭାୟା ବାରୋ ରାସ୍ତା ଅଧିକ ଗୁରୁତ୍ୱ ବହନ କରେ। ମୁକୁନ୍ଦପୁର, ବାରୋ, ବିଲଣା ଓ ବୋଡ଼କ ପଞ୍ଚାୟତର ଲୋକେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହାବ୍ୟତୀତ ଏହି ରାସ୍ତା ପଡ଼ୋଶୀ ଧାମନଗର ବ୍ଲକକୁ ସଂଯୋଗ କରୁଥିବାରୁ ଉଭୟ ବ୍ଲକର ଲୋକେ ରାସ୍ତାରେ ଯାତାୟାତ କରିଥାନ୍ତି। ତେବେ ଏହି କଂକ୍ରିଟ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଯାହାଦ୍ୱାରା ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ସମ୍ଭବ ହେଉନାହିଁ। ବିଶେଷକରି ବାଇକ୍ ଆରୋହୀମାନେ ଏଥିଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ରାତିରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଛି। ରାସ୍ତା ଅଣଓସାରିଆ ହୋଇଥିବାରୁ ପ୍ରତିଦିନ ଯାତାୟତ କରୁଥିବା ଶତାଧିକ ଚାରିଚକିଆ ଯାନ ପାଇଁ ପରିସ୍ଥିତି ଗୁରୁତର ହେଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ହୋଇଥିବା ଖାଲଖମା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କରାଯିବାରେ ଅହେତୁକ ବିଳମ୍ବ ଘଟିଥିବାରୁ ରାସ୍ତା ନିର୍ମାଣରେ ମଧ୍ୟ ବିଳମ୍ବ ହେଉଥିବା ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ରାସ୍ତା ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃତ୍ତିବାସ ମହାପାତ୍ରଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ପରେ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ତିହିଡ଼ି-ବିଲଣା ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।

**ସ୍କୁଟିରୁ ଖସିପଡ଼ି ଛାତ୍ର ମୃତ**

ରାଇରଙ୍ଗପୁର,(ମାନସ ମହାନ୍ତି): ବିଶୋଇ ଥାନା ଅଧୀନ ବାଉଁଶିଆ ଗ୍ରାମ ରାସ୍ତା ବାଙ୍କ ନିକଟରେ ରବିବାର ସ୍କୁଟିରୁ ଖସିପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଉଁଶିଆ ଗ୍ରାମର ରାମଦାସ ମାହାଳିଙ୍କ ପୁଅ ଚେତିନ। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୦୧/୨୫) ରୁଜୁ ହୋଇଛି।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ମୋରଡ଼ା/ ରାସଗୋବିନ୍ଦପୁର, ୧୬।୧୧(ସ୍ୱାରକ ମାଝୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଉକ୍ତ ଥାନା ଅଧୀନ ଉଦୁଆଶୋଳ ଗ୍ରାମର ଦୀନବନ୍ଧୁ ବେଶ୍ରାଙ୍କ ସ୍ତ୍ରୀ ରାଇମଣି(୪୫)। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ରାଇମଣି ଦୀନବନ୍ଧୁଙ୍କ ସହିତ ସାଇକେଲ ଯୋଗେ ସ୍ଥାନୀୟ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ଜଣେ ବାଇକ ଚାଳକ ଦ୍ରୁତ ଗତିରେ ଆସି ପଛ ପଟୁ ଧକ୍କା ଦେଇଥିଲେ। ରାଇମଣି ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଇମଣିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ‘ନିରପେକ୍ଷ ଖବର ପରିବେଷଣରେ ଲୋକଙ୍କ ହିତ ହୁଏ’

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହ

ବାରିପଦା,୧୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ରବିବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଓ ଖବରଦାତା ରାମଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଶୁଭ ଉଦ୍‌ଘାଟନ କରିଥିଲେ। ସଭା ଆରମ୍ଭରେ ନିକଟ ଅତୀତରେ ଜିଲାର ୨ଜଣ ଖବରଦାତାଙ୍କ ଦେହାନ୍ତ ହୋଇଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।



ଜାତୀୟ ପ୍ରେସ୍ ଦିବସ ସମାରୋହରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

ଅତିରିକ୍ତ ଜିଲାପାଳ ନାୟକ କହିଥିଲେ, ଗଣମାଧ୍ୟମ ହେଉଛି ସମାଜର ଦର୍ପଣ। ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ, ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଦାୟିତ୍ୱବୋଧ ଯେଉଁ ଗଣମାଧ୍ୟମ ଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଏଛି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ନିର୍ଭୀକତା ସହ ନିରପେକ୍ଷ ତଥା ସତ୍ୟନିଷ୍ଠ ଖବର ପରିବେଷଣ କଲେ ଏହା ଲୋକଙ୍କ ହିତ ସାଧନ କରିଥାଏ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଥିଲେ, ବର୍ତ୍ତମାନ ସମୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ଜରିଆରେ ଭ୍ରାମକ ଖବର ସମାଜକୁ କଳୁଷିତ କରୁଛି। ଏଣୁ ଏହାକୁ ସବୁ ସର୍ବଦା ପରିହାର କରି ଗଣମାଧ୍ୟମର ପରିଭାଷାକୁ ସୁରକ୍ଷିତ ରଖିବା ଉଚିତ। ଏହି ଅବସରରେ ଚଳିତବର୍ଷ ପାଇଁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଦିଆଯାଇଥିବା ବିଷୟବସ୍ତୁ ଭ୍ରାମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ଉପରେ ଗୋଲୋକ ମହାରଣା, ଅରୁଣ ଦାସ, କୃଷ୍ଣେନ୍ଦୁ ସତ୍ପଥୀ, ରମାନାଥ ବାରିକ, ମନୋଜ ପଣ୍ଡା, ତୁଷାର ମହାନ୍ତ, ସୁକୁମାର ରଞ୍ଜନ ପ୍ରଧାନ, ପ୍ରତିମା ବାରିକ ପ୍ରମୁଖ ଖବରଦାତା ମତାମତ ରଖିଥିଲେ। ଉପଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକାଙ୍କ ମୃତଦେହ ଜବତ

ମୋରଡ଼ା,୧୬।୧୧(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ରବିବାର ଜଣେ ନାବାଳିକାଙ୍କ ମୃତଦେହ ଜବତ କରିଛି। ମୃତ ନାବାଳିକା ହେଲେ ବୈଶିଙ୍ଗା ଥାନା ଅଧୀନ ବାଲିଆପିଟା ଦୁର୍ଗାପୁର ଗ୍ରାମର ଲକ୍ଷ୍ମୀ ବାସ୍କେ(୧୬)। ସୂଚନା ଅନୁଯାୟୀ, ମା' ବାପାଙ୍କ ମୃତ୍ୟୁ ପରେ ରାସଗୋବିନ୍ଦପୁର ଥାନା ଅଧୀନ ଭଉଣୀ ସୁକୁମଣି ବାସ୍କେ ଏବଂ ଭିଣୋଇ ଅନନ୍ତ ହାଁସଦା ଲକ୍ଷ୍ମୀଙ୍କ ଦେଖାଶୁଣା କରୁଥିଲେ। ଲକ୍ଷ୍ମୀ ବାଲେଶ୍ୱର ଜିଲା ଅମର୍ଦା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ପାଠ ପଢୁଥିବା ବେଳେ ଗତ ପ୍ରଥମାଷ୍ଟମୀରେ ତାଙ୍କ ଭଉଣୀ ଭିଣୋଇଙ୍କ ଘରକୁ ଆସିଥିଲେ। ଶନିବାର ସୁକୁମଣି ଏବଂ ଅନନ୍ତ ଅପରାହ୍ଣ ୪ଟା ସମୟରେ କାମରୁ ଘରକୁ ଫେରିବା ପରେ ଲକ୍ଷ୍ମୀ ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳେ ସ୍ଥାନୀୟ କାଜୁ ବଣରେ ବେକରେ ଦୁନି ଲଗାଇ ଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୫/୨୫) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

# କରଞ୍ଜିଆ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

କରଞ୍ଜିଆ,୧୬।୧୧(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ଜିଲାପାଳ ନିହାର ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଭିଭାଷଣରେ କରଞ୍ଜିଆର ଉନ୍ନତି ପାଇଁ ଖବରଦାତାଙ୍କ ସହିତ ଜଡ଼ିତ ହୋଇ କର୍ଯ୍ୟକରିବା ପାଇଁ କହିଥିଲେ। ଏଥିସହ ଖବରଦାତାଙ୍କ ଦାବିପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ନବକ୍ରିଷ୍ଣ ନାୟକ ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ପ୍ରହରୀ ଖବରଦାତାଙ୍କ କାର୍ଯ୍ୟ ଯୋଗୁ ରାତି ୧୧ଟାରେ ଘଟୁଥିବା ଖବର ଜାଣି ପାରୁଛେ, ତେଣୁ ସେମାନେ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାଏକ ଯୋଗଦେଇ ଖବରଦାତାଙ୍କ ଦୁଃସାହସିକ କାର୍ଯ୍ୟ ସମ୍ପର୍କରେ କହି କରଞ୍ଜିଆ ଉପଖଣ୍ଡ ସାମ୍ବାଦିକ ସର୍ବାଗ୍ରେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ କୁମାର ଦାସ, ଲଲାଟେନ୍ଦୁ ପାତ୍ର, ଇଟ୍‌ରନିଟିର ସମ୍ପାଦକ ହରେକୃଷ୍ଣ ମହନ୍ତ, ଦୁର୍ଗା ପ୍ରସାଦ ଦାସ ଆଜିର ବିଷୟବସ୍ତୁ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନିୟତାର ସଂରକ୍ଷଣ ଉପରେ ଆଲେଚନା କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ୍ ପକ୍ଷରୁ ଖବରକାଗଜ ବିତରକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। କରଞ୍ଜିଆର ବରିଷ୍ଠ ଖବରଦାତା ଗୌରୀ ଶଙ୍କର ସିନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରେସ କ୍ଲବ୍‌ର ଭାଗବତ ଚନ୍ଦ୍ର ଦାସ, ଅରୁଣ ବେହେରା, ଦିନେଶ ଦାସ, କବିତା ମହାନ୍ତଙ୍କ ସହିତ ମନୋଜ ମହାନ୍ତି, ସୂଚନା କେନ୍ଦ୍ର କର୍ମଚାରୀ ମଧୁସୂଦନ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ନିହାର ରଞ୍ଜନ ସେଠୀ ସଭାପତିତ୍ୱ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# ୟୁନିକ୍ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ଉଦଲା,୧୬।୧୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଲା ୟୁନିକ୍ ପ୍ରେସ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଳିତ ହୋଇଯାଇଛି। ରବିବାର ସ୍ଥାନୀୟ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପ ଜିଲାପାଳ ସୁଶାନ୍ତ ବାରିକ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା, ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସଚ୍ଚିନ୍ଦ୍ର ନାଥ ପରିଡ଼ା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡ ଓକିଲ ସଂଘ ସଭାପତି ପଦ୍ମଲୋଚନ ଦାସ, ସମ୍ପାଦକ ରଜତ ମହାପାତ୍ର, ୟୁନିକ ପ୍ରେସ୍ କ୍ଲବ୍ ସଭାପତି ଦୀନବନ୍ଧୁ ବାରିକଙ୍କ ସମେତ ମୟୂରଭଞ୍ଜର ବରିଷ୍ଠ ଖବରଦାତା କଲ୍ୟାଣ ସିହ୍ନା ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ୍‌ର ବରିଷ୍ଠ ଉପଦେଷ୍ଟା ସନ୍ତୋଷ ବାଛିନୀ ସଭା ପରିଚାଳନା କରିଥିଲେ। ଦିବଙ୍ଗତ ଖବରଦାତା ଅରୁଣ ମହାନ୍ତି, ସୌମେନ୍ଦ୍ର ଦାଶଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷର ବିଷୟବସ୍ତୁ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ଉପରେ ଅତିଥିମାନେ ସାରଗର୍ଭକ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ କାର୍ଯ୍ୟଶୈଳୀ ଏବଂ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆକାଶବାଣୀରେ କାର୍ଯ୍ୟରତ ବରିଷ୍ଠ ଖବରଦାତା କଲ୍ୟାଣ ସିହ୍ନାଙ୍କୁ ୟୁନିକ ପ୍ରେସ୍ କ୍ଲବ୍ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବର ସମ୍ପାଦକ ଦିଲ୍ଲୀପ କଳିଆ, କୋଷାଧ୍ୟକ୍ଷ ଶଶିକାନ୍ତ ମିଶ୍ର, ସର୍ବେଶ୍ୱର ମହାପାତ୍ର, ବରିଷ୍ଠ ଖବରଦାତା ସନ୍ତୋଷ ଶତପଥୀ, ତପନ ମହାନ୍ତି, ସନ୍ଦୀପ ମହାନ୍ତି, ଦୀପକ କୁମାର ପରିଡ଼ା, ଅଭିଜିତ ବେହେରା, ଦୀପକ କୁମାର ମିଶ୍ର, ଅଭିଜିତ ବିଶ୍ୱାଳ, ଦିଲ୍ଲୀପ ପରିଡ଼ା, ଆଲୋକ ବେହେରା, ବସନ୍ତ ବେହେରା, ତପନ ସେଠୀ, ଦୀପକ ପାଣିଗ୍ରାହୀ, ଯଶୋବନ୍ତ ପରିଡ଼ା, ଦେବଦତ୍ତ ଦାସ, ଅତନୁ ତ୍ରିପାଠୀ, ଅକ୍ଷୟ କର, ଶ୍ୱେତ ସୁନ୍ଦର ମଲ୍ଲିକଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ।

# ‘ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ’


ମଞ୍ଚରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

## ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ଗୋପବନ୍ଧୁ ନଗର,୧୬।୧୧ (ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ରବିବାର ପୁରୁଣା ବାରିପଦାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ମୁଖ୍ୟ ବକ୍ତା ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ସମ୍ମାନିତ ଅତିଥି ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚ ଭୋଳାନାଥ ସିଂ ଯୋଗଦେଇ ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରେସ କ୍ଲବର ସମ୍ପାଦକ ଡ.କୁମାର ବାବୁଲି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପ୍ରେସ କ୍ଲବ ପକ୍ଷରୁ ଅବସରପ୍ରାପ୍ତ ସେନା କର୍ମଚାରୀ ଆଶିଷ କୁମାର ରଥ, ଦିଲ୍ଲୀପ କୁମାର ମଡୁଆଳ, ଶଶିଧର ନାୟକ ଓ ମନମୋହନ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ, ପ୍ରେସ କ୍ଲବର ସଦସ୍ୟ ଚିତ୍ତରଞ୍ଜନ ଦଳେଇ, ସମ୍ବିତ କୁମାର ରାଉତ, ବିଶ୍ୱଜିତ ଦାଶ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଡୁଆଳ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୁହାଣ, ଜୟନ୍ତ କୁମାର ସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ବୈଶିଙ୍ଗା ଚାମ୍ପିୟନ

ଗୋପବନ୍ଧୁନଗର, ୧୬।୧୧ (ଶାନ୍ତନୁ କୁମାର ମଡୁଆଳ)

ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗାନ୍ଧିଜୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବାହାମାୟୀ ଏଫ୍‌ସି ଜୟପୁରକୁ ପେନାଲ୍‌ଟି ଜରିଆରେ ହରାଇ ହିନ୍ଦୁଜୀ ଗୁନା ବୈଶିଙ୍ଗା ଚଳିତବର୍ଷ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ସୁପର ସାଇକ୍ଲୋନ ଏଫ୍‌ସି ଏବଂ ଗଜେନ୍ଦ୍ର ସ୍ପୋର୍ଟିଂ କ୍ଲବ୍ ଦୁଇ ଦଳକୁ ୩ ହଜାର ଲେଖାଏ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଭୋଳାନାଥ ସିଂ, କୁଶଳଦା ପଞ୍ଚାୟତ ସମିତିସଭ୍ୟ ରାମଚନ୍ଦ୍ର ସିଂ, ଯୁବନେତା କମଳାକାନ୍ତ ଚୌଧୁରୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବ୍‌ର ସଭାପତି କ୍ଷୀତିଶ ଚନ୍ଦ୍ର ସିଂ, ସମ୍ପାଦକ ମନୋଜ କୁମାର ସିଂ, କୋଷାଧ୍ୟକ୍ଷ ଫକୀର ମୋହନ ସିଂ, ଲକ୍ଷ୍ମୀକାନ୍ତ ସିଂ, ହରେକୃଷ୍ଣ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଭାଗ ନେଇଥିବା ଖେଳାଳିମାନେ।

# ଗଛରେ ଧକ୍କାଦେଇ ବାଇକ ଚାଳକଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୬।୧୧(ମାନସ ମହାନ୍ତ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ତାଳନ୍ଦ ଗ୍ରାମାଞ୍ଚଳ ରାସ୍ତା ପାର୍ଶ୍ୱ ଏକ ଗଛକୁ ଧକ୍କାଦେଇ ଶନିବାର ସନ୍ଧ୍ୟାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ତାଳନ୍ଦ ଗ୍ରାମର ଫାଡୁ ରାମ କିସ୍କୁ (୪୦)। ଯୁବକ ବାଇକ୍ ଯୋଗେ ଦାଣ୍ଡବୋଷରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ପୋଲିସ ରବିବାର ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା (ନଂ.୩୧୩/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ‘ଯୁବକ ରାଷ୍ଟ୍ରବାଦୀ ବିଚାରଧାରା ସମ୍ପନ୍ନ ହେବା ଜରୁରୀ’

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପାଳିତ

ବାରିପଦା,୧୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାରିପଦା ନଗର ତରଫରୁ ରବିବାର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ ପ୍ରାନ୍ତ ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ ମଲ୍ଲିକ ଯୋଗଦେଇ ଭାରତର ସଂସ୍କୃତି, ପରମ୍ପରାକୁ ପୁନର୍ଜୀବିତ କରିବା ସହ ଏହାକୁ ବଜାୟ ରଖିବା ପାଇଁ ଯୁବକମାନଙ୍କୁ ରାଷ୍ଟ୍ରବାଦୀ ବିଚାରଧାରା ସମ୍ପନ୍ନ ହେବା ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୟୂରଭଞ୍ଜ ଜିଲା ସଂଘ ଚାଳକ ପ୍ରକାଶ ନାୟକ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଶହୀଦ ମଦନଲାଲ ଧିଙ୍ଗଡ଼ାଙ୍କ ଜୀବନୀ ବିଷୟରେ ଯୁବସମାଜ ଜାଣିବା ଆବଶ୍ୟକତା ଅଛି ବୋଲି କହିଥିଲେ। ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ଼ା. ଶିଶିର ବେହେରା ସଂଘର ୧୦୦ ବର୍ଷର ଯାତ୍ରାରେ ଦେଶ ପାଇଁ ଉଲ୍ଲେଖନୀୟ ଯୋଗଦାନ ସହିତ ଯୁବ ସମାଜ ଦେଶର ଅସ୍ମିତା ପ୍ରତି ଗର୍ବ କରିବା ଉଚିତ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ସହବିଭାଗ ଚୈତନ୍ୟ ପ୍ରସାଦ ବାରିକ ଯୋଗଦେଇଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲାର କ୍ରୀଡ଼ା, କଳା, ନୃତ୍ୟ, ସମାଜସେବା ଆଦିରେ କୃତିତ୍ୱ ହାସଲ କରିଥିବା ୧୦ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ଏସ୍‌ଏସ୍ ଫାଇଟର ଚାମ୍ପିୟନ

## ବୈରାଟପୁର ପ୍ରିମିୟର ଲିଗ୍ କ୍ରିକେଟ

ଉଦଲା,୧୬।୧୧(ସନ୍ତୋଷ କୁମାର ବାଛିନୀ)

ବୈରାଟପୁର ପ୍ରିମିୟର ଲିଗ ୨୦୨୫ ସିଜିନ-୧ ଉଦ୍‌ଯାପିତ ହୋଇଯାଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଗିଲ୍ ବ୍ରୋ ଟିମ୍‌କୁ ହରାଇ ଏସ୍‌ଏସ୍ ଫାଇଟର ଚାମ୍ପିୟନ ହୋଇଛି। ଟସ ଜିତି ପ୍ରଥମେ ଏସଏସ ଫାଇଟର ବ୍ୟାଟିଂ କରି ୨୦ ଓଭରରେ ୧୬୭ ରନ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟର ପିଛା କରି ଗିଲ୍ ବ୍ରୋ ୨୦ ଓଭରରେ ୧୬୧ ରନ କରି ପରାଜିତ ହୋଇଥିଲା। ଏସ୍‌ଏସ୍ ଫାଇଟର ପକ୍ଷରୁ ସୁବାଶିଷ ମାଝୀ ୩୧ ବଲରେ ୫୧ ରନ କରିଥିବା ବେଳେ ଶିବା ମହାକୁଡ଼ ୪ ଓଭର ବୋଲିଂ କରି ୧୯ ରନ ଦେବା ସହ ୪ଟି ଉଇକେଟ ହାସଲ କରି ତୁଳସୀ ଏଣ୍ଟରପ୍ରାଇଜେସ ପକ୍ଷରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଏସଏସ ଫାଇଟରର ଦୀପକ ବେହେରା ଟୁର୍ନାମେଣ୍ଟରେ ସର୍ବାଧିକ ରନ କରି ସାଗର ସିମେଣ୍ଟ ଲିମିଟେଡ୍ ପକ୍ଷରୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ସର୍ବାଧିକ ଛକା ମାରି ଦୀପକ ବେହେରା ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଲା ବିଧାୟକ ଭାସ୍କର ମଢ଼େଇ, ଉଦଲା ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ପଞ୍ଚାୟତର ସରପଞ୍ଚ ସାରମଣି ହେମ୍ବ୍ରମ, ସମିତି ସଭ୍ୟା ସୁକାନ୍ତି ହାଁସଦା, ଉଦଲା ଏନଏସିର ଯୁବନେତା ଦିପୁ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ଖେଳ ପରିଚାଳନାରେ ଡ୍ୟାମ୍ବର ଅମ୍ପାୟାର ଟେଂଗେ ଟେଂଗେ ଏବଂ ସମ୍ବିତ ବାରିକ ସହଯୋଗ କରିଥିଲେ। ମ୍ୟାଚ ରେଫରୀ ଭାବେ ରୁଦ୍ରନାରାୟଣ ରଣା ଏବଂ ଧାରା ବିବରଣୀରେ ଅଭିଷେକ ବେହେରା ସହଯୋଗ କରିଥିଲେ। ବିପିଏଲର ଉପଦେଷ୍ଟା ଦୀପକ ମିଶ୍ର, ସ୍ୱରୂପ ମହାପାତ୍ର, ଶଶୀଧର ତ୍ରିପାଠୀ, ଯୋଗେଶ ବେହେରା ଉପସ୍ଥିତ ଥିଲେ।



ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ବୁଢ଼ାବଳଙ୍ଗରୁ ବେଆଇନ ବାଲି ଉତ୍ତୋଳନ: ମାମଲା ରୁଜୁ କଲା ବିଭାଗ

ବାରିପଦା,୧୬।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ବାଗୁଲିସ୍ଥିତ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଲଘୁ ଖଣିଜ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏ ନେଇ ଲଘୁ ଖଣିଜ ବିଭାଗର କନିଷ୍ଠ ଅଫିସର ଭବାନୀ ଶଙ୍କର ପାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (କେସ ନଂ.୪୧୨/୨୫)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଏକ୍ସାଭେଟର(ଜେସିବି) ମାଲିକ କମ୍ପାଉଣ୍ଡ ଜରିମାନା ଦେଇ ନ ଥିବାରୁ ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି। ଲଘୁଖଣିଜ ଚୋରିକୁ ନେଇ ଅଭିଯୋଗ କରିବା ପରିବର୍ତ୍ତେ ଚୋରାଚାଲାଣକାରୀଙ୍କ ପ୍ରତି ବିଭାଗୀୟ ଉଦାସୀନତା ମନୋଭାବ ପୋଷଣ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ୧୧ ନଭେମ୍ବରରେ ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଲଘୁ ଖଣିଜ ବିଭାଗ ଚଢ଼ାଉ କରି ଏକ ଏକ୍ସାଭେଟର ଓ ଗୋଟିଏ ଟ୍ରାକ୍ଟର ଜବତ କରିଥିଲା। ବିଭାଗ ପକ୍ଷରୁ ଗାଡ଼ି ଦୁଇଟିଠାରୁ ଜରିମାନା କିମ୍ବା କମ୍ପାଉଣ୍ଡ ଜରିମାନା ଆଦାୟ କରି ଛାଡିବାକୁ ପ୍ରୟାସ କରାଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ହେମକାନ୍ତ ସୟ ତାଗିଦ କରିଥିଲେ । ଏପରିକି ଘଟଣାକୁ ନେଇ ଧରିତ୍ରୀରେ 'ମାମଲା ପରିବର୍ତ୍ତେ ଜରିମାନା' ଓ 'ଚୋରା ଚାଲାଣକାରୀକୁ ଅନୁକମ୍ପା' ମୂଳକ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ବିଭାଗ ପକ୍ଷରୁ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ଏଭଳି ଅଭିଯୋଗ ବାଲି ଚୋରି ସହିତ ସଲାସୁତୁରା କରି ଚାଲାଣକାରୀଙ୍କୁ ଦୋଷମୁକ୍ତ କରିବାର ଯୋଜନା କରାଯାଇଛି ବୋଲି କଂଗ୍ରେସର ପ୍ରମୋଦ କୁମାର ହେମ୍ବ୍ରମ, ସାମାୟ ହାଁସଦା ଓ ଯୋଗେନ୍ଦ୍ର ସିଂ କହିଛନ୍ତି।

ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣକୁ ରୋକିବାରେ ଜିଲା ପ୍ରଶାସନ ବିଫଳ ହୋଇଛି । ଫଳରେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବାରୁ ଚୋରାଚାଲାଣକାରୀ ମାଲେମାଲ ହେଉଛନ୍ତି। ସେହିପରି ଜିଲାର ରାସଗୋବିନ୍ଦପୁର ତହସିଲ ଅଧୀନ ନାକିଚୁଆ ସରକାରୀ ଗୋଚର ଜମିରୁ ବେଆଇନ ଭାବେ ମାଟି ଖନନ ଓ ପରିବହନ କରି ବାହାର ଜିଲା ଏବଂ ରାଜ୍ୟକୁ ଚାଲାଣ ହେଉଥିବା ୬ଟି ଡମ୍ପର ଓ ୨ଟି ଜେସିବି ମେଶିନକୁ ଲଘୁ ଖଣିଜ ବିଭାଗ ଶନିବାର ଜବତ କରି ଥାନାରେ ଜିମା ଦେଇଛି । ଏହିପରି ଭାବେ ନଦୀ, ନାଳ, ଜଙ୍ଗଲ ଆଦି ସ୍ଥାନରୁ ପ୍ରତିଦିନ ଶହ ଶହ ଟ୍ରକ ବାଲି, ମାଟି, ମୋରମ ଓ ପଥର ଚୋରା ଚାଲାଣ ହେଉଥିବା ବେଳେ ଅଧିକାରୀମାନେ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଲଘୁ ଖଣିଜ ବିଭାଗ ସହିତ ପୋଲିସ, ରାଜସ୍ୱ, ବନ ବିଭାଗ, ଜଳ ସମ୍ପଦ, ପରିବହନ, ଜଳବାୟୁ ଓ ପରିବେଶ ନିୟନ୍ତ୍ରଣ ବିଭାଗର ଦାୟିତ୍ୱ ରହିଥିବା ବେଳେ ଏପରିକି ଚୋରା ଚାଲାଣକାରୀମାନେ ଦିନରେ ଲୁଟପାଟ କରିବା ପରିବର୍ତ୍ତେ ରାତି ତମାମ ଅପରେଶନ ଜାରି ରଖିଛନ୍ତି। ଯାହା ଦ୍ୱାରା ପରିବେଶ ପ୍ରତି କ୍ଷତି ପହଞ୍ଚାଉଥିବା ବେଳେ ନଦୀ ସଂଲଗ୍ନ ଗ୍ରାମଗୁଡ଼ିକ ବିପଦସଙ୍କୁଳ ହେବାକୁ ବସିଛି। ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ରାଜସ୍ୱ ଗ୍ରାମଗୁଡ଼ିକ ନଦୀ ଗର୍ଭରେ ଲୀନ ହେବା ସୁନିଶ୍ଚିତ ବୋଲି ଗ୍ରାମବାସୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବାଗୁଲି ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ବାଲିବନ୍ଧକୁ ସମତୁଲ କରାଯାଉ ନ ଥିବାରୁ ପାଣି ପାଇଁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ଲଘୁ ଖଣିଜ ବିଭାଗ ଅଧିକାରୀ ଉଦୟଭାନୁ ସାହଙ୍କୁ ପଚାରିବାରୁ ଜବତ ଯନ୍ତ୍ରାଂଶର ମାଲିକ କମ୍ପାଉଣ୍ଡ ଦେବାରେ ଅରାଜି ହେଲେ ନିୟମ ଅନୁଯାୟୀ ମାମଲା ରୁଜୁ କରାଯିବ । ଏହି ଘଟଣାରେ ଓଏମଏମସି ନିୟମ ୨୦୧୬ ଅନୁଯାୟୀ ୫୧(୧)ଆଇଭି ଅନୁଯାୟୀ ଖଣି ଚୋରି, ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି । ତେବେ ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ଜବତ ଡମ୍ପର ଓ ଜେସିବି ବାବଦରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ। ଏହାର ସମୟ ଅବଧି ୩୦ଦିନ ରହୁଥିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହାକୁ ନେଇ ଏନଜିଟିର ଆଇନଜୀବୀ ଶଙ୍କର ପ୍ରସାଦ ପାଣି କୁହନ୍ତି, ଓଏମଏମସି ନିୟମ ସହିତ ରାଜସ୍ୱ ଚୋରିକୁ ନେଇ ସ୍ୱତନ୍ତ୍ର ଦଫା ଲଗାଇବାର ବ୍ୟବସ୍ଥା ରହିଛି । ଏପରିକି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାର ବ୍ୟବସ୍ଥା ରହିଛି । ମାତ୍ର ଏହାକୁ ଅଣଦେଖା କରାଯାଉଥିବାରୁ ରାଜସ୍ୱ ଲୁଟକୁ ରୋକିବା ଅସମ୍ଭବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା ସନ୍ଦେହ

**କବିସୂର୍ଯ୍ୟନଗର, ୧୬।୧୧(କୃପାସିନ୍ଧୁ ସ୍ୱାଇଁ)**

ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ପୁଅ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବରିଡା ଗ୍ରାମର ଏ. ଗୋପାଳ ନଗରରେ। ମୃତକ ହେଲେ ପଦ୍ମନାଭ ସାହୁ (୮୫)। ପୋଲିସ ଘଟଣାର ତଦନ୍ତ ଜାରି ରଖି ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡ଼ିଛି, ୪ ପୁଅ ପ୍ରକାଶ ସାହୁ, ତପନ ସାହୁ, ରମେଶ ସାହୁ ଓ ସୁଦାମ ସାହୁଙ୍କୁ ନେଇ ପଦ୍ମନାଭଙ୍କ ପରିବାର। ଶନିବାର ପଦ୍ମନାଭ ସବୁ ମାସ ଭଳି ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ଆଣିଥିଲେ। ପୁଅ ରମେଶ (୪୦) ମଦ ପିଇବା ପାଇଁ ବାପାଙ୍କୁ ଟଙ୍କା ମାଗିବା ସହ ପୁନଃ ବିବାହ ପାଇଁ ଜିଦ୍ ଧରିଥିଲେ। ଏହି ସମୟରେ ପଦ୍ମନାଭଙ୍କ ସପକ୍ଷରେ ତପନ ବାହାରିବାରୁ ରମେଶ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ନାକକୁ କାମୁଡି ଦେଇଥିଲେ। ଏନେଇ ବଡ଼ଭାଇ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଶନିବାର ସନ୍ଧ୍ୟାରେ ପୋଲିସ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା ପରେ ସମାଧାନ କରି ଫେରିଥିଲା। ରବିବାର ସକାଳୁ ପଦ୍ମନାଭ ନ ଉଠିବାରୁ ରମେଶଙ୍କ ସ୍ତ୍ରୀ ହେମ ଯାଇ ତାଙ୍କୁ ଉଠାଇଥିଲେ। ମାତ୍ର ପଦ୍ମନାଭଙ୍କ ମୃତ୍ୟୁ ଘଟିସାରିଥିଲା। ଏନେଇ ପରିବାର ଲୋକେ ସମସ୍ତେ ଜାଣିବା ପରେ ପଦ୍ମନାଭଙ୍କ ପାଖରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ରମେଶ ପଦ୍ମନାଭଙ୍କୁ ପିଟିବା ସହ ପେଟକୁ ଛୁରି ଭୁସି ଦେଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ନିରଞ୍ଜନ ଦାଶ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏନେଇ ନଂ. ୭୮୧/୨୫ରେ ଏକ ମାମଲା ରୁଜୁ ହୋଇଛି। ୪ ଭାଇ ଓ ହେମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଯିଏ ଅଭିଯୁକ୍ତ ହେବେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କେନ୍ଦୁଝର,୧୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ**

କେନ୍ଦୁଝର ସଦର ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଜଲହରି ଥାନା ଅଞ୍ଚଳର ଆସିଫ ଅନୱାର ଖାନ (୩୨)। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବାପାଙ୍କ ଗ୍ରାମରେ ଏକ ଗ୍ରୋସରି ଦୋକାନ ଅଛି। ଅଭିଯୁକ୍ତ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାନ୍ତି। ଶନିବାର ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ଦେଖି ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରି ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦେଖି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ରବିବାର ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୬୯୭/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କାଶିପୁର ନିକଟରୁ ଗିରଫ କରିଥିଲା।

# ନିଲମ୍ବନର ୧୫ ଦିନ ପରେ ଚିଫ୍ ୱାର୍ଡରଙ୍କୁ ପୁନଃ ନିଯୁକ୍ତି

**ଭୁବନେଶ୍ୱର, ୧୬।୧୧(ତ୍ରିନାଥ ମହାନ୍ତି)**

## ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ଘଟଣା

- ଅହେତୁକ ଅନୁକମ୍ପାକୁ ନେଇ ଉଠିଲା ପ୍ରଶ୍ନ
- କଏଦୀ ଫେରାର ପଛରେ ଜେଲ ବିଭାଗର ବଡ଼ ଅଧିକାରୀ
- ବାଂଲାଦେଶରେ ଦୁଇ କଏଦୀ ଲୁଚିଥିବା ପୋଲିସର ସନ୍ଦେହ

ଚୌଦ୍ୱାର ଜେଲରୁ ଫେରାର ଦୁଇ ବିହାରୀ କଏଦୀ ରାଜା ସାହାଣୀ ଏବଂ ଚନ୍ଦ୍ରକାନ୍ତ କୁମାର ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି। ଜେଲ ବିଭାଗ ଏହି ମାମଲାର ତଦନ୍ତ କରୁଥିବାବେଳେ ନିଲମ୍ବନର ୧୫ ଦିନ ପରେ ନିଲମ୍ବିତ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ତାଙ୍କୁ ଅକ୍ଟୋବର ୧୮ରେ କେନ୍ଦ୍ରାପଡ଼ା ଜିଲାରେ ନିଯୁକ୍ତି ମିଳିଛି। ଦୋଷ ଖସାଇବା ପାଇଁ ଜେଲ ବିଭାଗ ଲୋକଦେଖାଣିଆ ଭାବେ ନିଲମ୍ବନ କରିବା ପରେ ପୁଣି ତାଙ୍କ ନିଯୁକ୍ତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଏଦୀ ଫେରାର ପଛରେ ବିଭାଗର ବଡ଼ ଅଧିକାରୀ ଓ କେତେଜଣ କଏଦୀଙ୍କ ସମ୍ପୃକ୍ତି ନେଇ ଉଠୁଥିବା ଅଭିଯୋଗର ସତ୍ୟତା ମଧ୍ୟ ଏଥିରୁ ଦୃଢ଼ୀଭୂତ ହେଉଛି। କାର୍ଯ୍ୟରେ ଅବହେଳା କରିଥିବା ଏହି ୱାର୍ଡରଙ୍କୁ ଅହେତୁକ ଅନୁକମ୍ପା ଦେବା ଜେଲ ବିଭାଗର ଅସଲ ଚେହେରା ପଦାରେ ପଡ଼ିଛି। ଦୁଇ କଏଦୀ ଫେରାର ହେବା ଦିନ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କ ଡ୍ୟୁଟି ଥିଲା। ଜେଲ ଭିତରେ ସିସିଟିଭି ଏବଂ କଡ଼ା ପ୍ରହରା ଥିବା ସତ୍ତ୍ୱେ କଏଦୀ ଫେରାର ହେବା ଜେଲ କର୍ତ୍ତୃପକ୍ଷଙ୍କ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏପରି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଇବା ପାଇଁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଡିଆଇଜି ଜେଲ ଡିଜିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଏହି ଚିଠି ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଯାଇ ପୁନଃ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି। କିନ୍ତୁ ସରକାରୀ ନିୟମ ଅନୁସାରେ, ତଦନ୍ତ ଚାଲୁଥିଲେ ବା ତଦନ୍ତରୁ ଘଟଣାରେ ସମ୍ପୃକ୍ତି ନ ଥିବା ଜଣାପଡିଲେ, ନିଲମ୍ବନର ୬ ମାସ ପରେ ନିଯୁକ୍ତି ଦେବା କଥା। କିନ୍ତୁ ଏକ୍ଷେତ୍ରରେ ସବୁ ନିୟମକୁ ଜେଲ ବିଭାଗର ବଡ଼ ଅଧିକାରୀମାନେ ଜଳାଞ୍ଜଳି ଦେଇଦେଲେ। ଆହୁରି ମଧ୍ୟ ଉକ୍ତ ଚିଫ୍ ୱାର୍ଡର ପୂର୍ବରୁ କେନ୍ଦ୍ରାପଡ଼ା ଜେଲରେ ଥିଲେ। ସେଠାରେ କଏଦୀଙ୍କଠାରୁ ଟଙ୍କା ନେବା ଅଭିଯୋଗରେ ଚୌଦ୍ୱାର ଜେଲକୁ ତାଙ୍କୁ ବଦଳି କରାଯାଇଥିଲା। ହେଲେ ଏଠାରେ କଏଦୀ ଫେରାର ମାମଲାରେ ନିଲମ୍ବନ ହୋଇ ପୁଣି କିଭଳି କେନ୍ଦ୍ରାପଡ଼ା ଜେଲକୁ ଗଲେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚୌଦ୍ୱାର ଜେଲରୁ ଫେରାର ଦୁଇ କଏଦୀଙ୍କ ଖସାଇବା ପଛରେ ୱାର୍ଡର ଏବଂ ଉଚ୍ଚ ଅଧିକାରୀଙ୍କ ହାତ ରହିଥିବା କୁହାଯାଉଛି। ଏଥିରେ ଜେଲରେ ରହୁଥିବା ଜଣେ ଗ୍ୟାଙ୍ଗଷ୍ଟରଙ୍କ ହାତ ରହିଛି। କାରଣ ଦୁଇ କଏଦୀ ଜେଲ୍‌ର ପଛ ପଟ ଦେଇ ଫେରାର ହୋଇଛନ୍ତି। ଜେଲର ପଛପଟରୁ ଷ୍ଟେଶନ ଖୁବ୍ କମ୍ ସମୟ ଲାଗେ। ତେଣୁ ପୂରା ଜେଲ ଭିତର ଓ ବାହାର ନକ୍ସା ଉକ୍ତ ଗ୍ୟାଙ୍ଗଷ୍ଟର ତାଙ୍କୁ ଦେବା ସହ ଫେରାର ହେବାରେ ସହଯୋଗ କରିଥିବା କୁହାଯାଉଛି। ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟରଙ୍କୁ ତଦନ୍ତ ପରିସରଭୁକ୍ତ କଲେ ବଡ଼ କେଳେଙ୍କାରିର ପର୍ଦ୍ଦାଫାଶ ହେବ। ଦୁଇ କଏଦୀ ଭିନ୍ନ ଭିନ୍ନ ସେଲ୍‌ରେ ରହୁଥିଲେ। କିନ୍ତୁ ଫେରାର ଦିନ କିଭଳି ଏକା ସମୟ ଏବଂ ଏକା ସ୍ଥାନରେ ପହଞ୍ଚିଲେ, ତାହା ମଧ୍ୟ ସନ୍ଦେହଘେରକୁ ଆସୁଛି। କୁହାଯାଉଛି ଫେରାର ପାଇଁ ଦୁଇ କଏଦୀ ଦେଢ଼ମାସ ଆଗରୁ ଯୋଜନା କରିଥିଲେ। ସେମାନେ ଏକ ଆରି ବ୍ଲେଡ୍‌ରେ ସେଲ୍‌ର ଲୁହାକୁ ସବୁଦିନ ଟିକେ ଟିକେ କାଟି ସେଥିରେ ସାବୁନ ଲଗାଇ ଦେଉଥିଲେ। ପୁଣି ଉଭୟ କଏଦୀ ଖାଇବା ଓ ଅନ୍ୟ ସମୟରେ ସେଲ୍‌ରୁ ବାହାରିବା ପରେ ସେଲ୍ ଲୁହା କଟା କେତେବାଟ ଗଲା କଥା ହେଉଥିଲେ। ସେମାନେ ଆରି ବ୍ଲେଡ୍ କେଉଁଠୁ ଆଣିଲେ ଓ ଡ୍ୟୁଟିରେ ଥିବା ୱାର୍ଡର କିପରି କିଛି ଜାଣିପାରି ନ ଥିଲେ ? ଫଳରେ ଫେରାର ଦିନ ସମ୍ପୂର୍ଣ୍ଣ କାଟିବା ପରେ ଉଭୟ ସେଲ୍‌ରୁ ବାହାରି ପାଚେରି ବାଡ଼ରେ କପଡ଼ା ଫିଙ୍ଗି ଗତ ଅକ୍ଟୋବର ୩ରେ ଫେରାର ହୋଇଯାଇଥିଲେ।

କୁହାଯାଉଛି, ଫେରାର ହେବା ପରେ ଷ୍ଟେଶନରୁ ସିଧା ବାଲେଶ୍ୱର ଦେଇ ପଶ୍ଚିମବଙ୍ଗରେ ପହଞ୍ଚିଥିଲେ। ସେଠାରୁ ସେମାନେ ବାଂଲାଦେଶ ପଳାଇ ଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଭଳି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଠାଇ ପୁନଃ ନିଯୁକ୍ତି ଦେବାକୁ ନେଇ ପ୍ରଶ୍ନ ଉଠିଛି।

# ୫୦ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ



**କାଳିମେଳା, ୧୬।୧୧(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଳା ପୋଲିସ ଶନିବାର ରାତିରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି-୯୦ ଗ୍ରାମ ନିକଟରୁ ୫୦ କେଜି ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଭି ୬୬ ଗ୍ରାମର ଯତୀନ ବିଶ୍ୱାସଙ୍କ ପୁଅ ବିପୁଲ ବିଶ୍ୱାସ। ରବିବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଘଟଣାସ୍ଥଳରୁ ଅନ୍ୟ ୩ ଅଭିଯୁକ୍ତ ଖସି ପଳାଇବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନେ ପ୍ଲାଷ୍ଟିକ୍ ବ୍ୟାଗରେ ଗଞ୍ଜେଇ ରଖି ବେଆଇନ ଭାବେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ ପାଇଁ ଗାଡିକୁ ଅପେକ୍ଷା କରିଥିଲେ। କାଳିମେଳା ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରି ମୋଟର ସାଇକେଲ ସହ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ କାଳିମେଳା ଥାନାରେ କେସ ନଂ ୨୭୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଗ୍ରାହକଙ୍କଠାରୁ ଆଦାୟ କିସ୍ତି ଟଙ୍କା ହଡ଼ପ

**ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

## ଘରୋଇ ବ୍ୟାଙ୍କର ୨ କର୍ମଚାରୀଙ୍କ ନାଁରେ ମାମଲା

ଏକ ଘରୋଇ ବ୍ୟାଙ୍କର ୨ କର୍ମଚାରୀ ଗ୍ରାହକଙ୍କଠାରୁ ଆଦାୟ କରିଥିବା କିସ୍ତି ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ସେମାନେ କମ୍ପାନୀର ଆକାଉଣ୍ଟରେ ଟଙ୍କା ଜମା ନ କରି ନିଜେ ଖର୍ଚ୍ଚ କରି ଦେଇଛନ୍ତି। ଏ ନେଇ ବ୍ୟାଙ୍କର ଶାଖା ପରିଚାଳକ ରାଜେଶ କୁମାର ହାତି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୭୬/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଭେକ୍ଟର ଫାଇନାନ୍ସ ବ୍ୟାଙ୍କ ନାମରେ ଏକ ଘରୋଇ ଆର୍ଥିକ ନେଣଦେଣ ସଂସ୍ଥା ରହିଛି। ଏହି ଘରୋଇ ବ୍ୟାଙ୍କ ଗ୍ରାହକଙ୍କୁ ଋଣ ପ୍ରଦାନ କରିବା ପରେ ମାସିକ କିସ୍ତି ହିସାବରେ ଟଙ୍କା ଆଦାୟ କରୁଛି। ଏହି ବ୍ୟାଙ୍କରେ ନୟାଗଡ଼ ଜିଲା ପଦ୍ମଦେଇପୁର ଗ୍ରାମର ମନୋଜ ପ୍ରଧାନ ଓ କୁରେଇସିଙ୍ଗି ଗ୍ରାମର ମକର ଭୂୟାଁ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଦିନ ସେମାନେ ଗ୍ରାହକଙ୍କଠାରୁ କିସ୍ତି ଆଦାୟ କରିବା ପରେ ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିଲେ। କିଛି ମାସ ତଳେ ବ୍ୟାଙ୍କର ଅଡିଟ୍ ରିପୋର୍ଟ ଆସିବା ପରେ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟାଙ୍କର ଆକାଉଣ୍ଟରେ ଜମା ହୋଇ ନ ଥିବା ଜଣାପଡ଼ିବା ପରେ ଏହାର ତନାଘନା କରାଯାଇଥିଲା। ଯାଞ୍ଚ ପରେ ଉଭୟ ମନୋଜ ଓ ମକର ଗ୍ରାହକଙ୍କଠାରୁ ମାସିକ କିସ୍ତି ଆଦାୟ କରିଥିଲେ ମଧ୍ୟ ତାହାକୁ ବ୍ୟାଙ୍କର ଆକାଉଣ୍ଟରେ ଜମା ନ କରି ନିଜେ ହଡପ କରି ନେଇଯାଇଥିବା ସ୍ପଷ୍ଟ ହୋଇଥିଲା ।

# ଚାକିରି ନାଁରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ଜେଲ ଗଲେ ମହିଳା

**ନୟାଗଡ଼,୧୬।୧୧ (ଲୋକନାଥ ମିଶ୍ର)**

ଚାକିରି ଦେବାକୁ କହି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ନୟାଗଡର କମଳିନୀ ପାଟଶାଣୀଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି । ସେ ୭ଜଣ ବେକାର ଯୁବକଙ୍କଠାରୁ ଚାକିରି କରାଇଦେବେ କହି ଟଙ୍କା ନେଇଥିଲେ। ଚାକିରି କରାଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ । ଏନେଇ ହରେକୃଷ୍ଣପୁରର ରାକେଶ ଜେନା ଗତ କିଛି ମାସ ତଳେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୯/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଏହି ଠକେଇ ଘଟଣାରେ କମଳିନୀଙ୍କ ଭାଇ ଓ ଖୋର୍ଦ୍ଧା ଜିଲା ବାଘମାରି ଅଞ୍ଚଳର ଅନ୍ୟ ଜଣେ ସମ୍ପୃକ୍ତ ଥିବା ଜଣାପଡ଼ିଛି ।


# Classified Everyday
0674-2580101, 9692975378



REAL ESTATE
SALE

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରୁ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- 9438362273. D-12

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

Apartment sale near Sum Hospital, Bhubaneswar @4500/- Sqft. - 9777433701. D-09

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫




The massage felt totally professional! & comfortable at all times- 7978109255. D-211

AFFIDAVIT

By virtue of an affidavit sworn before the Notary Public, Junagarh, dated- 10.11.2025, I, Surjit Surujal, Village/Post- Mathura, P.S.- Junagarh, Dist.- Kalahandi, Odisha, declare that I want to correction the wrong name in my son's Aadhaar from Sitan Surujal, S/o.- Surjeet Surujal to Shitansu Surujal , S/o.- Surjit Surujal. Henceforth, he will be known as Shitansu Surujal , S/o.- Surjit Surujal for all purposes. D-2589

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Balangir, dated- 14.11.2025, I, Rajib Kumbhar, Address At/P.O.- Ranisarda, P.S.- Tarbha, Dist.- Subarnapur (Odisha) declare that I have changed the name of my son from PRI RANYJAN KUMBHAR to PRIYA RANJAN KUMBHAR. Henceforth, he shall be known as PRIYA RANJAN KUMBHAR for all purposes.
Rajib Kumbhar
D-2590

By virtue of an affidavit sworn before Notary Public, Borigumma, dated- 12.09.2025, I, Samari Penthia, Address- Dhaudapalla, P.O.- Sasahandi, P.S.- Borigumma, Dist.- Koraput, Odisha,764056 declare that I have changed the name of daughter from JAYA SURIA PEMNTAIA (Old Name) to JAYASHREE PENTHIA (New Name). Henceforth, she shall be known as JAYASHREE PENTHIA (New Name) for all purposes.
JAYASHREE PENTHIA
D-2587

I, BORA PARTH SARATHI, S/O- BORA JAGANNATH RAO, RESIDENT OF AT- MAKARBAG SAHI, BUXI BAZAR, CUTTACK SADAR, DIST- CUTTACK, PIN- 753001, ODISHA DECLARE BY AFFIDAVIT NO- 76AA763871, DATED - 14/11/2025, THAT NOW ONWARDS I SHALL BE KNOWN AS B. PARTH SARATHI FOR ALL FUTURE PURPOSES.
D-2588

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



୰ଗୋପବନ୍ଧୁ ପଟନାୟକ
ଛତ୍ରପୁର, ଗଞ୍ଜାମ
ଆବିର୍ଭାବ- ୦୨।୦୨।୧୯୫୦
ତିରୋଧାନ- ୦୬।୧୧।୨୦୨୫
ବିଶିଷ୍ଟ ସାହିତ୍ୟିକ, ସୃଜନଶୀଳ ଲେଖକ, ଅନୁବାଦକ, ଝରକା ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଓ ସୁଯୋଗ୍ୟ ସମ୍ପାଦକ, ଦୟାମଞ୍ଜରୀ ଟ୍ରଷ୍ଟର ପ୍ରବନ୍ଧକ, ଗୋଦାବରୀଶ ସାହିତ୍ୟ ସଂସଦ ତରଫରୁ ପ୍ରଦତ୍ତ ବାର୍ଷିକ ଦୟାମଞ୍ଜରୀ ପୁରସ୍କାରର ପ୍ରବର୍ତ୍ତକ, ସେବା ନିବୃତ୍ତ ଷ୍ଟେଟ ବ୍ୟାଙ୍କ ଅଫିସର ଶ୍ରୀ ଗୋପବନ୍ଧୁ ପଟନାୟକ ଆଉ ଆମ ଗହଣରେ ନାହାନ୍ତି। ଚଳିତ ନଭେମ୍ବର ମାସ ୦୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଆଇ.ଏଲ.ବି.ଏସ ହସ୍ପିଟାଲରେ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ପରଲୋକ ଗମନ କରିଛନ୍ତି, ତାଙ୍କରି ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ସହ ବେଦନାସିକ୍ତ ବନ୍ଧୁ ଓ ପରିବାରବର୍ଗ/ ଆତ୍ମୀୟସ୍ୱଜନ।

ପ୍ରଥମ ଶ୍ରାଦ୍ଧବାର୍ଷିକ



୰ଡ. ଗୋବିନ୍ଦ ଚନ୍ଦ୍ର ନାୟକ
ସ୍ଥାନ- ଭୁବନେଶ୍ୱର
ଆବିର୍ଭାବ- ୦୧.୦୭.୧୯୪୪
ତିରୋଧାନ- ୩୦.୧୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟର ପ୍ରାର୍ଥନା। ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
-:ଶୋକସନ୍ତପ୍ତ ;-
ପତ୍ନୀ- ନମିତା, ଝିଅ- କ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ


# ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି, ୨ ଅଟକ

**ଧର୍ମଶାଳା,୧୬।୧୧ (ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡ଼ିହ ପଞ୍ଚମୁଖୀ ହନୁମାନ ମନ୍ଦିର, ରାଧାନଗର ହନୁମାନ ମନ୍ଦିର ଓ ଡ଼େରାବର ବରେଇଶୁଣୀ ମଠରୁ ୩ଜଣ ଯୁବକ ଶନିବାର ରାତିରେ ପିତଳ ବାସନ, ଘଣ୍ଟ , ଦାନ ବାକ୍ସରୁ ଟଙ୍କା ଓ ମୂର୍ତ୍ତି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ୍ ମାମଲା ରୁଜୁ କରି ସିସିଟିଭି ଆଧାରରେ ୨ଜଣ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ସମ୍ପୃକ୍ତ ଯୁବକମାନେ ନିଶା ଖାଇବା ପାଇଁ ମନ୍ଦିରରୁ ଚୋରି କରିଥିବା ସାଧାରଣରେ ଆଲୋଚନା ହେଉଛି।

# ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ ମାସ ପରେ ଚାଳକ ଗିରଫ

**ଭୁବନେଶ୍ୱର,୧୬।୧୧ (ସତ୍ୟଜିତ ରାଉତ)**

ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ ଚାଳକଙ୍କୁ ୩ ମାସ ପରେ ରବିବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଡିପ ସାହିର ଅଦେଇ ସାମଲ (୪୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଦେଇଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକ ହେଲେ ସ୍ଥାନୀୟ ଚଣ୍ଡୀବଜାରରେ ରହୁଥିବା ମୟୂରଭଞ୍ଜର ମାଥୁରି ବାସ୍କେ। ସେ ଅଗଷ୍ଟ ୧୪ ସନ୍ଧ୍ୟାରେ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଏକ ବାଇକରେ ଯୋଗେ ବୋଡଣ୍ଡା ଯାଉଥିବା ବେଳେ ଭାରସାମ୍ୟ ହରାଇ ସମସ୍ତେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରାକ୍ଟର ନେଇ ଆସୁଥିବା ଅଦେଇ ପଛ ପାର୍ଶ୍ୱରୁ ଅତି ଦ୍ରୁତ ଗତିରେ ମାଥୁରିଙ୍କ ଉପରେ ଚଢ଼ି ଚାଲିଯାଇଥିଲେ। ଫଳରେ ମାଥୁରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣା ଘଟାଇ ଅଦେଇ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବାପା ଅନ୍ତୁ ବାସ୍କେଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବ୍ୟାଟେରି ଚୋରି ଗ୍ୟାଙ୍ଗ ସଦସ୍ୟ ଧରାପଡ଼ିଲେ

**ଭୁବନେଶ୍ୱର,୧୬।୧୧(ସତ୍ୟଜିତ ରାଉତ)**

## ୫ରୁ ଊର୍ଦ୍ଧ୍ୱ ବ୍ୟାଟେରି ଜବତ, ସହଯୋଗୀଙ୍କୁ ଖୋଜା ଚାଲିଛି

ବିଭିନ୍ନ ଦୋକାନ ଓ ଗାଡ଼ିରୁ ବ୍ୟାଟେରି ଚୋରି କରିନେଉଥିବା ଏକ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ରବିବାର କାବୁ କରିଛି। ପୋଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଅଭିଯୁକ୍ତଙ୍କ ଠାରୁ ଏକ କାର୍ ଓ ସେଥିରେ ଥିବା ୫ରୁ ଊର୍ଦ୍ଧ୍ୱ ବ୍ୟାଟେରୀ ଏବଂ ଅନ୍ୟାନ୍ୟ ଉପକରଣ ଜବତ ହୋଇଛି। ଫେରାର ହେବା ବେଳେ ନିଳାଦ୍ରୀ ବିହାର ଅଞ୍ଚଳରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତେବେ ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ଏଥିସହ ଆହୁରି ଅଧିକ ବ୍ୟାଟେରୀ ଜବତ ହେବା ସମ୍ଭାବନା ରହିଛି। ସୋମବାର ଏନେଇ ପୋଲିସ ବିସ୍ତୃତ ସୂଚନା ଦେବ ବୋଲି କହିଛି।

# ଘର ତାଲା ଭାଙ୍ଗି ଟଙ୍କା, ସୁନା ନେଇଗଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବାପୁଜୀନଗର ଦ୍ୱିତୀୟ ଲାଇନରେ ଏକ ଘରର ଗ୍ରୀଲ ଓ ମୁଖ୍ୟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା, ସୁନା ଗହଣା ଓ ମୂଲ୍ୟବାନ ସାମଗ୍ରୀ ନେଇଯାଇଛନ୍ତି। ଗୃହକର୍ତ୍ତା ସୌମ୍ୟରଞ୍ଜନ ପାଳ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୭୫/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବାପୁଜୀନଗର ଦ୍ୱିତୀୟ ଲାଇନରେ ଥିବା ନିର୍ମଳା ରାମ ନିବାସ ଫ୍ଲଟ ନଂ ୪୯/୫୦ରେ ସୌମ୍ୟରଞ୍ଜନ ରୁହନ୍ତି। ଗତ ୧୨ ତାରିଖ ସେ ଘରେ ତାଲା ପକାଇ କୌଣସି କାମରେ ଭଞ୍ଜନଗର ଯାଇଥିଲେ। ୧୩ ତାରିଖରେ ଫେରିବା ପରେ ଘରର ଗ୍ରୀଲ ଓ ମୁଖ୍ୟ ଫାଟକରେ ପଡିଥିବା ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘରେ ଥିବା ଆଲମୀରା ଚାବି ଭଙ୍ଗାଯାଇଥିବା ବେଳେ ସେଥିରେ ଥିବା ଗୋଟାଏ ସୁନା ଚେନ, ଗୋଟିଏ ସୁନା ହାର, ୪ଟି ସୁନା ମୁଦି, ସୁନା କାନଫୁଲ ହଳେ, ରୁପା ପାଉଁଜି ଦୁଇ ହଳ, ୬୦ ହଜାର ଟଙ୍କା, ୪ଟି ହାତ ଘଣ୍ଟା ଆଦି ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି ସୌମ୍ୟରଞ୍ଜନ। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଚୋର ଦଳଙ୍କୁ କାବୁ କରିବା ପାଇଁ ଯୋଜନା କରୁଛି।

# କ୍ୱାଣ୍ଟମ୍ ଯୁଗର ଅବଦାନ



ନିକୁଞ୍ଜ ବିହାରୀ ସାହୁ

''ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କ ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ।''



ନେଲସ ବୋ'ର



ବିଂଶ ଶତାବ୍ଦୀ ପୂର୍ବରୁ ବୈଜ୍ଞାନିକମାନେ ଆତ୍ମସନ୍ତୋଷ ଲାଭ କରୁଥିଲେ ଯେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅଧିକାଂଶ ଆବିଷ୍କାର ଘଟିସାରିଛି ଏବଂ ଏହି ଦିଗନ୍ତରେ ଆଉ କିଛି ନୂତନ ସମ୍ଭାବନା ବାକି ନାହିଁ। ସେ ସମୟରେ ନିଉଟନଙ୍କ ପ୍ରଦତ୍ତ ପାରମ୍ପରିକ ବିଜ୍ଞାନର ପଦ୍ଧତି ଅନୁସରଣ ପୂର୍ବକ ଏକ ବିଲିଆର୍ଡ଼ ବଲର ଗତିରୁ ଆରମ୍ଭକରି ବିଶ୍ୱବ୍ରହ୍ମାଣ୍ଡରେ ଗ୍ରହ ଉପଗ୍ରହ ଏବଂ ଗାଲାକ୍ସିମାନଙ୍କର ଗତି ବୁଝାଇ ହେଉଥିଲା। ସେ ସମୟରେ ବିଶ୍ୱାସ କରାଯାଉଥିଲା ଯେ ପ୍ରକୃତିରେ ଶକ୍ତି ଏକ ଅବିଚ୍ଛିନ୍ନ ପ୍ରବାହ, ଅର୍ଥାତ କୌଣସି ଉତ୍ତପ୍ତ ବସ୍ତୁର ପରମାଣୁସବୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ କରିଥାନ୍ତି। ମାତ୍ର ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ଥିଲା ଏକ କୃଷ୍ଣବସ୍ତୁର ବିକିରଣ।

### କୃଷ୍ଣବସ୍ତୁର ବିକିରଣ

କୃଷ୍ଣବସ୍ତୁ ଏକ ଆଦର୍ଶ ବସ୍ତୁ, ଯାହା ଆପତିତ ଶକ୍ତିର ସମସ୍ତ ବିକିରଣକୁ ଅବଶୋଷଣ କିମ୍ବା ଉତ୍ସର୍ଜନ କରିଥାଏ ଏବଂ ଉତ୍ସର୍ଜିତ ଶକ୍ତିର ପରିମାଣ କେବଳ ବସ୍ତୁର ତାପମାତ୍ରା ଉପରେ ନିର୍ଭର କରିଥାଏ। ପରେ ବୈଜ୍ଞାନିକମାନେ କୌଣସି କୃଷ୍ଣବସ୍ତୁର ଉତ୍ସର୍ଜନ ନିମନ୍ତେ ତା'ର ଆବୃତ୍ତି ଅନୁସାରେ ଶକ୍ତିର ପରିମାଣକୁ ପରୀକ୍ଷା ମୂଳକ ଭାବେ ଅନୁଧ୍ୟାନ କରି ଲକ୍ଷ୍ୟକଲେ ଯେ, ନିମ୍ନ ଆବୃତ୍ତି ପରିସରରେ ଉତ୍ସର୍ଜିତ ଶକ୍ତି ଆବୃତ୍ତି ସହିତ ଧୀରେ ଧୀରେ ବୃଦ୍ଧି ପାଉଛି ଏବଂ ଉଚ୍ଚ ଆବୃତ୍ତିରେ ଉତ୍ସର୍ଜିତ ଶକ୍ତି ଅଚାନକ ହ୍ରାସ ପାଉଛି। ପାରମ୍ପରିକ ରାଲେ-ଜିନ୍ସଙ୍କ ନିୟମ ଅନୁସାରେ, ବିକିରଣର ଆବୃତ୍ତି ବଢିଲେ ଉତ୍ସର୍ଜିତ ଶକ୍ତିର ପରିମାଣ ତଦନୁସାରେ ବଢିଥାଏ। ଅର୍ଥାତ ଅତିବାଇଗଣି ଭଳି ଅତି ଉଚ୍ଚ ଆବୃତ୍ତିରେ କୃଷ୍ଣବସ୍ତୁ ଅସୀମ ଶକ୍ତି ବିକିରଣ କରିବା କଥା, ମାତ୍ର ବାସ୍ତବକ୍ଷେତ୍ରରେ ସେପରି ହୁଏ ନାହିଁ। ଏହି ବ୍ୟତିକ୍ରମକୁ 'ଅତିବାଇଗଣି ସଙ୍କଟ' ବୋଲି କୁହାଗଲା। ଏହି ସମସ୍ୟାର ସମାଧାନ ପାରମ୍ପରିକ ବିଜ୍ଞାନ ପକ୍ଷରେ ସମ୍ଭବପର ନଥିଲା।

ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କର ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତେକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ। ତାଙ୍କର ଏହି ନୂତନ ତତ୍ତ୍ୱ ସେତେବେଳେ ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲା। ମାତ୍ର ଏହି ତତ୍ତ୍ୱର ପ୍ରୟୋଗ ଦ୍ୱାରା କୌଣସି କୃଷ୍ଣବସ୍ତୁର ଆବୃତ୍ତି ଅନୁସାରେ ଉତ୍ସର୍ଜିତ ଶକ୍ତିର ପରିମାଣକ ଠିକ ରୂପେ ବୁଝାଇ ହେଲା। ଏହି ନୂତନ ତତ୍ତ୍ୱକୁ 'କ୍ୱାଣ୍ଟମ୍ ତତ୍ତ୍ୱ' ବୋଲି କୁହାଗଲା। ପ୍ଲାଙ୍କଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ 'କ୍ୱାଣ୍ଟମ୍ ତତ୍ତ୍ୱର ଜନକ' ବୋଲି କୁହାଗଲା।

### ପରମାଣୁର ଗଠନରେ କ୍ୱାଣ୍ଟମ୍ ତତ୍ତ୍ୱର ପ୍ରୟୋଗ

୧୯୧୩ ମସିହାରେ ଡେନମାର୍କର ପଦାର୍ଥବିଜ୍ଞାନୀ ନେଲସ ବୋ'ର ଏହି କ୍ୱାଣ୍ଟମ୍ ତତ୍ତ୍ୱ ପ୍ରୟୋଗ କରି ହାଇଡ୍ରୋଜେନ ପରମାଣୁର ବର୍ଣ୍ଣାଳୀକୁ ସଫଳତାର ସହ ବୁଝାଇବା ସହିତ ପରମାଣୁର ଗଠନ ସମ୍ପର୍କରେ ଏକ ନୂତନ ମତବାଦ ଉପସ୍ଥାପନା କଲେ। ପରମାଣୁର ଗଠନ ସମ୍ପର୍କରେ ପୂର୍ବରୁ ପ୍ରଚଳିତ ମତବାଦ ପରମାଣୁର ସ୍ଥାୟିତ୍ୱ ବୁଝାଇବା ନିମନ୍ତ ଅସମର୍ଥ ଥିଲା। ବୋ'ର ପାରମ୍ପରିକ ବିଜ୍ଞାନ ସହିତ କ୍ୱାଣ୍ଟମ୍ ତତ୍ତ୍ୱର ମିଶ୍ରଣ କରି ଏକ ନୂତନ ମତବାଦ ପ୍ରଣୟନ କଲେ, ଯାହା ପରମାଣୁର ସ୍ଥାୟିତ୍ୱ ଏବଂ ହାଇଡ୍ରୋଜେନ ଭଳି ପରମାଣୁର ବର୍ଣ୍ଣାଳୀ ସଫଳତାର ସହ ବୁଝାଇ ପାରିଲା। ଏହା କ୍ୱାଣ୍ଟମ୍ ତତ୍ତ୍ୱର ଅନ୍ୟ ଏକ ବଡ଼ ସଫଳତା ଥିଲା। ବୋ'ର ମତପୋଷଣ କରିଥିଲେ ଯେ, ପରମାଣୁର ନିଉକ୍ଲିୟସ ଚାରିପଟେ ଘୂରୁଥିବା ଇଲେକ୍ଟ୍ରନ ସମସ୍ତ କକ୍ଷପଥ ଗ୍ରହଣ କରିପାରିବ ନାହିଁ। ତାହା କେବଳ ସେହି କକ୍ଷ ଗ୍ରହଣ କରିପାରିବ ଯେଉଁଠି ତା'ର ସମୁଦାୟ ଶକ୍ତିର ପରିମାଣ ସ୍ଥିର ରହିଥାଏ। ସେଥିପାଇଁ ସେ ଇଲେକ୍ଟ୍ରନର କୌଣୀୟ ସଂବେଗ (Angular momentum) ପାଇଁ ସମସ୍ତ ମୂଲ୍ୟ ଗ୍ରହଣ ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ମୂଲ୍ୟର ପ୍ରସ୍ତାବନା କଲେ।

### ପ୍ରକାଶ-ବୈଦ୍ୟୁତିକ ପ୍ରଭାବ

ବୈଜ୍ଞାନିକ ଆଇନଷ୍ଟାଇନ କ୍ୱାଣ୍ଟମ୍ ତତ୍ତ୍ୱକୁ ଆଉ ପାଦେ ଆଗେଇ ନେଇ ଏହାକୁ ପ୍ରକାଶ କିମ୍ବା ଆଲୋକ କ୍ଷେତ୍ରରେ ପ୍ରୟୋଗ କଲେ। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ଆଲୋକ ଏକ ତରଙ୍ଗ ଏବଂ ଏହା ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ। ମାତ୍ର ଆଲୋକର ଏହି ଧର୍ମ ବ୍ୟବହାର କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପରୀକ୍ଷାର ଫଳାଫଳକୁ ବୁଝାଇବା ସମ୍ଭବ ହେଲା ନାହିଁ। କେତେକ ପଦାର୍ଥ ଉପରେ ଆଲୋକ ପଡ଼ିଲେ ସେଥିରୁ ଇଲେକ୍ଟ୍ରନ ସ୍ୱତଃ ନିର୍ଗତ ହୁଏ, ଯାହାକୁ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ କହନ୍ତି।

ପାରମ୍ପରିକ ବିଜ୍ଞାନ ଏହି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଯଥା ଦ୍ୱାରଦେଶୀୟ ଆବୃତ୍ତି, ତତ୍କାଳିକ ଇଲେକ୍ଟ୍ରନ ଉତ୍ସର୍ଜନ ପ୍ରକ୍ରିୟା, ଉତ୍ସର୍ଜିତ ଇଲେକ୍ଟ୍ରନଗୁଡ଼ିକର ଗତିଜ ଶକ୍ତିର ଆପତିତ ଆଲୋକରଶ୍ମିର ତୀବ୍ରତା ପରିବର୍ତ୍ତେ ଆବୃତ୍ତି ଉପରେ ନିର୍ଭରଶୀଳତା ଇତ୍ୟାଦି ବୁଝାଇ ପାରିଲା ନାହିଁ। ଏହି ସଂକଟକୁ ଦୂର କରିବା ପାଇଁ ଆଇନଷ୍ଟାଇନ ମତ ଦେଲେ ଯେ, ଆଲୋକ ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ ଅନେକ ଶକ୍ତିମନ୍ତ ବସ୍ତୁତ୍ୱ ବିହୀନ କଣିକା 'ଫୋଟନ'ର ସମାହାର, ଯାହା ଆଲୋକ ବେଗରେ ଗତି କରିଥାନ୍ତି। ସେ ଏହି ତତ୍ତ୍ୱ ପ୍ରୟୋଗ କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପର୍ଯ୍ୟବେକ୍ଷଣର ଫଳାଫଳକୁ ଠିକ୍ ରୂପେ ବୁଝାଇ ପାରିଲେ। ଆଇନଷ୍ଟାଇନଙ୍କ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ଏହି ଯୁଗାନ୍ତକାରୀ ମତବାଦ ପାଇଁ ତାଙ୍କୁ ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଗଲା।

ଏଇବର୍ଷ ତିନିଜଣ ଆମେରିକୀୟ ପଦାର୍ଥବିଜ୍ଞାନୀ ନିଜର କ୍ୱାଣ୍ଟମ୍ ତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାର ନିମନ୍ତେ ନୋବେଲ ପୁରସ୍କାର ଲାଭ କରିଛନ୍ତି। ସେ ପଦାର୍ଥବିଜ୍ଞାନୀମାନେ ହେଲେ: ଜନ୍ କ୍ଲାର୍କ୍, ମାଇକେଲ ଏଚ୍. ଡେଭୋରେଟ ଏବଂ ଜନ୍ ମାର୍ଟିନିସ। ସେମାନେ ଏକ ବୈଦ୍ୟୁତିକ ପରିପଥରେ ଶକ୍ତିର କ୍ୱାଣ୍ଟମ୍‌କରଣ ପ୍ରକ୍ରିୟା ତଥା ସ୍ଥୂଳ ପରିସ୍ଥିତିରେ କ୍ୱାଣ୍ଟମ୍ ଯାନ୍ତ୍ରିକୀ ଟନେଲିଙ୍ଗ ପ୍ରଭାବ ଆବିଷ୍କାର ପାଇଁ ଏହି ନୋବେଲ ପୁରସ୍କାର ବିଜେତା ହୋଇଛନ୍ତି।

ଏହିପରି ଭାବରେ କ୍ୱାଣ୍ଟମ୍ ଯୁଗର ସୂତ୍ରପାତ ହୁଏ। ଏହି କ୍ୱାଣ୍ଟମ ତତ୍ତ୍ୱକୁ ଭିତ୍ତିକରି ଆଧୁନିକ ଯୁଗର ଅନେକ ଉପକରଣ ଯଥା ଲେଜର, ଟ୍ରାଞ୍ଜିଷ୍ଟର, ଏଲ୍.ଇ.ଡି. ଶରୀର ଅଭ୍ୟନ୍ତର ଟିସୁର ଫଟୋଚିତ୍ର ଉତ୍ତୋଳନ ନିମନ୍ତେ ବ୍ୟବହୃତ ଏମ୍‌ଆରଆଇ ଯନ୍ତ୍ର, କ୍ୱାଣ୍ଟମ୍ କମ୍ପ୍ୟୁଟର, ସୂକ୍ଷ୍ମ ଅଣୁଜୀବଙ୍କ ସ୍ପଷ୍ଟ ଦର୍ଶନ ପାଇଁ ବ୍ୟବହୃତ ସ୍କାନିଙ୍ଗ ଟନେଲିଙ୍ଗ ମାଇକ୍ରୋସ୍କୋପ୍ ଇତ୍ୟାଦି ବିକଶିତ କରାଯାଇ ପାରିଲା। ମାନବ ସମାଜକୁ କ୍ୱାଣ୍ଟମ୍ ତତ୍ତ୍ୱର ଏହି ବିପୁଳ ଅବଦାନକୁ ସ୍ମରଣୀୟ କରିବା ପାଇଁ ଏହି ବର୍ଷ ୨୦୨୫ ମସିହାକୁ 'ଅନ୍ତର୍ଜାତୀୟ କ୍ୱାଣ୍ଟମ୍ ବିଜ୍ଞାନ ଓ ପ୍ରଯୁକ୍ତି ବର୍ଷ' ବୋଲି ଘୋଷଣା କରାଯାଇଛି।

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

# ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ



ସାଧାରଣତଃ ବିଭିନ୍ନ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ବର୍ତ୍ତମାନ ଏହା ଦିନକୁ ଦିନ ଯେଉଁଭଳି ପ୍ରଦୂଷିତ ହେବାରେ ଲାଗିଛି ତାହା ଉପରେ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କଲେଣି। ଜଳବାୟୁର ଏହି ପରିବର୍ତ୍ତିତ ରୂପ ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ କେତେକାଂଶରେ ଦାୟୀ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

# ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଜଣେ ଡିପ୍ରେସର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏହାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ହେଲା ଖାଦ୍ୟପେୟ। ଆମେ ଜାଣୁ ଯେ, ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବେଜିଂ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ,ଯଦି ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ଠିକ୍‌ଠାକ୍ ରଖନ୍ତି, ତେବେ ସେ ନିଜକୁ ଡିପ୍ରେଶନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କେତେକ ବ୍ୟକ୍ତି ଡିପ୍ରେସନ୍‌ରେ ରହିବା ସମୟରେ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଡିପ୍ରେଶନଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥିବା ଖାଦ୍ୟକୁ ସାମିଲ କରନ୍ତୁ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳାଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ।

# କରୋନାରୀ ଧମନୀ



ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି। ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଉର୍ଦ୍ଧ୍ୱ ଓ ଅଧ ଭେନା, କାଭା ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

# ଉପକାରୀ ଗୁଜୁରାତି



ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍‌ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

# ପୃଥୁଳତାରୁ ହୋଇପାରେ ଡାଇବେଟିସ୍



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

# ସ୍ୱାସ୍ଥ୍ୟ ସୂଚନା

➢ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ଏହାକୁ ନିୟମିତ ଖାଇବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।

➢ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ୟୁରିନ୍‌ରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଫଳରେ ରକ୍ତଚାପ କେତେକାଂଶରେ କମିଯିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି ପାଇଥାଏ।

➢ନିୟମିତ କିଛି ପରିମାଣରେ ଦହି ଖାଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ କୋଲେଷ୍ଟରଲ୍ ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖେ।

➢ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ରହିଛି। ଏହାକୁ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରା କେତେକାଂଶରେ ସକ୍ରିୟ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

➢ବେଡ୍ ରୁମ୍ ପରିବେଶ ସବୁବେଳ ଏପରି ରଖନ୍ତୁ ଯେମିତି ତାହା ନିଦ୍ରାକୁ ପ୍ରଭାବିତ କରିବ ନାହିଁ। ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।

➢କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପକୁ ମଧ୍ୟ କେତେକାଂଶରେ ସନ୍ତୁଳିତ ରଖେ।



# ଥାଲାସେମିଆ: କିଛି କଥା

ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଗୁରୁତର ଭାବେ ରକ୍ତହୀନତା ବା ଆନିମିଆ ସୃଷ୍ଟି ହୋଇଥାଏ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ହନୁ ହାଡ଼ ବଢ଼ିଯାଏ। ଥାଲାସେମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡେ। ଥାଲାସେମିଆ ରୋଗୀର ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଏ। ଏଚ.ପି.ଏଲ.ସି. ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସେମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ ଅସ୍ଥିମଜ୍ଜା ପରୀକ୍ଷା, ହାଡର ଏକ୍ସ-ରେ କରିବା ବ୍ୟତୀତ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ କରାଯାଏ। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ।



# ଦକ୍ଷିଣ ଆଫ୍ରିକାର ସ୍ମରଣୀୟ ବିଜୟ

## ଅଢ଼େଇ ଦିନରେ ଖେଳ ଶେଷ

କୋଲକାତା, ୧୬।୧୧(ପି.ଟି.)

ଭାରତୀୟ ବ୍ୟାଟିଂ ଲାଇନ୍ ଦକ୍ଷିଣ ଆଫ୍ରିକାର କ୍ୱାଲିଟି ସ୍ପିନ ବୋଲିଂ ଆଗରେ ଫେଲ ମାରିଛି। ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ନ ଥିବା ପିଚ୍ ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ସୁହାଇବ ବୋଲି ଆଶା କରାଯାଉଥିଲା। ହେଲେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ ଲେଖାଏ ଉଇକେଟ ନେଇ ଉଭୟ ଦଳ ମଧ୍ୟରେ ପାର୍ଥକ୍ୟ ସାଜିଥିଲେ। ଫଳରେ ଭାରତ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୩୦ ରନରେ ଜିତି ନେଇଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତ ୧୮୯ ରନ କରିଥିଲା। ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୫୩ ରନରେ ସୀମିତ ରହିବା ପରେ ଭାରତ ସମ୍ମୁଖରେ ୧୨୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ବ୍ୟାଟିଂ ଲାଗି ଉପଲବ୍ଧ ନ ଥିଲେ। ଏହା ଦକ୍ଷିଣ ଆଫ୍ରିକା ଦଳର ଗତ ୧୫ ବର୍ଷରେ ଭାରତ ମାଟିରେ ପ୍ରଥମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ଘରୋଇ ପରିବେଶରେ ଖେଳାଯାଇଥିବା ଗତ ୬ ଟେଷ୍ଟରେ ଏହା ଭାରତୀୟ ଦଳର ଚତୁର୍ଥ ପରାଜୟ। ଏହି ବିଜୟ ସହ ଦ. ଆଫ୍ରିକା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିବା ହାର୍ମରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୨ ତାରିଖଠାରୁ ଗୁଆହାଟୀରେ ଖେଳାଯିବ।

ରବିବାର ତଥା ମ୍ୟାଚ୍‌ର ତୃତୀୟ ଦିନ ଦକ୍ଷିଣ ଆଫ୍ରିକା ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୩/୭ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଟେମ୍ବା ବଭୁମା ଓ କର୍ବିନ ବୋଶ୍ଚ ଅଷ୍ଟମ ଉଇକେଟରେ ୪୪ ରନ ଯୋଡ଼ିଥିଲେ। ୨୫ ରନ କରି ଖେଳୁଥିବା ବୋଶ୍ଚଙ୍କୁ ଯଶପ୍ରୀତ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ହାର୍ମର (୭) ଓ କେଶବ ମହାରାଜ (୦)ଙ୍କୁ ଗୋଟିଏ ଓଭରରେ ମହମ୍ମଦ ସିରାଜ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ଇନିଂସର ଅନ୍ତ ଘଟାଇଥିଲେ। ଅଧିନାୟକ ବଭୁମା ୫୫ (୪ ଚୌକା) ରନ କରି ଅପରାଜିତ ରହିଥିଲେ। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୪ ଉଇକେଟ ନେଇଥିବାବେଳେ କୁଲଦୀପ ଯାଦବ ଓ ସିରାଜ ୨ ଲେଖାଏ ଏବଂ ବୁମରା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ସାଇମନ ହାର୍ମରଙ୍କୁ ଟେମ୍ବା ବଭୁମାଙ୍କ ବଧେଇ।

୧୨୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଭାରତ ଆରମ୍ଭରୁ ଦୁଇ ଓପନରଙ୍କୁ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନ ଥିବାବେଳେ ଲୋକେଶ ରାହୁଲ ୧ ରନ କରି ଆଉଟ୍ ହୋଇଥିଲେ। ଗିଲ୍‌ଙ୍କ ଅନୁପସ୍ଥିତିରେ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ଧ୍ରୁବ ଜୁରେଲ ୧୩ ଓ ରିଷଭ ପନ୍ତ ୨ ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର (୩୧ ରନ, ୨ ଚୌକା) ଓ ରବୀନ୍ଦ୍ର ଜାଡେଜା (୧୮ରନ୍,୨ ଚୌକା) ଦଳକୁ କିଛିଟା ଆଶା ଦେଇଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ଦକ୍ଷିଣ ଆଫ୍ରିକାର ବିଜୟ ପ୍ରାୟ ନିଶ୍ଚିତ ହୋଇଯାଇଥିଲା। ଶେଷ ଆଡ଼କୁ ଅକ୍ଷର ପଟେଲ ଆଟାକିଂ ବ୍ୟାଟିଂ କରି ୧ ଚୌକା ଓ ୨ ଛକା ସହିତ ୨୬ ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହାର ପରବର୍ତ୍ତୀ ବଲରେ ସିରାଜଙ୍କ ଉଇକେଟ ନେଇ କେଶବ ମହାରାଜ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାରତ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ ହାର୍ମର ୪ ଉଇକେଟ ନେଇଥିବାବେଳେ ମାର୍କୋ ଜାନସେନ ଓ ମହାରାଜ ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୫୩/ଅଲଆଉଟ୍ (ଟେମ୍ବା ବଭୁମା-୫୫*, କର୍ବିନ ବୋଶ୍ଚ-୨୫, ରବୀନ୍ଦ୍ର ଜାଡେଜା-୪/୫୦, ମହମ୍ମଦ ସିରାଜ-୨/୨, କୁଲଦୀପ ଯାଦବ-୨/୩୦)। ଭାରତ ଦ୍ୱିତୀୟ ଇନିଂସ: ୯୩/ଅଲଆଉଟ୍ (ୱାଶିଂଟନ ସୁନ୍ଦର-୩୧, ଅକ୍ଷର ପଟେଲ-୨୬, ସାଇମନ ହାର୍ମର-୪/୨୧, ମାର୍କୋ ଜାନସେନ-୨/୧୫, କେଶବ ମହାରାଜ-୨/୩୭)।

## ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର

ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)

ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର ଫାଇନାଲରେ ଅଜଲାନ ଅଲୀଙ୍କୁ ହରାଇ ବିଶେଷ ସିଙ୍ଘଲ ଚାମ୍ପିୟନ ହୋଇଛନ୍ତି। ସିନିୟର ବିଲିୟାର୍ଡ୍ସର କ୍ୱାର୍ଟର ଫାଇନାଲରେ ସୁବ୍ରତ ଦାସ ୨-୦ରେ ଚେତନ ଆନନ୍ଦ, ସମୀର ଅଲୀ ୨-୦ରେ ଆୟୁଷ୍ମାନ ଏବଂ ଚିରଞ୍ଜୀବ ସିଂ ୨-୧ରେ ବିଶେଷ ସିଙ୍ଘଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।




# ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିୟନ



ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୧୧(ତପନ ସ୍ୱାଇଁ)

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ ରବିବାର ଉଦ୍‌ଯାପିତ ହୋଇଛି। ମୋଟ ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗୋଲକୁଣ୍ଡା ଗାର୍ଡିଆନ୍ସ, ବାରବାଟୀ ବ୍ୟାଟଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୭ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ତେବେ ଟାଇବ୍ରେକ୍‌ରେ ଗାର୍ଡିଆନ୍ସ ଚାମ୍ପିୟନ ହୋଇଥିବାବେଳେ ବ୍ୟାଟଲର୍ସ ରନରଅପ୍ ଏବଂ ଭିକ୍ଟର୍ସ ତୃତୀୟ ସ୍ଥାନ ଅଧିକାର କରିଛି। ଗାର୍ଡିଆନ୍ସ ୧୧ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୧ ପରାଜୟ, ବ୍ୟାଟଲର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଏବଂ ଭିକ୍ଟର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଲାଭ କରିଛି। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳରେ ଆର୍ଯ୍ୟନ ଅର୍ନଭ ସାମନ୍ତରାୟ, ଫିଡେ ମାଷ୍ଟର ମୋହିତୋଷ ଦେ, ଅନ୍ତର୍ଜାତୀୟ ମାଷ୍ଟର ଆରାଧ ଗର୍ଗ, ସ୍ୱପ୍ନିଲ ପ୍ରିୟଦର୍ଶୀ, କ୍ୟାଣ୍ଡିଡେଟ ମାଷ୍ଟର ମୁକୁନ୍ଦ ହେମନ୍ତ ଅଗ୍ରୱାଲ, ମହିଳା ଫିଡେ ମାଷ୍ଟର ଅର୍ଶିୟା ଦାସ, ରାକେଶ କୁମାର ନାୟକ ଓ ସୋୟମ ଲକ୍ଷ୍ମୀଦତ୍ତ ସାବତ ସାମିଲ ଥିଲେ।

ବିଜେତା ଟିମ୍‌ଙ୍କୁ ୫ ଲକ୍ଷ, ପ୍ରଥମ ରନର୍ସ ଅପକୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପକୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ତଥା ଅଲ୍ ଝାଡ଼ଖଣ୍ଡ ଚେସ୍ ଆସୋସିଏସନ ସଭାପତି ପ୍ରଦୀପ କୁମାର ବର୍ମା, ସମ୍ମାନିତ ଅତିଥି ଏସାର ମିନମେଟ୍ ଲିମିଟେଡର ସିଇଓ ଶଶି ଶେଖର ମହାନ୍ତି, ଜେମିନୀ ଅଏଲ୍ ସିନିୟର ମ୍ୟାନେଜର (କମର୍ସିଆଲ) ପ୍ରଦୀପ୍ତ କିଶୋର ମହାପାତ୍ର, ଏସଏନଏମ୍ ଗ୍ରୁପ୍ ଚେୟାରମ୍ୟାନ ପ୍ରଦୀପ୍ତ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଇଏସଏଫ୍ ଟିମର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ଚିଦାତ୍ମିକା ଖଟୁଆ, ଶେଖ ଅବଦୁଲ ସମିମ୍, ଜାତୀୟ ସଭାପତି ପ୍ରଦିପ୍ତ ମହାନ୍ତି, ରାଜ୍ୟ ସଭାପତି ବିଭୁ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ସଞ୍ଜୟ ଦାସ, ରାଜ୍ୟ ଆବାହକ ରାଶି ଅଗ୍ରୱାଲ, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରାଙ୍କ ସମେତ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ, ଅଭିଶେକ ଆଚାର୍ଯ୍ୟ, ଆୟୋଜକ କମିଟି ସଦସ୍ୟ ମାନସ ପାଣି, ବି.ଏନ. ସାହୁ, ବିଷ୍ଣୁ ଅଗ୍ରୱାଲ, ଧନଞ୍ଜୟ ସାବତ, ଅର୍ଘ୍ୟ ଅର୍ପଣ ପରିଡା,ପଦ୍ମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତେଶ୍ୱର, କିଶୋର ସ୍ପୋର୍ଟିଂ ବିଜୟୀ

## ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍

ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ମ୍ୟାଚରେ ମୁକ୍ତେଶ୍ୱର ଏବଂ କିଶୋର ସ୍ପୋର୍ଟିଂ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ମୁକ୍ତେଶ୍ୱର ସ୍ପୋର୍ଟିଂ ୪-୧ ଗୋଲରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅନିଲ ନାୟକ ୨ଟି ଏବଂ ପ୍ରତ୍ୟୁଷ ସିଂ ଓ ଶରତ ମିନ୍ୟାକା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିପକ୍ଷ ଦଳରୁ ନିଖିଲ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଡବଲ ଗୋଲ ସ୍କୋରର ଅନିଲ ନାୟକଙ୍କୁ ଅତିଥି ରାଜ୍ୟର ପ୍ରତିଷ୍ଠିତ ଆଥ୍ଲେଟିକ୍ସ କୋଚ୍ ନୀଳମାଧବ ଦେଓ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ କିଶୋର ସ୍ପୋର୍ଟିଂ ୨-୦ ଗୋଲରେ ସିଲିକନ୍ ୟୁନିଭର୍ସିଟିକୁ ହରାଇ ଦେଇଛି। କିଶୋର ସ୍ପୋର୍ଟିଂ ପକ୍ଷରୁ ଆଶିଷ ବାହାଲା ଓ ସିଦ୍ଧାନ୍ତ ଦାସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜ୍ୟର ପ୍ରତିଷ୍ଠିତ କ୍ରୀଡ଼ା ବିଜ୍ଞାନୀ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଓ ସସ୍ମିତା ଦାଶ ଅତିଥିଭାବେ ଯୋଗଦେଇ ସିଦ୍ଧାନ୍ତ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ସିଦ୍ଧାନ୍ତ ଦାସ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତର ଧନୁଷ ସ୍ୱର୍ଣ୍ଣ, ମୁର୍ତାଜାଙ୍କୁ ରୌପ୍ୟ

## ବଧିର ଅଲିମ୍ପିକ୍ସ

ନୂଆଦିଲ୍ଲୀ, ୧୬।୧୧ (ପି.ଟି.)

ଭାରତୀୟ ଶୁଟର ଧନୁଷ ଶ୍ରୀକାନ୍ତ ବିଶ୍ୱ ମଞ୍ଚରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି। ଟୋକିଓରେ ଚାଲିଥିବା ବଧିର ଅଲିମ୍ପିକ୍ସରେ ସେ ପୁରୁଷ ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଜିତି ଭାରତକୁ ପଦକ ତାଲିକାରେ ସାମିଲ କରିଛନ୍ତି। ୨୩ବର୍ଷୀୟ ଏହି ଶୁଟର ୨୦୨୨ରେ ମାତ୍ର ୧୯ବର୍ଷ ବୟସରେ କାକ୍ସିଆସ ଡୁ ସୁଲ୍ (ବ୍ରାଜିଲ)ରେ ବଧିର ଅଲିମ୍ପିକ୍ସରେ ପ୍ରଥମ ଥର ଭାଗ ନେଇଥିଲେ ଏବଂ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଠାରେ ଆଉ ଏକ ଚମତ୍କାର ପ୍ରଦର୍ଶନ କରି ସେ ୨୫୨.୨ ପଏଣ୍ଟ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ଯାହାକି ଏକ ବଧିର ଫାଇନାଲରେ ଏକ ନୂଆ ବିଶ୍ୱ ରେକର୍ଡ। ଭାରତର ମହମ୍ମଦ ମୁର୍ତାଜା ଭାନିଆ ଫାଇନାଲରେ ୨୫୦.୧ ସ୍କୋର କରି ରୌପ୍ୟ ପଦକ ଲାଭ କରିଥିବା ବେଳେ ଦକ୍ଷିଣ କୋରିଆର ବାଏକ୍ ସିଅଙ୍ଗହାକ୍ ୨୨୩.୬ ସ୍କୋର ସହ ବ୍ରୋଞ୍ଜ ପାଇଛନ୍ତି। ହାଇଦ୍ରାବାଦରେ ଟ୍ରେନିଂ ନେଉଥିବା ଏହି ଚାମ୍ପିୟନ ଶୁଟର ୬୩୦.୬ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବଧିର ଅଲିମ୍ପିକ୍ସରେ ଏହା ଏକ ରେକର୍ଡ। ମୁର୍ତାଜା(୬୨୬.୩) ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୨୨ରେ କାକ୍ସିଆସ ଡୁ ସୁଲ୍‌ରେ ସେ ଉଭୟ ବ୍ୟକ୍ତିଗତ ଓ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ଜିତିଥିଲେ।

# ବିପ୍ଳବ, ଅନିଲ ଇନିଂସ ସମ୍ଭାଳିଲେ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚ ରବିବାର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମଧ୍ୟଭାଗରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ଅନିଲ ପରିଡ଼ା ଇନିଂସ ସମ୍ଭାଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଓଡ଼ିଶା ୭ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଅନିଲ ୯୮ ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚରେ ଉଇକେଟ କିପର ସାୱନ ପହାରିଆ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି। ମ୍ୟାଚ ପୂର୍ବରୁ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ତାଙ୍କୁ ଓଡ଼ିଶା କ୍ୟାପ ପ୍ରଦାନ କରିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି। ମାତ୍ର ନାଗାଲାଣ୍ଡ ବୋଲରମାନେ ସକାଳେ ପିଚ୍‌ର ଆର୍ଦ୍ରତାରୁ ଫାଇଦା ଉଠାଇ ଓଡ଼ିଶାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଓଡ଼ିଶା ୩୪ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୧୦ ଓ ୯ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିପାରି ନ ଥିଲେ। ଅଧିନାୟକ ଶୁଭ୍ରାଂଶୁ ଭଲ ଆରମ୍ଭ କରିଥିଲେ ହେଁ ୧୩ ରନକରି ପ୍ୟାଭିଲିୟନ ଫେରିଥିଲେ। ଚଳିତ ସିଜନର ୪ଟି ମ୍ୟାଚ ପରେ ଦଳକୁ ଡାକରା ପାଇଥିବା ବିପ୍ଳବ ଓ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିବାକୁ ସୁଯୋଗ ପାଇଥିବା ଅନିଲ ଚାପର ବଶବର୍ତ୍ତୀ ନ ହୋଇ ୫ମ ଉଇକେଟରେ ୩୫୪ ବଲ୍‌ରୁ ୧୭୯ ରନର ପାର୍ଟନରଶିପ୍ ଗଢ଼ି ଓଡ଼ିଶାକୁ ଲଜ୍ଜାଜନକ ସ୍ଥିତିରୁ ଉଦ୍ଧାର କରିଥିଲେ। ଶତକ ହାସଲର ନିକଟବର୍ତ୍ତୀ ହୋଇଥିବା ବିପ୍ଳବ ୯୨ ରନ କରିଥିବାବେଳେ ଇମଲିୱାତି ଲେମଟୁରଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ସେ ୧୪୫ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନିଲ କିନ୍ତୁ ୯୮ ରନରେ ଅପରାଜିତ ରହି କ୍ୟାରିୟରର ପ୍ରଥମ ଶତକ ହାସଲର ଦ୍ୱାରରେ ପହଞ୍ଚିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବୋଚ୍ଚ ସ୍କୋର ୯୯* ରନ। ଚଳିତବର୍ଷ ପ୍ରାରମ୍ଭରେ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ଏକମାତ୍ର ମ୍ୟାଚର ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଲ୍‌ଆଉଟ ହେବା ବେଳକୁ ସେ ୯୯ ରନରେ ଅପରାଜିତ ରହିଥିଲେ। କିଟ୍ ଗ୍ରାଉଣ୍ଡରେ ଅନିଲ ୨୪୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଛନ୍ତି। ତେବେ ଏତିକିରେ କାର୍ଯ୍ୟ ସରିନାହିଁ। ଓଡ଼ିଶା ପ୍ରଥମ ଇନିଂସ ସ୍କୋରକୁ ଯଥା ସମ୍ଭବ ଆଗକୁ ନେବା ଦାୟିତ୍ୱ ଏବେ ଅନିଲଙ୍କ ଉପରେ। ଟେଲ୍ ଏଣ୍ଡରଙ୍କୁ ସାଥିକରି ତାଙ୍କୁ ଏଠାରେ ଏକ ବଡ଼ ଇନିଂସ ଖେଳିବାକୁ ହେବ। ନାଗାଲାଣ୍ଡ ବୋଲରଙ୍କ ମଧ୍ୟରେ ଇମଲିୱାତି ଲେମଟୁର, ରୋନିତ ମୋରେ ଓ ରଙ୍ଗସେନ ଜୋନାଥନ ୨ଟି ଲେଖାଏ ଏବଂ ଦୀପ୍ ବୋରା ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩/୭ (ଅନିଲ ପରିଡ଼ା-୯୮*, ବିପ୍ଳବ ସାମନ୍ତରାୟ-୯୨, ଇମଲିୱାତି ଲେମଟୁର-୨/୨୫, ରୋନିତ ମୋରେ-୨/୪୫, ରଙ୍ଗସେନ ଜୋନାଥନ-୨/୬୧, ଦୀପ୍ ବୋରା-୧/୨୮)।



କିଟ୍ ଷ୍ଟାଡିୟମରେ ରବିବାର ଶଟ୍ ଖେଳିବା ଅବସରରେ ଅନିଲ ପରିଡ଼ା ଓ ବିପ୍ଳବ ସାମନ୍ତରାୟ।

# ପାକିସ୍ତାନକୁ ହରାଇଲା ଭାରତ

ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)

ଶ୍ରୀଲଙ୍କାର କଲମ୍ବୋଠାରେ ଚାଲିଥିବା ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮ ଉଇକେଟରେ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଦଳ ପକ୍ଷରୁ ମେହେରନ୍ ଅଲି-୬୬ରନ (୪୪ ବଲ୍) ବୁଶ୍ରା ଅଶ୍ରଫ ୪୪ (୩୮ ବଲ୍)ରନ କରିଥିଲେ। ଭାରତ ତରଫରୁ ଫୁଲ ସୋରେନ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ଥ୍ରୁ ଆଣିଥିଲେ। ମିଡଲ ଓଭରରେ ଅନୁ କୁମାରୀ ଶୃଙ୍ଖଳିତ ବୋଲିଂ କରିଥିଲେ। ଗଙ୍ଗା କଦମ ଟାଇଟଲ ବୋଲିଂ କରି ପାକିସ୍ତାନ ବ୍ୟାଟରମାନଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଜବାବରେ ଭାରତ ୧୦.୨ଓଭରରେ ୨ଉଇକେଟ ବିନିମୟରେ ୧୩୬ ରନ କରି ମ୍ୟାଚ ଜିତିନେଇଥିଲା। ଭାରତ ତରଫରୁ ଆନେଖା ଦେବୀ ୬୪ (୩୪ ବଲ୍) ଓ ଅଧିନାୟିକା ଦୀପିକା ଟିସି ୪୫ (୨୧ ବଲ୍) ରନ କରିଥିଲେ। ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତର ଏହା ଥିଲା କ୍ରମାଗତ ୫ମ ବିଜୟ। ସୋମବାର ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ମ୍ୟାଚ ଖେଳାଯିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ